R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୧
ତିଥି : ପ୍ରତିପଦ
୦୮ ସେପ୍ଟେମ୍ବର ୨୦୨୫, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 331
08 Sept 2025, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

# ଆଜିର ରାଜନୀତିରେ ବସନ୍ତ ବିଶ୍ୱାଳଙ୍କ ଭଳି ବ୍ୟକ୍ତିତ୍ୱ ବିରଳ




ଭୁବନେଶ୍ୱର, ୭।୯ (ସବ୍ୟୁ) : ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳ ବିକାଶର ଅନ୍ୟତମ ବିନ୍ଧାଣୀ ଥିଲେ । ରାଜ୍ୟର ସାମଗ୍ରୀକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ । କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଓ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ । ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା । ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି କର୍ମଯୋଗୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସର ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ସ୍ଥାନୀୟ ଜୟଦେବ ଭବନରେ ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ, ବସନ୍ତ ବାବୁ କର୍ମଯୋଗୀ ଭାବେ ତାଙ୍କର ପ୍ରଭାବ ବହୁତ ଥିଲା । ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ଓ ବିଶ୍ୱକର୍ମା ବୋଲି କୁହାଯାଏ । କାରଣ କୌଣସି କାମକୁ ସେ ଅଟକାଇ ରଖୁନଥିଲେ । ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ । କଟକ ଯିବା ରାସ୍ତାରେ ରିଙ୍ଗ୍‌ରୋଡ଼ ଦେଇ ଯିଏ ବି ଯାଆନ୍ତି ତାଙ୍କୁ ଆଜି ବି ମନେ ପକାନ୍ତି ।

ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି, ଯେଉଁ ବ୍ୟକ୍ତି ନିଜର ପରିବାରକୁ ଜଳାଞ୍ଜଳି ଦେଇ ସେବା ମନୋବୃତି ରଖି ଇତିହାସ ସୃଷ୍ଟି କରନ୍ତି, ସେମାନଙ୍କର ଶ୍ରାଦ୍ଧ ଦିବସ ପାଳନ କରାଯାଏ । ମୋର ସାମ୍ବାଦିକତା ସମୟରେ ବନ୍ୟା ଓ ବାତ୍ୟା ଦେଖିଛି । ହେଲେ ୧୯୮୨ ମସିହାରେ ଏହାର ମୁକାବିଲା ପାଇଁ ବସନ୍ତ ବିଶ୍ୱାଳଙ୍କ ପରିଚାଳନା ଯୋଗୁ କଟକ ଏକ ବଡ଼ ବନ୍ୟାରୁ ରକ୍ଷା ପାଇଥିଲା । ବସନ୍ତ ବାବୁ ସାଧାରଣ ମଣିଷଙ୍କ ସହିତ ଜଡ଼ିତ ଥିଲେ । ସମସ୍ୟା ସମ୍ପର୍କରେ ସେ ଅନୁଶୀଳନ କରି ଲୋକଙ୍କ ସମସ୍ୟା ସମାଧାନ କରୁଥିଲେ । ତାଙ୍କୁ କଟକର ଦ୍ୱିତୀୟ ବାଇମୁଣ୍ଡି ବୋଲି କୁହାଯାଏ । ଆର୍ଥିକ ପରିଚାଳନା ହେଉ କିମ୍ବା ଜଳସମ୍ପଦ ବିଭାଗରେ ନିଜର କାର୍ଯ୍ୟ ଦକ୍ଷତା ଦେଖାଇଥିଲେ । କୃଷି ଓ କୃଷକର ବିକାଶ ହିଁ ଓଡ଼ିଶାର ଚାବିକାଠି ବୋଲି ସେ ଜାଣିଥିଲେ । ତାଙ୍କର ଅବଦାନ ଓ କିର୍ତ୍ତୀ ଅବିସ୍ମରଣୀୟ ହୋଇ ରହିବ । ଯେପରି ରାଜୀବ ଭବନ ନିର୍ମାଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିଲା । ସେ ସମସ୍ତଙ୍କୁ ନେଇ ଚାଲିବାର ମାନସିକତା ରଖୁଥିଲେ । ତେଣୁ ତାଙ୍କୁ କର୍ମବୀର ବା କର୍ମଯୋଗୀ ବୋଲି କୁହାଯାଏ । କିଏ କେତେଦିନ କ୍ଷମତାରେ ରହିଲେ ତାହା ବଡ଼କଥା ନୁହେଁ, ବରଂ କିଏ ତାଙ୍କ ସମୟରେ କଣ ଇତିହାସ ସୃଷ୍ଟି କରିଛନ୍ତି ତାହା ବଡ଼କଥା । ଏଭଳି ବ୍ୟକ୍ତି ହେଉଛନ୍ତି ବସନ୍ତ ବାବୁ ବୋଲି ଶ୍ରୀ ଶତପଥୀ ମତ ପ୍ରକାଶ କରିଥିଲେ ।

'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ । ସେ କହିଥିଲେ, କଂଗ୍ରେସ ସରକାର ସମୟରେ ବୃତ୍ତିଗତ ଟିକସ ଲଗାଇବା ଲାଗି ନିଷ୍ପତ୍ତି ହୋଇଥିଲା । ତାଙ୍କ ସମେତ ଆଉ କିଛି ସାମ୍ବାଦିକ ସ୍ୱର୍ଗତ ବିଶ୍ୱାଳଙ୍କୁ ସାକ୍ଷାତ କରି ସାମ୍ବାଦିକ ଓ ଗଣମାଧ୍ୟମ କର୍ମଚାରୀଙ୍କୁ ଏଥିରୁ ବାଦ ଦେବାପାଇଁ ପ୍ରସ୍ତାବ ଦେଇଥିଲେ । ସେ ସମୟରେ ସ୍ୱର୍ଗତ ବିଶ୍ୱାଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ କହି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଛାତ୍ର ଜୀବନରୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ମୁଁ ତାଙ୍କୁ ଜାଣିଛି । ରାଷ୍ଟ୍ରମନ୍ତ୍ରୀ, ଜଳସମ୍ପଦ ଓ ପୂର୍ତ୍ତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ବସନ୍ତ ବାବୁ ପାରଦର୍ଶିତା ଦେଖାଇଛନ୍ତି । ସ୍କାଉଟ୍ସ ଅନୁଷ୍ଠାନକୁ ସେ ଉଚ୍ଚ ଉଚ୍ଚକୋଟିରେ ପହଞ୍ଚାଇବା ସହିତ ତାଙ୍କୁ ହ୍ୱାଇଟ୍ ଏଲିଫ୍ୟାଣ୍ଟ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ସେ ଥିଲେ ପୃଷ୍ଠପୋଷକ, ପ୍ରଶାସକ ଏବଂ କର୍ମ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଯୋଗୁ ତାଙ୍କୁ କର୍ମଯୋଗୀ ବୋଲି କୁହାଯାଏ । ସେ କାର୍ଯ୍ୟରେ ବିଶ୍ୱାସ କରୁଥିଲେ । କୌଣସି ପ୍ରକଳ୍ପ କାର୍ଯ୍ୟ କିପରି ଶେଷ ହେବ ସେ ନିଜେ ନେତୃତ୍ୱ ନେଉଥିଲେ । ସବୁବେଳେ ବସନ୍ତ ବାବୁ ସତ୍ୟ କହୁଥିଲେ । କପଟତା ତାଙ୍କ ଭିତରେ ନଥିଲା । ସେ ସର୍ବଦା ସକରାତ୍ମକ ମନୋଭାବ ରଖି କାର୍ଯ୍ୟ କରୁଥିଲେ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୪-୨୫ ବର୍ଷରେ ମାଟ୍ରିକ ପରୀକ୍ଷାରେ (୯ ପୃଷ୍ଠାରେ)

## ପୂର୍ବ ସିଂହଭୂମି ପୃଥକ ଜିଲ୍ଲା ହେଉ

ଭୁବନେଶ୍ୱର, ୭।୯ (ସବ୍ୟୁ): ପୂର୍ବ ସିଂହଭୂମିକୁ ଏକ ପୃଥକ ଜିଲ୍ଲା କରିବା ପାଇଁ ଝାଡ଼ଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ଦିନେଶ ଷଡଙ୍ଗୀ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସାକ୍ଷାତ କରିଛନ୍ତି । ବାହାରଗୋରା ଫରେଷ୍ଟ ରେଷ୍ଟ ହାଉସ୍‌ରେ ସାକ୍ଷାତ କରି ତାଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବ ସିଂହଭୂମିକୁ ଏକ ପୃଥକ ଜିଲ୍ଲା କରିବା ସହ ଏହାର ମୁଖ୍ୟାଳୟ ଘଟଶିଳାରେ କରାଯାଉ । ସେହିଭଳି ବାହାରଗୋରା ସବ୍‌ଡିଭିଜନ ଓ ନୂଆ ବ୍ଲକ୍ ସର୍କଲ ସମସ୍ତ ପୋଲିସ୍ ଷ୍ଟେସନ ଅଞ୍ଚଳରେ କରାଯାଉ ।


ସେହିଭଳି ଚକୁଳିଆ କାର୍ଗୋ ବିମାନ ବନ୍ଦର ସମ୍ପର୍କରେ ଆଲୋଚନା ହୋଇଛି । ବୁଦ୍ଧମରାଠାରେ ଜମି ଅଧିଗ୍ରହଣ କାର୍ଯ୍ୟକୁ (୯ ପୃଷ୍ଠାରେ)

## ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୯ (ସବ୍ୟୁ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ଦୁଇ ଦିନିଆ ଦିଲ୍ଲୀଗସ୍ତରେ ଯାଉଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସେ ଦିଲ୍ଲୀରେ ଓଡ଼ିଶା ବିଜେପି ସାଂସଦମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ଗତ ୫ରେ ଦିଲ୍ଲୀରୁ ଫେରିଥିଲ। ଏହି ଗସ୍ତ କାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୌଜନମୂଳକ ସାକ୍ଷାତ କରିଥିଲ। ଏହାଛଡା ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମନୋହର ଲାଲ ଖଟରଙ୍କୁ ଭେଟିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ଓଡ଼ିଶା (୯ ପୃଷ୍ଠାରେ)

## ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ

ନୂଆଦିଲ୍ଲୀ, ୭।୯ : ଆଜି ଆକାଶରେ ଲାଲ୍ ଜହ୍ନ ବା ବ୍ଲଡ୍ ମୁନ୍ ଦେଖିବାକୁ ମିଳିଥିଲା । ଆଜି ବର୍ଷର ଦ୍ୱିତୀୟ ତଥା ଶେଷ ଚନ୍ଦ୍ରଗ୍ରହଣ ହୋଇଥିବାରୁ ଏହା ବେଶ ସ୍ୱତନ୍ତ୍ର ଏବଂ ବିରଳ । ଏହି ଲାଲ୍ ଜହ୍ନ ଆକାଶରେ ୮୨ ମିନିଟ୍ ଯାଏଁ ଦୃଶ୍ୟମାନ ହୋଇଥିଲା। ରବିବାର ରାତି ଏବଂ ସୋମବାର ମଝିରେ ଏହି ବିରଳ ମହାଜାଗତିକ ଦୃଶ୍ୟ ଆକାଶରେ ଦୃଶ୍ୟମାନ ହୋଇଥିଲା। ରବିବାର ରାତି ୯.୫୭ ମିନିଟ୍ ୭ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିଥିଲା ଏବଂ ରାତି ୧୨.୨୨ ମିନିଟ୍ ୫୨ ସେକେଣ୍ଡରେ ପୂର୍ଣ୍ଣଗ୍ରାସ ଶେଷ ହୋଇଥିଲା। ରାତି ୧.୨୬ ମିନିଟ୍ ୩୨ ସେକେଣ୍ଡରେ ସର୍ବମୋକ୍ଷ ହୋଇଥିଲା। ରାତି ୧୧.୪୬ ସେକେଣ୍ଡରେ ପୂର୍ଣ୍ଣଗ୍ରାସ ଚନ୍ଦ୍ର ଗ୍ରହଣ ଦୃଶ୍ୟମାନ ହୋଇଥିଲା। ଏହି ବ୍ଲଡ ମୁନ୍ ଭାରତ ସମେତ ଏସିଆ, ୟୁରୋପ, ଆଫ୍ରିକା ଏବଂ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଥିଲା



ବୈଜ୍ଞାନିକଙ୍କ ଭାଷାରେ ବ୍ଲଡ୍ ମୁନ୍ ହେଉଛି ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ। ଏହା ସେତେବେଳେ ଦେଖାଯାଏ ଯେତେବେଳେ ସୂର୍ଯ୍ୟ- ପୃଥିବୀ-ଚନ୍ଦ୍ର ଏକ ସରଳରେଖାରେ ରୁହନ୍ତି । ଯେଉଁ ସମୟରେ ପୃଥିବୀର ଛାଇ ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିଦିଏ । ଯାହା ଫଳରେ ସୂର୍ଯ୍ୟକିରଣ ସିଧାସଳଖ ଚନ୍ଦ୍ର ଉପରେ ପଡିପାରେ ନାହିଁ । ପୃଥିବୀର ବାୟୁମଣ୍ଡଳ ଦେଇ ସୂର୍ଯ୍ୟକିରଣ ସିଧାସଳଖ ନପଡ଼ି ବକ୍ର ଆକାରରେ ଚନ୍ଦ୍ର ଉପରେ ପଡିଥାଏ । ନୀଳ ଏବଂ ବାଇଗଣୀ ରଶ୍ମୀ ବାୟୁମଣ୍ଡଳରେ ବିଚ୍ଛୁରିତ (୯ ପୃଷ୍ଠାରେ)

## ଯୁବକଙ୍କୁ ହତ୍ୟା, ଖେଳପଡ଼ିଆରେ ଶବ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ଖେଳପଡ଼ିଆରେ ପକାଇ ଦେଇଥିଲେ। ରବିବାର ପିଲାମାନେ ଖେଳୁଥିବା ବେଳେ ଶବକୁ ଦେଖିବା ପରେ ମଞ୍ଚେଶ୍ୱର ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ମଞ୍ଚେଶ୍ୱର ଥାନା ପୋଲିସ ଠାରୁ ଘଟଣା ସମ୍ପର୍କରେ ଖବର ପାଇ ବରିଷ୍ଠ ପୋଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚିଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରାଯାଇ ଶବ ଜବତ ହୋଇଛି । ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରୁ ପଠାଇ ଦିଆଯାଇଛି ।

ପିଲାମାନେ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ସାମ୍ନା ପଡିଆରେ ରବିବାର ଅପରାହ୍ନରେ ଫୁଟ୍‌ବଲ ଖେଳୁଥିଲେ । ବଲ ପଡ଼ିଆରେ ଥିବା ଟଏଲେଟ୍ ପଛପାଖକୁ (୯ ପୃଷ୍ଠାରେ)

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୭।୯ (ସବ୍ୟୁ): ସେପେଫମ୍ବର ୮ତାରିଖ, ସୋମବାରରେ ଅନୁଷ୍ଠିତ ହେବାକୁ ଥିବାମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ ରହିବ। ୟୁନିଟ-୨, ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହେବାକୁ ଜନଶୁଣାଣି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପୂର୍ବରୁ (୯ ପୃଷ୍ଠାରେ)

## ୧୫ କୋଟି ସାଇବର ଠକେଇ

# ମା'-ପୁଅ, ଝିଅ ସମେତ ୫ ଗିରଫ



ଭୁବନେଶ୍ୱର, ୭।୯ (ସବ୍ୟୁ) : ୧୫ କୋଟି ଟଙ୍କା ସାଇବର ଠକେଇ କରିଥିବା ଏକ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୋଲିସ। ଗିରଫ ୫ ଜଣଙ୍କ ମଧ୍ୟରେ ମା'-ପୁଅ, ଝିଅ ଥିବାବେଳେ ବିହାରର ମାଷ୍ଟରମାଇଣ୍ଡ ଓ ମୈତ୍ରୀବିହାର ଥାନା ଅଞ୍ଚଳର ଜଣେ ଅଭିଯୁକ୍ତ ଥିବା ପୋଲିସ କହିଛି । ବିହାରର ମାଷ୍ଟରମାଇଣ୍ଡକୁ ମା'ପୁଅ, ଝିଅ ଅଟକ ରଖି ୨୫ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ହୋଟେଲରୁ ମଧ୍ୟ ପୋଲିସକୁ ସୂଚନା ମିଳିଥିଲା । ସାଇବର ଠକେଇ ସମ୍ପର୍କରେ ଚନ୍ଦକା ଥାନାରେ ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦେଇଛନ୍ତି ।

ଉତ୍ତରପ୍ରଦେଶରେ ପ୍ରୟାଗରାଜରେ ବିହାରର ମାଷ୍ଟରମାଇଣ୍ଡ ସମୀର କୁମାର ଭୁବେ (୩୫)ଙ୍କ ସହ ଚନ୍ଦକା ଥାନା ଅଞ୍ଚଳର ଅମିତାରାଣୀ ରାଉତ (୫୦), ପୁଅ ଚିରଞ୍ଜୀବ ରାଉତ (୨୧) ଓ ଝିଅ ଆକାଂକ୍ଷା ରାଉତ (୨୧)ଙ୍କ ସହ ସାକ୍ଷାତ ହୋଇଥିଲା । ସାକ୍ଷାତ ହେବା ପରେ ଉଭୟଙ୍କ ମଧ୍ୟରେ ଭାବବିନିମୟ ହୋଇଥିଲା । ସେମାନଙ୍କ ମଧ୍ୟରେ ଆଲୋଚନା ସମୟରେ ସମୀର ମା'ପିଲାଙ୍କୁ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲା । ତାଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରେ ଯେତେ ଟଙ୍କା କାରବାର ହେବ ସେ ଟଙ୍କାର ୧.୪% ସେମାନଙ୍କୁ ଦିଆଯିବ ବୋଲି ସମୀର କହିଥିଲା । ଏମାନେ ଲୋଭରେ ପଡି ବ୍ୟାଙ୍କ ଆକାଉଣ୍ଟ ମାଷ୍ଟରମାଇଣ୍ଡ ସାଇବର ଠକ ସମୀରକୁ ଦେଇଥିଲେ । ଦେଇଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟ୍‌ରେ ୫କୋଟି, ୩କୋଟି, ଦେଢକୋଟି ଟଙ୍କା କାରବାର ହୋଇଥିବା ବେଳେ ସମୀର ମା'ପିଲାଙ୍କୁ ଚୁକ୍ତି ଅନୁଯାୟୀ ଟଙ୍କା ଦେଇନଥିଲା। ଯାହା ଫଳରେ ଯୋଜନା କଲେ ସମୀରକୁ ନିଜ ଘରକୁ ଡକାଇ ଅଟକାଇ ରଖି ୨୫ଲକ୍ଷ ଟଙ୍କା ଦାବି କରିଥିଲେ ବୋଲି ସମୀର ଅଭିଯୋଗ କରିଛି । ସମୀର ଅଭିଯୋଗ ଅନୁଯାୟୀ ଜମିବାଡି କାମକୁ ନେଇ ସେ ଓଡ଼ିଶା ଆସିଥିବା ବେଳେ ଏମାନେ ତାକୁ ଅଟକାଇ ମୁଣ୍ଡଜାମିନ ଦାବି (୯ ପୃଷ୍ଠାରେ)

## ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା : ପାଣି ଘେରରେ ୪ ପଞ୍ଚାୟତ




ରାଜନଗର,୭।୯ (ସବ୍ୟୁ): ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା ଆସିଛି ଫଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି । ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପ୍ରଭୃତି ୪ଗୋଟି ପଞ୍ଚାୟତ ପାଣି ଘେରରେ ରହିଛି । ଗତ ୨ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି ।

୪ ଗୋଟି ପଞ୍ଚାୟତର ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୫ ଫୁଟର ବନ୍ୟା ପାଣି ଲହଡି ଭାଙ୍ଗୁଛି । ତଳିଆ ଅଞ୍ଚଳ ର ଚାଷଜମି ଉପରେ ବନ୍ୟାପାଣି ଜମିରହିଛି । ବନ୍ୟା ଅଞ୍ଚଳରେ କୁମ୍ଭୀର ଓ ସାପଙ୍କ ଯୋଗୁଁ ଲୋକମାନେ ବନ୍ୟାପାଣିରେ ଯାତାୟତ କରିବାକୁ ଭୟ କରୁଛନ୍ତି । ଓସ୍ତିଆ ପଞ୍ଚାୟତର ନଗଡ ଗାଁ ବନ୍ୟାପାଣି ଘେରରେ ରହିଛି । ରାସ୍ତା ଉପରେ ୫ ଫୁଟର ପାଣି ଚାଲୁଛି । ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି ଗାଈ ଗୋରୁ, ଛେଳି-ମେ,,। ପ୍ରଭୃତି ଖାଦ୍ୟ ଅଭାବରୁ ଭୋକରେ ଥିବା ଜଣାପଡିଛି । ଓସ୍ତିଆ ପଞ୍ଚାୟତର ଉପର ଓସ୍ତିଆ, ତଳ ଓସ୍ତିଆ ବନ୍ଧପାଟଣା, ନଗଡ, ନଳଦିଆ, କଟକଣା, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଦାଣ୍ଡି ବଳଭଦ୍ରପୁର, ଗୋବିନ୍ଦପୁର ଚକିବାଙ୍କ ପ୍ରଭୃତି ରାସ୍ତାରେ ୪ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଛି । ବଳଭଦ୍ରପୁର ରାଜପୁର ରାସ୍ତାରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ଲହଡି ଭାଙ୍ଗୁଛି । ଗାଁର (୯ ପୃଷ୍ଠାରେ)



# ଜୀବନଶୈଳୀ ବଢ଼ାଉଛି କୁ-ପୋଷଣ

ବ୍ୟସ୍ତବହୁଳ ଜୀବନର ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି ଆମର ପୋଷଣ ଉପରେ । ଏହା ଭାରତୀୟଙ୍କର ପୋଷଣତତ୍ୱ ଅଭାବକୁ ବଢ଼ାଉଛି ବୋଲି ନିକଟରେ ଗବେଷଣାରେ ଜଣାପଡ଼ିଛି । ଅନେକ ସମୟରେ ଦେଖିବାକୁମିଳେ କିଛି ଲୋକ ସକାଳର ଜଳଖିଆକୁ ଭୁଲିଯାଆନ୍ତି । ସମୟ ଅଭାବ କାରଣରୁ କେବଳ ଚା ଜଳଖିଆରେ ଚଳାଇ ଦିଅନ୍ତି । ହେଲେ ଏହା ଖୁବ ମାରାତ୍ମକ । ସକାଳର ଜଳଖିଆ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ହେଲେ ଅନେକ ସମୟରେ ଏଭଳି ଦେଖିବାକୁମିଳେ କି ଭାରତୀୟ ମାନେ ବିଶେଷ ଭାବେ ଏକାଥରେ ମଧ୍ୟାହ୍ନ ଭୋଜନ କରନ୍ତି । ତେବେ ଏଭଳି ଅଭ୍ୟାସ କାରଣରୁ ଅନେକ ରୋଗ ଯେପରି ଫଟିଗୋ, ଲୋ ଏନର୍ଜି, ଅନିୟନ୍ତ୍ରିତ ଭାବେ ଓଜନ ବଢ଼ିବା, ଏସିଡିଟି, ନିଦ୍ରାହିନତା ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏଭଳି ଜୀବନଶୈଳୀ ମଧୁମେହ, ଉଚ୍ଚ ରକ୍ତଚାପ, ମେଦବହୁଳତାର ମଧ୍ୟ କାରଣ ସାଜୁଛି । ତେଣୁ ବ୍ୟସ୍ତବହୁଳ ଜୀବନରେ ମଧ୍ୟ ଆମକୁ ଆମର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି । ବିଶେଷଭାବେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

୧୫୦୪– ଇଟାଲୀର ଫ୍ଲୋରେନ୍ସରେ ମାଇକେଲଆଞ୍ଜେଲୋଙ୍କ ପ୍ରସିଦ୍ଧ କଳାକୃତି ଡେବିଡ୍‌ର ଲୋକାର୍ପଣ ।

୧୯୦୦– ଟେକ୍ସସ୍‌ରେ ହୋଇଥିବା ଝଡବାତ୍ୟାରେ ୬ ହଜାର ଲୋକଙ୍କ ମୃତ୍ୟୁ ।

୧୯୨୬– ମହାନ ସଙ୍ଗୀତକାର ଏବଂ ଗାୟକ ଭୁପେନ ହଜାରିକାଙ୍କ ଜନ୍ମ ।

୧୯୩୩– ୧୬ ହଜାରରୁ ଅଧିକ ଗୀତ ଗାଇଥିବା ଆଶା ଭୋଶଁଲେଙ୍କ ଜନ୍ମ ।

୧୯୫୨– ଜେନେଭାରେ କପିରାଇଟ୍ ପାଇଁ ପ୍ରଥମ ବିଶ୍ୱ ସମ୍ମିଳନୀରେ ଭାରତ ସମେତ ୩୫ଟି ଦେଶ ଅଂଶଗ୍ରହଣ କଲେ ।

୧୯୬୦– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ୱାମୀ ଫିରୋଜ ଗାନ୍ଧୀଙ୍କ ଦେହାନ୍ତ ।

୧୯୬୬– ୟୁନେସ୍କୋ ତରଫରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶୁଭାରମ୍ଭ ।

୨୦୦୮– ଆମେରିକୀୟ ଫୋର୍ବ୍ସ ମାଗାଜିନ୍ ତରଫରୁ ଭାରତୀୟ ବିଲିଓନାରୀ ଲକ୍ଷ୍ମୀ ମିତ୍ତଲଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ ନେଇ ଘୋଷଣା ।

# ପେପର୍ ହାଉସ୍

ବିଶ୍ୱରେ କ୍ରିଏଟିଭ୍ ଲୋକଙ୍କର କୌଣସି ଅଭାବ ନାହିଁ । ଗୋଟିଏ ଜିନିଷକୁ ଦେଖି ଆମେ କିଛି ଭିନ୍ନ ଭାବିଥାଉ, ହେଲେ ତାହା ପ୍ରକୃତରେ କିଛି ଅଲଗା ଥାଏ ।



ଅର୍ଥାତ୍ ଯାହା ଆମକୁ ବେକାର ଲାଗିଥାଏ, ତାହା କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବ୍ୟବହୃତ ହୋଇଥାଏ । ଏହାର ଏକ ନିଛକ ଉଦାହରଣ ଆମେରିକାରେ ଦେଖିବାକୁ ମିଳିଛି । ସାଧାରଣତଃ ପୁରୁଣା ଖବରକାଗଜକୁ ଲୋକେ ବିକ୍ରି କରିଦିଅନ୍ତି କିମ୍ବା କୌଣସି ଛୋଟମୋଟ କାର୍ଯ୍ୟରେ ବ୍ୟବହାର କରନ୍ତି । ହେଲେ ଆମେରିକାର ମାସାଚ୍ୟୁସେଟ୍ସରେ ପୁରୁଣା ଖବରକାଗଜ ସାହାଯ୍ୟରେ ଏକ ସମ୍ପୂର୍ଣ୍ଣ ଘର ନିର୍ମାଣ କରାଯାଇଛି । କେବଳ ଏତିକି ନୁହେଁ, ବରଂ ଘର ସହିତ ଘରର ଆସବାବପତ୍ରକୁ ମଧ୍ୟ ପୁରୁଣା ଖବରକାଗଜକେ ପ୍ରସ୍ତୁତ କରାଯାଇଛି ।

ଦୀର୍ଘ ୧୦୦ ବର୍ଷ ହେବ ଏହି ଘର ଏଠାରେ ରହିଥିବାବେଳେ ମେକାନିକାଲ୍ ଇଞ୍ଜିନିଅର୍ ଏଲିସ୍ ଷ୍ଟେନ୍‌ମ୍ୟାନ୍ ୧୯୨୨ରେ ଏହି ଘରଟିକୁ ନିର୍ମାଣ କରିଥିଲେ । ଖବରକାଗଜରେ କୌଣସି ଜିନିଷ କେତେଦିନ ପର୍ଯ୍ୟନ୍ତ ରହିପାରିବ ବୋଲି ସେ ଦେଖିବାକୁ ଚାହୁଁଥିଲେ, ଯାହାଫଳରେ ଏହି ଘରକୁ ନିର୍ମାଣ କରିଥିଲେ । ପେପର୍ ହାଉସ୍ ନାମକ ଏହି ଘରକୁ ମୋଟ ୧ ଲକ୍ଷ ପୁରୁଣା ଖବରକାଗଜକୁ ବାର୍ଣ୍ଣିସ୍ କରାଯାଇ ନିର୍ମାଣ କରାଯାଇଛି । ଘରର ଛାତ, କାନ୍ଥ ଓ ଫ୍ରେମ୍ ମଧ୍ୟ ଖବରକାଗଜରେ ନିର୍ମିତ । ଏହାର କବାଟ ମଧ୍ୟ ଖବରକାଗଜରେ କରାଯାଇଥିବାବେଳେ ଏହାର ମୋଟେଇ ହେଉଛି ଅଧ ଇଞ୍ଚ । ସେହିପରି ବାର୍ଣ୍ଣିସ୍ ଓ ରୋଲ୍ କରାଯାଇ ଘରର ଆସବାବପତ୍ରକୁ ନିର୍ମାଣ କରାଯାଇଛି । ଏଥିରେ ଟେବଲ୍, ଘଣ୍ଟା, ଆଲମାରୀ, ଲ୍ୟାମ୍ପ ଆଦି ସାମିଲ ରହିଛି । ଏହି ପେପରହାଉସ୍‌କୁ କରିବା ପାଇଁ ୨୦ ବର୍ଷ ସମୟ ଲାଗିଥିଲା । ତେବେ ଏହି ଘରଟିକୁ ସର୍ବସାଧାରଣଙ୍କ ପାଇଁ ଏପ୍ରିଲ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ଖୋଲା ରଖାଯାଏ ।

## ସୋସିଆଲ କୋଟ୍ସ



“ଜୀବନରେ ଅନେକ ଫ୍ଲପ ଫିଲ୍ମ ଦେଖିଛି । ଯେତେବେଳେ କ୍ୟାରିୟର ଆରମ୍ଭ କରିଥିଲି ଫିଲ୍ମ ଫ୍ଲପ ହେବାରୁ ଆତ୍ମହତ୍ୟାର ଭାବନା ମନକୁ ଆସିଥିଲା । ବହୁ କଷ୍ଟରେ ନିଜକୁ ସମ୍ଭାଳି ଆଗକୁ ବଢ଼ିଥିଲି ।

ବିଧୁ ବିନୋଦ ଚୋପ୍ରା, ଫିଲ୍ମମେକର



“ଅଭିନୟ ଠାରୁ ନିର୍ଦ୍ଦେଶନା ମୋ ପାଇଁ ଲକି ସାବସ୍ତ୍ୟ ହୋଇଥିଲା । ଫିଲ୍ମ ତିଆରି କରିବା ଆରମ୍ଭ କରିବା ପରେ ମୋ ଭାଗ୍ୟ ବଦଳିଥିଲା ।

ରାକେଶ ରୋଶନ, ଫିଲ୍ମମେକର



“କୋଲକାତା ସରକାର ଯାହା କରୁଛନ୍ତି ତାହା ଅତି ଦୁର୍ଭାଗ୍ୟଜନକ । ଆମେ ଏହା ଉପରେ ନ୍ୟାୟିକ ପଦକ୍ଷେପ ନେବୁ ।

ବିବେକ ଅଗ୍ନିହୋତ୍ରି, ଫିଲ୍ମମେକର

## ମନେପଡ଼େ

# ଖୁସି ଦେଇଥାଏ ଫ୍ୟାଶନ



ସୋନମ କପୁର ସବୁବେଳେ ନିଜ ଫ୍ୟାଶନ ଷ୍ଟେଟମେଣ୍ଟ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ନିଜର ଷ୍ଟାଇଲ ପାଇଁ ଫ୍ୟାନଙ୍କର ସେ ଖୁବ ପ୍ରିୟ । ଅନେକ ଫ୍ୟାନ ତାଙ୍କ ଫ୍ୟାଶନକୁ ସବୁବେଳେ ଫଲୋ କରନ୍ତି । ତାଙ୍କର କାଜୁଆଲ ଆପିଅରାନ୍ସ ଠାରୁ ଆରମ୍ଭ କରି ରେଡ କାର୍ପେଟ ଲୁକ ସବୁ ଚର୍ଚ୍ଚାରେ ରହିଥାଏ । ନିକଟରେ ନିଜର ବି-ଟାଉନ ଡେବ୍ୟୁ ସମୟର ଫ୍ୟାଶନକୁ ନେଇ ମନ ଖୋଲି କଥା ହୋଇଛନ୍ତି । ସେ ସମୟରେ ରେଡ କାର୍ପେଟ ଲୁକ୍ ବୋଲି କିଛି ନଥିଲା । ତାଙ୍କର ବିଟାଉନ୍‌ରେ ଏଣ୍ଟ୍ରି ପଛର କାରଣ ଅଭିନୟ ଯେତିକି ଫ୍ୟାଶନ ମଧ୍ୟ ସେତିକି ବୋଲି ସୋନମ ତାଙ୍କ ଷ୍ଟେଟମେଣ୍ଟରେ କହିଛନ୍ତି । ତାଙ୍କ ମା’ ଫ୍ୟାଶନ ସହିତ ଜଡିତ ଥିଲେ ତେଣୁ ପିଲାଦିନୁ ତାଙ୍କୁ ଫ୍ୟାଶନେବଲ ରହିବାକୁ ଭଲ ଲାଗିଥାଏ । ଫ୍ୟାଶନ ସବୁବେଳେ ତାଙ୍କୁ ଖୁବ ଆନନ୍ଦ ପ୍ରଦାନ କରିଥାଏ ବୋଲି ସୋନମ କହିଛନ୍ତି । ଛୋଟ ପିଲାବେଳୁ ତାଙ୍କର ଫ୍ୟାଶନ ପାଇଁ କ୍ରେଜ ଥିବା ସେ ଏହି ସାକ୍ଷାତକାରରେ କହିଛନ୍ତି ।

# ବଦାନ୍ୟ ଅକ୍ଷୟ



କିଛି ଦିନହେବ ପଞ୍ଜାବରେ ବନ୍ୟାସ୍ଥିତି ଲାଗି ରହିଛି । ଯେଉଁଥିପାଇଁ ସେଠିକାର ବାସିନ୍ଦା ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ତେବେ ଏହି ଅଧିବାସୀଙ୍କୁ ସରକାରଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି । ଏଥିରେ ଅନେକ ବଲିଉଡ ଷ୍ଟାର ସାମିଲ ଅଛନ୍ତି, ଯେଉଁମାନେ ପଞ୍ଜାବକୁ ସହାୟତାର ହାତ ବଢ଼ାଉଥିବାର ଦେଖିବାକୁ ମିଳୁଛି । ଏହି ତାଲିକାରେ ସାମିଲ ହୋଇଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର । ଯିଏ ୫କୋଟି ଟଙ୍କା ପଞ୍ଜାବ ବାସୀଙ୍କ ପାଇଁ ପ୍ରଦାନ କରିଛନ୍ତି । ଏହାକୁ ସେ ଦାନ ନୁହେଁ ବରଂ ପଞ୍ଜାବବାସୀଙ୍କ ପାଇଁ ସେବା ବୋଲି ଆଖ୍ୟା ଦେଇଛନ୍ତି । ତେବେ କେବଳ ଅକ୍ଷୟ କୁମାର ନୁହେଁ ଅନେକ ସେଲିବ୍ରିଟି ଏଥିରେ ସାମିଲ ହେବାରେ ଲାଗିଛନ୍ତି । ଏହି ତାଲିକାରେ ରଣଦୀପ ହୁଡ୍ଡା, କପିଲ ଶର୍ମା, ଦିଲ୍‌ଜିତ ଦୋସାଞ୍ଜା, ଏମି ୱାର୍କ, ଅର୍ଜୁନ ଢିଲ୍ଲୋନଙ୍କ ଅନେକ କଳାକାର ସାମିଲ ଅଛନ୍ତି । ସେମାନେ ସମସ୍ତେ ହୃଦୟରୁ ପଞ୍ଜାବ ବାସୀଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଛନ୍ତି ।

# କେଶକୁ ରଖନ୍ତୁ କଳା



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଜର ଯତ୍ନନେବାକୁ କାହାରି ପାଖରେ ସମୟ ନାହିଁ । ତେଣୁ ଏହାର ସିଧାସଳଖ ପ୍ରଭାବ ଆମ କେଶ ଉପରେ ପଡୁଛି । କେଶ ଅଦିନରେ ପାଚୁଛି । ତେବେ କିଛି ଘରୋଇ ଉପାୟ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆପଣ ନିଜ କେଶକୁ ପାଚିବାରୁ ମୁକ୍ତ କରିପାରିବେ । ପିଆଜ ଚୋପା ନିଅନ୍ତୁ ଏହାକୁ ପ୍ରଥମେ ଭାଜି ନିଅନ୍ତୁ । ଏହାକୁ ଭାଜି କଳା ପକାଇବା ପରେ ଏହାକୁ ଗୁଣ୍ଡ କରନ୍ତୁ । ଏହାପରେ ଏଥିରେ ନଡିଆ ତେଲ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ତେଲକୁ ଚୁଟିରେ ମାଲିସ କରନ୍ତୁ ଏବଂ କିଛି ସମୟ ରଖି ଚୁଟି ଧୋଇ ନିଅନ୍ତୁ । ଏପରି ପ୍ରତିଦିନ କରିବା ଫଳରେ ଖୁବ କମ୍‌ଦିନରେ ଆପଣଙ୍କ କେଶ କଳା ହୋଇଯିବ । ଚୁଟି ପାଇଁ ପିଆଜ ଖୁବ ଭଲ ହୋଇଥାଏ । ଏହା ଆମର ଚୁଟିକୁ କଳା କରିବା ସହିତ ମଜବୁତ କରିଥାଏ । ସେହିଭଳି ନଡିଆ ତେଲରେ ଥିବା ପୋଷଣ ତତ୍ୱ ଆମର ଚୁଟିପାଇଁ ବେଶ ଭଲ ହୋଇଥାଏ ।

# ସେରମ୍ ଲଗାଇବାର ସତର୍କତା

**ତ୍ୱଚାକୁ ଉଜ୍ଜ୍ୱଳ କରିବା ଲାଗି ଲୋକେ ବିଭିନ୍ନ ପ୍ରକାରର ପ୍ରଡକ୍ଟ ବ୍ୟବହାର କରୁଛନ୍ତି । ରେଡିମେଡ୍ ସାମଗ୍ରୀ ସହିତ ଏଭଳି ଅନେକ ସ୍କିନ୍ କେୟାର ଟ୍ରିଟ୍‌ମେଣ୍ଟ କରାଯାଉଛି, ଯାହାଦ୍ୱାରା ତ୍ୱଚା ଖୁବ୍ ଗ୍ଲୋ କରିଥାଏ । ବିଶେଷକରି ମହିଳାମାନେ ନିଜ ତ୍ୱଚାକୁ ଅଧିକ ଉଜ୍ଜ୍ୱଳ ରଖିବା ଲାଗି ସବୁବେଳେ କିଛି ନା କିଛି ଆପ୍ଲାଏ କରନ୍ତି । ଆଜିକାଲି ବଜାରରେ ଅନେକ ସେରମ୍ ମିଳୁଛି, ଯାହାକୁ ଲଗାଇବା ଦ୍ୱାରା ତ୍ୱଚା ଅଧିକ ଗ୍ଲୋ କରେ । ହେଲେ ସେରମ୍ ବ୍ୟବହାର କରିବା ସମୟରେ କିଛି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ, ନଚେତ୍ ତ୍ୱଚା ଖରାପ ହେବାର ସମ୍ଭାବନା ରହିଛି ।**

- ସେରମ୍ ଲଗାଇବା ପୂର୍ବରୁ ସର୍ବପ୍ରଥମେ ତ୍ୱଚାକୁ ଭଲଭାବେ ସଫା କରିନିଅନ୍ତୁ । ଯଦି ଆପଣ ମଇଳା ମୁହଁରେ ସେରମ୍ ଲଗାଉଛନ୍ତି ତେବେ ତ୍ୱଚାରେ ଥିବା ମଇଳା ସବୁଦିନ ପାଇଁ ଜମିଯିବ । ଏହାଦ୍ୱାରା ତ୍ୱଚା ଖୁବ୍‌ଶୀଘ୍ର ଖରାପ ହୋଇଯିବ । ତେଣୁ ତ୍ୱଚାକୁ ସଫା କରିବା ପରେ ହିଁ ସେରମ୍ ବ୍ୟବହାର କରନ୍ତୁ ।
- ପ୍ରାୟ ସମୟରେ ମହିଳାମାନେ ଜଲଦି ଜଲଦିରେ ଡ୍ରପର୍ ସାହାଯ୍ୟରେ ସେରମ୍ ଲଗାନ୍ତି । ଏଭଳି କରିବା ଦ୍ୱାରା ଡ୍ରପର୍‌ରେ ମଇଳା ଲାଗିଯାଏ ଏବଂ ମଇଳା ଡ୍ରପର୍ ସାହାଯ୍ୟରେ ବୋତଲ ମଧ୍ୟକୁ ପଳାଏ । ଯାହାଦ୍ୱାରା ପୁନଶ୍ଚ ଏହି ସେରମ୍‌କୁ ତ୍ୱଚାରେ ଲଗାଇବା ଦ୍ୱାରା ସଂକ୍ରମଣ ହେବାର ଆଶଙ୍କା ବଢ଼ିଯାଏ । ତେଣୁ ସବୁବେଳେ ହାତରେ ସେରମ୍ ନେଇ ତ୍ୱଚାରେ ଲଗାଇବା ଉଚିତ ।



- ଅଧିକ ସେରମ୍ ଲଗାଇବାକୁ ଆଭଏଡ୍ କରନ୍ତୁ । କାହିଁକି ନା ଅଧିକରୁ ଅଧିକ ସେରମ୍ ଲଗାଇବା ଦ୍ୱାରା ତ୍ୱଚା ତେଲିଆ ହୋଇଯାଏ । ଏପରି ସ୍ଥଳେ ତ୍ୱଚାରେ ବ୍ରଣ ସମସ୍ୟା ଦେଖାଯିବାର ସମ୍ଭାବନା ବୃଦ୍ଧି ପାଏ । ତେଣୁ କେବଳ ୩ରୁ୪ ବୁନ୍ଦା ସେରମ୍‌କୁ ନେଇ ତ୍ୱଚାରେ ଲଗାନ୍ତୁ ।
- କେବେ ବି ସେରମ୍‌କୁ ମୁହଁରେ ରଗଡ଼ିକି ଲଗାନ୍ତୁ ନାହିଁ । ଏହାଦ୍ୱାରା ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ହାଲକା ହାତରେ ସେରମ୍‌କୁ ତ୍ୱଚାରେ ଆପ୍ଲାଏ କରନ୍ତୁ ।
- ସେରମ୍ କିଣିବା ବେଳେ ସର୍ବଦା ସ୍କିନ୍ ଟାଇପ୍‌କୁ ଦେଖି ସେରମ୍ କିଣନ୍ତୁ । ଯେକୌଣସି ସ୍କିନ୍ ଟାଇପ୍‌ର ସେରମ୍ ଲଗାଇଲେ ତ୍ୱଚା ଉପରେ ନକରାତ୍ମକ ପ୍ରଭାବ ପକାଇବ । ତେଣୁ ସବୁବେଳେ ନିଜ ସ୍କିନ୍ ଟାଇପ୍‌ର ସେରମ୍ ହିଁ ବ୍ୟବହାର କରନ୍ତୁ ।

# ବସନ୍ତ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା





ଯୁକ୍ତ ୨ ବିଜ୍ଞାନରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଙ୍କ ପାଇଁ ପ୍ରଦାନ କରାଯାଉଛି ପ୍ରଶଂସା ପତ୍ର



ସମ୍ବର୍ଦ୍ଧିତ ହେଉଛନ୍ତି ବିଶିଷ୍ଟ ସାହିତ୍ୟିକା ପ୍ରଫେସର ମନୋରମା ବିଶ୍ୱାଳ ମହାପାତ୍ର



ଧାବକ ଅମିୟ କୁମାର ମଲ୍ଲିକ



ସ୍କାଉଟ୍‌ଗାଇଡ୍ ସଂଗଠନ ସଂପାଦକ ଶରତ ଚନ୍ଦ୍ର ପାଇକରାୟ



ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର




ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି



ଅତିଥି ତଥା ପିସିସି ସଭାପତି ଭକ୍ତ ଦାସଙ୍କ ସହିତ ରଞ୍ଜୀବ ବିଶ୍ୱାଳ





ବକ୍ତବ୍ୟ ରଖୁଛନ୍ତି ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ବିଜେଡ଼ିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ପିସିସି ସଭାପତି ଭକ୍ତ ଚରଣ ଦାସ

# ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣୀ : ୩୧୦ ମୂର୍ତ୍ତି ବିସର୍ଜିତ

କଟକ(ସବ୍ୟୁ): ସହରର ବିଭିନ୍ନ ପୂଜା ମଣ୍ଡପରୁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମେଲାଣି ନେଉଛନ୍ତି ଗଜାନନ । ଧୁମ୍‌ଧାମରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଛି । ଗଜାନନଙ୍କ ପୂଜାକୁ କଟକ ବାସିନ୍ଦା ବେଶ ଜାକଜମକରେ କରିଥିବାବେଳେ ବିଘ୍ନବିନାଶକଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବିଦାୟ ଦିଆଯାଇଛି । ଆଜି ସକାଳୁ କଟକରର ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା । ଚନ୍ଦ୍ର ଗ୍ରହଣ ଯୋଗୁ ରାତି ୯ଟା ସୁଦ୍ଧା ବିସର୍ଜିତ କରାଯାଇଥିଲା । ୩୧୦ଟି ମେଢ଼ ବିସର୍ଜନ ପାଇ ତାଲିକା ହୋଇଥିବା ବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସାହି ସାହିରେ ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ମେଢ ଗୁଡ଼ିକୁ ଦେଖିବାକୁ ରାସ୍ତା କଡ଼ରେ ଭିଡ଼ ଲଗାଇଥିଲେ ସହରବାସୀ । ଶିଙ୍ଘ ବାଜା, ହୁଲୁହୁଲି, ମାଦାଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜାରେ କମ୍ପିଥିଲା ସାରା ସହର । ପୁରୀଘାଟ ସମେତ ସହରର ୯ଟି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟରେ ଛୋଟବଡ଼ ୩୧୦ଟି ମୂର୍ତ୍ତି ବିସର୍ଜିତ ହୋଇଛନ୍ତି । ଗତ ରବିବାର ପ୍ରଥମ ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବ କରା ଯାଇଥିଲା । କମିଶନରେଟ୍ ପୁଲିସ ଦ୍ୱାରା ପଞ୍ଜୀକୃତ ହୋଇଥିବା ୩୮୦ଟି ମେଢ଼ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିସର୍ଜିତ ହୋଇଥିଲେ । ଏବଂ ଛୋଟ ଛୋଟ ମଣ୍ଡପ ଗୁଡ଼ିକରେ ପୂଜା ପାଉଥିବା ପାଖାପାଖି ୫୦ରୁ ଅଧିକ ମୂର୍ତ୍ତି ମଧ୍ୟ ବିସର୍ଜନ କରାଯାଇଥିଲା । ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୧୦ଟି ମୂର୍ତ୍ତି ବିସର୍ଜନ କରାଯିବା ପରେ ସହରରେ ମୋଟ୍ ୬୯୦ଟି ମେଢ଼ ବିସର୍ଜିତ ହୋଇଛନ୍ତି । ପୂର୍ବ ପରି ବିଭିନ୍ନ କ୍ଲବ୍‌ର ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା । ରାତି ୯ଟାରେ ବ୍ୟାଣ୍ଡ ବାଜା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । କେବଳ ଢ଼ୋଲ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବ୍ ଗୁଡ଼ିକ ପକ୍ଷରୁ ମୂର୍ତ୍ତି ବିସର୍ଜନ କରା ଯାଇଥିଲା ।





ବକ୍ତବ୍ୟ ରଖୁଛନ୍ତି ସମୟର ମୁଖ୍ୟ ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର, ସ୍ମୃତି କମିଟିର କୋଷାଧ୍ୟକ୍ଷ ନାରାୟଣ ଜେନା ଓ ଉପଦେଷ୍ଟା ମାନସ ଚୌଧୁରୀ



ଧନ୍ୟବାଦ ଅର୍ପଣ କରୁଛନ୍ତି ସମୟର ପ୍ରକାଶକ ସତ୍ୟନାରାୟଣ ମହାନ୍ତି



ସଭାପତି ଅଭିଭାଷଣ ରଖୁଛନ୍ତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର



ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷ

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ଆଜି ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ ଅଟେ । ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବାରୁ ଏହାର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ପ୍ରତିଷ୍ଠା ଦିବସ ଉତ୍ସବରେ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପ୍ରଜ୍ଞା', ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ପରେ ପରେ ଏସଜିଏଫଆଇ



ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ଶେଷରେ ପରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ "ଗୁରୁଦକ୍ଷିଣା" ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନରୁ ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ସଚିବ ଶ୍ରୀମତୀ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିଷଦର କର୍ମକର୍ତ୍ତା ଆଦି ଯୋଗଦେଇଥିଲେ ।

# ଫସଲ ସୁରକ୍ଷା ପାଇଁ ପ୍ରସ୍ତୁତି ବୈଠକ

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗରୁଡ଼ଗାଁ ପଂଚାୟତ ସପନପୁର ସ୍ଥିତ ମହିମା ଅଲେଖ ପର୍ଯ୍ୟଟନ ସ୍ଥଳୀ ପରିସରରେ ଫସଲ ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ମହିମା ଅଲେଖ ସାଧୁ ଶୁକଦେବ ଦାସ ପୌରୋହିତ୍ୟ କରିଥିବା ବେଳେ ପ୍ରାକ୍ତନ ସରପଂଚ ସୁବୋଧ କୁମାର ସାମଲ, ହରମୋହନ ପ୍ରଧାନ, ଧନେଶ୍ୱର ନାୟକ, ଉଦ୍ୟାନବିତ୍ ପ୍ରଶାନ୍ତ କୁମାର ବସ୍ତିଆ ଯୋଗଦେଇ ଶାଳଗାଁ, ସଫା, କରଞ୍ଜି, ଗରୁଡ଼ଗାଁ, ବ୍ରହ୍ମପୁର, କହ୍ନେଇପୁର ପ୍ରଭୃତି ପଂଚାୟତର ବିଭିନ୍ନ ଗ୍ରାମରେ ଜଙ୍ଗଲୀ ବାରହା, ମଇଁଷି ଓ ହାତୀ ଧାନ ଫସଲ ନଷ୍ଟ କରୁଥିବା ବେଳେ ଏଥିପାଇଁ ଚାଷୀମାନେ ବହୁ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି । ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି କରିବା ପାଇଁ ଆଂଚଳିକ ସୁରକ୍ଷା ମଂଚ ଗଠନ କରାଯାଇଥିଲା । ପ୍ରତ୍ୟେକ ପଂଚାୟତରୁ ୪ଜଣ ଲେଖାଏଁ ସଦସ୍ୟ ମନୋନୀତ କରାଯିବା ସହ ଆଗାମୀ ଦିନରେ ବଡ଼ କୃଷକ ସମାବେଶ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତପ୍ରକାଶ ପାଇଥିଲା । ସମାଜସେବୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବାସ ଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ମହାନ୍ତି, ଚିନ୍ମୟ ଧଳ, ଗଣେଶ୍ୱର ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିବା ବେଳେ ରକ୍ଷ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଲୋକଙ୍କ ସେବା ଲାଗି ରବିବାର ଛୁଟି ଦିନରେ ବି କାର୍ଯ୍ୟ କରୁଛନ୍ତି

# ନିଖୋଜ ନାବାଳକ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ନିଖୋଜ ହେବାର ୪ଦିନ ପରେ ନାବାଳକଙ୍କୁ ଉଦ୍ଧାର କରିଛି କ୍ୟାପିଟାଲ ଥାନା ପୋଲିସ । ଉଦ୍ଧାର ନାବାଳକ ଓମ୍ ମୁଖିଆ (୧୬)ଙ୍କୁ ତାଙ୍କ ମା'ଙ୍କୁ ପୋଲିସ ହସ୍ତାନ୍ତର କରିବା ପରେ ସେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ୪ଦିନ ତଳେ କରାଟ୍ ସ୍କୁଲକୁ ଯାଇ ଆଉ ଘରକୁ ଫେରିନଥିଲେ । କାରଣ ଘରୁ ସେ ରାଗିକରି ଯାଇଥିବାରୁ ବାହାରେ ବୁଲାଚଲା କରୁଥିଲେ । ତାଙ୍କ ମା' କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସେହି ଅଞ୍ଚଳର ସିସିଟିଭି ପ୍ରଭୃତି ଯାଞ୍ଚ କରାଯାଇଥିଲା । ଯାଞ୍ଚ କରାଯିବା ପରେ ଜଣାପଡିଥିଲା ଯେ, କ୍ୟାପିଟାଲ ହସ୍ପିଟାଲ ନିକଟ ଏକ ଆଶ୍ରୟସ୍ଥଳରେ ଓମ୍ ଅଛନ୍ତି । ପିସିଆର୍ ଟିମ୍ ଏହା ଜାଣିବା ପରେ ତାଙ୍କୁ ଥାନାକୁ ଆଣିଥିଲା । ତାଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଓମ୍‌ଙ୍କ ମା'ପୁଅକୁ ପାଇବା ପରେ କାହିଁକି ଦୁଇଦିନ ହେବ ମୋତେ ଖବର କରାଯାଇନଥିଲା ବୋଲି ଅଭିଯୋଗ କରିଛନ୍ତି । ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ସେ ଘରୁ ରାଗି ଯାଇଥିବାରୁ ଘର ଠିକଣା ଓ ବାପ-ମା'ଙ୍କ ପରିଚୟ ଠିକ୍ ଭାବେ କହିନଥିଲେ । ସେ ପରିବାର ସମ୍ପର୍କରେ କହିବା ପରେ ତାଙ୍କ ଘରକୁ ଖବର ଦିଆଯାଇଥିଲା । ପୋଲିସ ସଂଗ୍ରହ କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଓମ୍ କ୍ୟାପିଟାଲ ହସ୍ପିଟାଲ ପାଖ ରାସ୍ତାରେ ଚାଲି ଚାଲି ଯାଉଛନ୍ତି ।

# ଜଟଣୀ ଭସାଣି ଉତ୍ସବ



ଜଟଣୀ,(ସବ୍ୟୁ): ୧୧ଦିନ ଉତ୍ସବ ମୁଖର ହୋଇଉଠିଥିଲା ଜଟଣୀ ସହର। ଭସାଣି ପାଇଁ ପୂଜାମଣ୍ଡପ କର୍ମକର୍ତ୍ତା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଚତୁର୍ଥୀରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଭସାଣି ରବିବାର ଇନ୍ଦୁପୂର୍ଣ୍ଣିମା ତଥା ଚନ୍ଦ୍ରଗ୍ରହଣ ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସରେ ଆୟୋଜିତ ହୋଇଥିଲା। ଗୋଲେଇ ମାର୍କେଟ, ରାଜାବଜାର, ବଡବଜାର, ପରିବା ଓ ମାଛ ମାର୍କେଟ, କୁଦିଆରୀ ବଜାର, ସୀତାରାମ ଛକ, ନୀଳଚକ୍ର ମାର୍କେଟ, ଜଗନ୍ନାଥ ବଜାର, ପୋଷ୍ଟ ଅଫିସ ଛକ, ଥାନା ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଖୁଦୁପୁର ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ରେତଙ୍ଗ କଲୋନୀ, ହାଟବଜାର, ବିନାୟକ କ୍ଲବ, ବାଛରାପାଟଣା, ହନୁମାନବାଟିକା ଛକ ଏହିପରି ୪୦ରୁ ଊର୍ଦ୍ଧ୍ୱ ମେଢ଼ ବିଭିନ୍ନ ଦିଗରୁ ଶୋଭାଯାତ୍ରାରେ ବାହାରି ସୀତାରାମ ଛକରେ ପହଞ୍ଚିଥିଲେ। ସେଠାରୁ ମୁଖ୍ୟରାସ୍ତାରେ ଆଗପଛ ହୋଇ ଶୋଭାଯାତ୍ରାରେ ଯିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ଥିଲା। ପେଣ୍ଡାଲ ମେଢ଼ ଶୋଭାଯାତ୍ରାରେ ଘଣ୍ଟ ଓ ଶଙ୍ଖଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଉପସ୍ଥିତ ରହି ଗଜାନନଙ୍କୁ ମେଲାଣି ଦେଇଥିଲେ। ଗଣପତି ବାବା ମୋରିଆ ଧ୍ୱନୀରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭସାଣି ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତା ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ସୀତାରାମ ଛକରୁ ହରିଭାଇନା ଛକ ମୁଖ୍ୟ ରାସ୍ତାର ପାର୍ଶ୍ୱର୍ ବିଭିନ୍ନ ସ୍ଥାନରେ ମଞ୍ଚ କରି ଭସାଣି ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ପୂଜା ପେଣ୍ଡାଲ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନେକ ସ୍ୱେଚ୍ଛାସେବୀ ସଂଗଠନ ଖାଦ୍ୟପୁଡ଼ିଆ ବାଣ୍ଟିଥିଲେ।

# ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ସମୟ ର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ନବ ଓଡିଶାର ନିର୍ମାତା ତଥା ସମୟର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୨ତମ ଶ୍ରାଦ୍ଧ ବାର୍ଷିକୀ ସମୟ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଗୁଣ କୀର୍ତ୍ତନ କରାଯିବା ସହିତ ତାଙ୍କୁ ନବ ଓଡିଶାର ନିର୍ମାତା, ଜଣେ ଦୃଢମନା ଓ ସଙ୍କଳ୍ପବଦ୍ଧ ରାଜନେତା ଭାବେ ବର୍ଣ୍ଣନା କରାଯାଇଥିଲା ।

ପ୍ରାରମ୍ଭରେ ସମୟର ସମ୍ପାଦକ ପପୁ ମହାନ୍ତି ବକ୍ତବ୍ୟ ରଖି ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ଓ କହିଥିଲେ ବସନ୍ତ ବିଶ୍ୱାଳ ଥିଲେ ଜଣେ ବିକାଶ ପୁରୁଷ । ରାଜ୍ୟର କଳା, ସଂସ୍କୃତି, ସାହିତ୍ୟ, କ୍ରୀଡା କ୍ଷେତ୍ରରେ ରାଜ୍ୟର ଯାହାବି କିଛି ବିକାଶ ହୋଇଛି ତାହା ତାଙ୍କ



ହାତର ସ୍ପର୍ଶ । ସେ ଥିଲେ ଜଣେ ଦକ୍ଷ ରାଜନେତା । ଆଜିକାଲି ତାଙ୍କ ପରି ଜଣେ ଦୃଢମନା ରାଜନେତା ଦେଖିବାକୁ ବିରଳ ଭଳି ସେ କହିଥିଲେ ।

ସମୟର ବାର୍ତ୍ତା ସମ୍ପାଦକ ମଳୟ ନାୟକ ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସମୟର ବରିଷ୍ଠ ସହ ସମ୍ପାଦକ ସତ୍ୟ ସୁନ୍ଦର ଭଞ୍ଜ ସ୍ୱର୍ଗତ ବିଶ୍ୱାଳଙ୍କ ହସ୍ତର ସ୍ପର୍ଶରେ ପଶ୍ଚିମ ଓଡିଶାରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ଅବତାରଣା କରିଥିଲେ । ସମୟ କଟକ ଜିଲ୍ଲା ବ୍ୟୁରୋ ମୁଖ୍ୟ ପ୍ରଫୁଲ୍ଲ ମହାନ୍ତି ବିଶ୍ୱାଳଙ୍କ ସମ୍ପର୍କରେ କେତେକ ସ୍ମୃତି ବିଜଡିତ ଘଟଣା ବର୍ଣ୍ଣନା କରିଥିଲେ । ପ୍ରକାଶକ ସତ୍ୟନାରାୟଣ ମହାନ୍ତି ସ୍ୱର୍ଗତ ବିଶ୍ୱାଳଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ମଚାରୀମାନେ ଏକ ସ୍ୱର ଓ ଏକ ମନ ହୋଇ କାର୍ଯ୍ୟ କଲେ ସମୟ ରାଜ୍ୟରେ ପୁଣି ୧ନଂ ସମ୍ବାଦ ପତ୍ରର ମାନ୍ୟତା ପାଇ ପାରିବ ବୋଲି କହିଥିଲେ । ଶ୍ରାଦ୍ଧ ଦିବସ ଅବସରରେ ପ୍ରତ୍ୟୁଷରେ ସମୟ ପରିସରରେ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମ୍ପାଦକ ପପୁ ମହାନ୍ତି, ପ୍ରକାଶକ ସତ୍ୟନାରାୟଣ ମହାନ୍ତି, ସମୟର ବାର୍ତ୍ତା ସମ୍ପାଦକ ସାରଦା ଦେବତା, ମଳୟ ନାୟକ, ସମୟ ଲାଇଭର ଜେନେରାଲ ମ୍ୟାନେଜର ସୁଭେନ୍ଦ୍ର ପଟ୍ଟନାୟକ, ସମୟର ବିଜ୍ଞାପନ ମ୍ୟାନେଜର ତୁଷାର ରାଉତରାୟ, ସମୀର ସାମଲ, ଜି. ଏମ୍ ଫାଇନାନ୍ସ ବିଜନପାତ୍ରୀଙ୍କ ସମେତ ସମୟ ଅନୁଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲା ।

# ସାର ପାଇଁ ଚାଷୀଙ୍କ ସଂଘର୍ଷ : ଅସାଧୁ ବ୍ୟବସାୟୀ ମାଲାମାଲ

## ଫୋଟ ଉଠାଇ ଲୋକଦେଖାଣିଆ ଯାଞ୍ଚ କରୁଛନ୍ତି ଅଧିକାରୀ




ଛତ୍ରପୁର, (ସବ୍ୟୁ): ସାର ପାଇଁ ଚାଷୀଙ୍କ ସଂଘର୍ଷ। ବର୍ଷାରେ ଭିଜି ଭିଜି ପ୍ୟାକସ ତଥା ଯୋଗାଣ କେନ୍ଦ୍ର ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଲଣ୍ଡା ବାଙ୍କଣ ପ୍ୟାକସରେ ଦେଖିବାକୁ ମିଳିଛି ଏପରି ଚିତ୍ର। ଆବଶ୍ୟକ ଅନୁଯାୟୀ ସାରବସ୍ତା ନଥିବା ବେଳେ ଶହ ଶହ ଅଧିକ ଲୋକ ଲମ୍ବା ଧାଡ଼ି ଲଗାଉଛନ୍ତି । କିଏ ସକାଳ ୫ ଟାରୁ ତ କିଏ ୬ ଓ ୭ ଟାରୁ ଧାଡ଼ିରେ ଛିଡ଼ା ରହିଛନ୍ତି। ଯାହାଙ୍କୁ ଫସଲ ନିମନ୍ତେ ୭ ବସ୍ତା ସାର ଆବଶ୍ୟକ ଥିବାବେଳେ ମିଳୁଛି ୧ବସ୍ତା, ସେପଟେ ଲଣ୍ଡା ବାଙ୍କଣ ପ୍ୟାକସକୁ ସାର ୨୨୫ ବସ୍ତା ଆସିଥିବା ବେଳେ ୧୦୦୦ ବସ୍ତା ସାର ଆବଶ୍ୟକତା ରହିଛି ବୋଲି ଦାୟିତ୍ୱ ଥିବା ଅଧିକାରୀ କହିଛନ୍ତି। ଅନ୍ୟପଟେ ସମବାୟ ଓ କୃଷି ବିଭାଗୀୟ ଅଧିକାରୀ ସାର ମହଜୁଦ ଅଛି ବୋଲି କହୁଛନ୍ତି, ହେଲେ ଚାଷୀଙ୍କୁ ମିଳୁନି । ଫଳରେ ଚାଷୀ ବାହାରୁ ଅଧିକ ଦାମ୍ ଦେଇ ଅଧିକ ଦର ଦେଇ ସାର କିଣୁଛନ୍ତି ଅସାଧୁ ବ୍ୟବସାୟୀ ମାଲାମାଲ ହୋଇଛନ୍ତି। ସାର ପାଇଁ କଳବଳ ହେଉଛନ୍ତି ଚାଷୀ। ସାରର ଅଭାବ ଯୋଗୁଁ ସରକାର କହୁଛନ୍ତି । ବା'ସହରେ ଚାଷୀଙ୍କୁ ସାର ନମିଳିବା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନାମକୁ ମାତ୍ର ଅଧିକାରୀ ମାନେ ଗୋଦାମ ଏବଂ ବିକ୍ରି ଯୋଗାଣ କେନ୍ଦ୍ରରେ ଚଢ଼ାଉ କରି ଯାଞ୍ଚ କରାଯାଉଛି ବୋଲି ଫଟୋ ଉଠାଇ ତାହା କାଗଜ କଲମରେ ଦେଖାଉ ଦେଉଛନ୍ତି । ପ୍ରକୃତରେ ସେମାନେ ଚାଷୀଙ୍କ କଥା ବୁଝୁ ନଥିବା ଅଭିଯୋଗ କରିଛନ୍ତି ଋଷି କୁଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ। ଏହା ସହ ସୋସାଇଟିକୁ ଗୁରୁତ୍ୱ ନଦେଇ ଘରୋଇ ଡିଲରଙ୍କୁ ସରକାର ଅଧିକ ପ୍ରୋତ୍ସାହନ ଦେଉଛନ୍ତି କାହା ସ୍ୱାର୍ଥ ନିମନ୍ତେ ବୋଲି ମଧ୍ୟ ଶ୍ରୀ ନାହାକ ପ୍ରଶ୍ନ କରିଛନ୍ତି। ଚାଷୀ ହେଉଛି ଆମର ଅନ୍ନଦାତା, ତାଙ୍କ ପାଇଁ କାହାର ଦରଦ ନାହିଁ । ସାରର ଅଭାବକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ, ବଡ଼ ବଡ଼ିଆ ଅଧିକାରୀ ମାନେ ନିର୍ଦ୍ଦେଶ ଦେଉଛନ୍ତି ସିନା ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରୁ ନାହାନ୍ତି, ଫୋଟ ଉଠାଇ ହ୍ୱାଟସଆପ ଏବଂ ଗ୍ରୁପରେ ଛାଡି ନିଜ ନିଜ ଦାୟିତ୍ୱ ତୁଲାଉଛନ୍ତି ଭଳି ଦେଖାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସାର ଯୋଗାଣ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଯାହାକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବାବେଳେ, ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀଙ୍କୁ ହରବର କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି, କିନ୍ତୁ ଚାଷୀ ମାନେ କଣ ରାଜ୍ୟର ଲୋକ ନୁହଁନ୍ତି କି ବୋଲି ଚାଷୀ ନେତା ମାନେ ପ୍ରଶ୍ନ କରିଛନ୍ତି । ସାର ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ, ସରକାର ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ, ନଚେତ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସିପିଆଇ ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାସ ଚେତାବନୀ ଦେଇଛନ୍ତି। ସେହିପରି ସରକାର ଚାଷୀ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବା ନିମନ୍ତେ ଚାଷୀ ନେତା ତଥା ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି ଦାବୀ କରିଛନ୍ତି ।

# ଯାତ୍ରୀବାହୀ ଅଟୋ ଉପରେ ବଣୁଆହାତୀ ପଲଙ୍କ ଆକ୍ରମଣ

## ଜଣେ ମୃତ, ୩ ଆହତ

ବାରିପଦା, (ସବ୍ୟୁ) : ଯାତ୍ରୀବାହୀ ଅଟୋ ଉପରେ ବଣୁଆହାତୀ ପଲଙ୍କ ଆକ୍ରମଣ। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲାର ଗାଁଅମର୍ଦାରୁ ଅଟୋ ଯୋଗେ ବାରିପଦା ଫେରୁଥିବା ବେଳେ ବାରମାଇଲ-ଚିତ୍ରଡା ରାସ୍ତାର ଅସ୍ତିଆବନ୍ଧ ନିକଟରେ ହଠାତ ଏକ ହାତୀପଲ ରାସ୍ତା ଉପରକୁ ଆସିଯାଇଥିଲେ। ସାମ୍ନାରେ ହାତୀପଲ ଦେଖି ଅଟୋ ଚାଳକ ପଛକୁ ଗାଡି ନେଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଅଟୋରେ ଥିବା ୮ଜଣଙ୍କ ମଧ୍ୟରେ ୭ଜଣ ଦୌଡ଼ି ପଳାଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବା ବେଳେ ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ କିନ୍ତୁ ହାତୀ ହାବୁଡ଼ରେ ପଡି ଯାଇଥିଲେ । ହାତୀ ଆକ୍ରମଣରେ ରୀନାଙ୍କ ହାତ ଭାଙ୍ଗିବା ସହିତ ଛାତି ଏବଂ ମୁଣ୍ଡରେ ମଧ୍ୟ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ମୋରଡା ପୁଲିସ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ବିପଦଜନକ ଭାବରେ ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। କିନ୍ତୁ ଗୁରୁତର ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଛନ୍ତି। ଏହାସହ ଅଟୋ ଟି ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ମୋରଡା ପୁଲିସ ଘଟଣାର ମାମଲା ରୁଜୁ କରି ତଦନ୍ତ ଅଧିକ ଆରମ୍ଭ କରିଛି।

# ଜମି ବିବାଦକୁ ନେଇ ଗାଁରେ ଫୁଟିଲା ଗୁଳି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ତଥା ବଡାମପୁର ବିଟ ଅଧୀନ ମାଣିକପୁର ଗ୍ରାମରେ ଗୁଳି ମାଡ଼ ହୋଇଥିବାର ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ଦିଲୀପ କୁମାର ଗିରି ଶନିବାର ରାତିରେ ଦିଲୀପ କୁମାର ଗିରି ଘର ଛାତ ଉପରେ କୁକୁଡ଼ାକୁ ଦାନା ଖାଇବାକୁ ଦେଉଥିବା ସମୟରେ ତାଙ୍କ ଭାଇ ବେଣୁଧର ଗିରିଙ୍କ ପୁଅ ଦୀପା ଗିରି ତିନିଜଣ ଲୋକଙ୍କ ସହିତ ବାଇକ ଯୋଗେ ଆସି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହା ଦେଖି ଦିଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ତେବେ ବନ୍ଦ କରିବା ପରେ ଉକ୍ତ ଯୁବକ ମାନେ ଗୁଳି ଚାଳନା କରିଥିଲେ। ଉକ୍ତ ଘଟଣା ଚାଷ ଜମି ବିବାଦରୁ ଘଟିଥିବା ପ୍ରାଥମିକ ତଦନ୍ତ ଜଣାଯାଇଛି । ଏନେଇ ରାସଗୋବିନ୍ଦପୁର ୩୫୦/୨୫ରେ ପୋଲିସ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଗୋଟିଏ ଫୁଟା ହୋଇଥିବା ଗୁଳିର ଖୋକା ଏବଂ କିଛି ଦୂରରେ ଜୀବନ୍ତ ଗୁଳି ପାଇଛି ବୋଲି ଜଣାପଡିଛି। ତେବେ କେହି ଆହତ ହୋଇନଥିବା ଏବଂ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବାର ଜଣାପଡିଛି।

# ଡାଃ ପ୍ରଶାନ୍ତ ମିଶ୍ର ସିପିଆଇର ରାଜ୍ୟ ସମ୍ପାଦକ ଓ ରାଜ୍ୟ ପରିଷଦକୁ ଜଗବନ୍ଧୁ ମିଶ୍ର ନିର୍ବାଚିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୀମଦା ଗ୍ରାମରେ ତିନି ପିଢ଼ିର କମ୍ୟୁନିଷ୍ଟ ପରିବାରରେ ଜନ୍ମିତ ସାଥୀ ଡାଃ ପ୍ରଶାନ୍ତ ମିଶ୍ର ଛାତ୍ର ଜୀବନରୁ କମ୍ୟୁନିଜିମ ଆଦର୍ଶ ପ୍ରତି ସମର୍ପିତ। ସେ ୧୯୮୪ ମସିହାରେ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇ ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କରିବା ସହ, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ, ରାଜ୍ୟସଭାପତି, ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। ପରବର୍ତ୍ତୀ ସମୟରେ ସିପିଆଇର ରାଜ୍ୟ ସହ-ସମ୍ପାଦକ, ସମ୍ପାଦକମଣ୍ଡଳୀ ସଦସ୍ୟ ଭାବେ ବିଭିନ୍ନ ଜନ ଆନ୍ଦୋଳନ, ଗଣ ସଙ୍ଗଠନ ମାନଙ୍କର ଆନ୍ଦୋଳନ, ଯୁବଛାତ୍ର, ମହିଳା, କୃଷକ ମାନଙ୍କ ଆନ୍ଦୋଳନର ଅଗ୍ରଭାଗରେ ରହି ନେତୃତ୍ୱ ନେଇ ଆସିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଭାବେ ଗରିବ ଲୋକଙ୍କ ବିଭିନ୍ନ ମୋକଦ୍ଦମାକୁ ମାଗଣାରେ ପରିଚାଳନା କରି ନ୍ୟାୟ ପ୍ରଦାନ କରାଇଛନ୍ତି । ତାଙ୍କ ଅଜା ସ୍ୱାଧୀନତା ସଂଗ୍ରାମୀ, ନୀଳଗିରି ପ୍ରଜା ଆନ୍ଦୋଳନର ନେତା ଗୋବିନ୍ଦ ଚନ୍ଦ୍ର ପଣ୍ଡା ଅବିଭକ୍ତ ବାଲେଶ୍ୱର ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଥିଲେ। ତାଙ୍କ ପିତା ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରୟାତ ସାଥୀ ଶରତ ଚନ୍ଦ୍ର ମିଶ୍ର ବିଗତ ଦିନରେ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଥାଇ ଭାଗଚାଷ ଆନ୍ଦୋଳନର ନେତୃତ୍ୱ ନେବା ସହ ପଟିସାରୀ ପଚାୟତର ସରପଂଚ, ବଡ଼ସାହିର ବ୍ଲକର ଚେୟାରମେନ ଥିଲେ। ଡଃ ମିଶ୍ର ମୟୂରଭଞ୍ଜର ବିଶିଷ୍ଟ କମ୍ୟୁନିଷ୍ଟ ନେତା, ବରିଷ୍ଠ ଆଇନଜୀବୀ ପ୍ରୟାତ ସାଥୀ ହରିହର ଦାସଙ୍କ ବଡ ଜ୍ୱାଇଁ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତ୍ୟାଗ, ବଳିଦାନ ଓ ଗଣ ସଂଗ୍ରାମର ଶତ ବାର୍ଷିକୀ (୧୯୨୫-୨୦୨୫) ପରିପ୍ରେକ୍ଷୀରେ ରାଜ୍ୟ ପାର୍ଟିର ଗତ ୪, ୫ ଓ ୬ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଯାଇଥିବା ୨୪ତମ ରାଜ୍ୟ ସମ୍ମିଳନୀରେ ସାଥୀ ଡାଃ ପ୍ରଶାନ୍ତ ମିଶ୍ର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ତଥା ଉତ୍ତର ଓଡ଼ିଶା ରାଜ୍ୟ ପାର୍ଟିର ନେତୃତ୍ୱ ନେଇଥିବାରୁ ଆଗାମୀ ଦିନରେ ଶ୍ରେଣୀ ସଂଗ୍ରାମ ସମଗ୍ର ରାଜ୍ୟରେ ମଜବୁତ ହେବ ବୋଲି ସାଧାରଣରେ ଜୋର ଚର୍ଚ୍ଚା ଧରିଛି। ଠିକ୍ ସେହିପରି ପାର୍ଟିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ରାଜ୍ୟ ପାର୍ଟିର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ରାଜ୍ୟ ପରିଷଦକୁ ପୁନଃ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ବ୍ୟାପୀ ଉଭୟଙ୍କୁ ସମସ୍ତ ସାଥୀ, ସମର୍ଥକ, ଶୁଭେଚ୍ଛୁ, ବିଭିନ୍ନ ଗଣ ସଂଗଠନ ଓ ଜିଲ୍ଲାର ସାଧାରଣ ମଣିଷଙ୍କ ପକ୍ଷରୁ କ୍ରାନ୍ତିକାରୀ ଅଭିନନ୍ଦନ ଦିଆଯାଇଛି। ଜିଲ୍ଲାର ବୟୋଜ୍ୟେଷ୍ଠ ସାଥୀ ତ୍ରିନାଥ ପାତ୍ରଙ୍କୁ ପାର୍ଟିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ସାଥୀ ଡି. ରାଜା ଶତବାର୍ଷିକୀ ଅବସରରରେ ଉକ୍ତ ସମ୍ମିଳନୀରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# କୀର୍ତ୍ତିମାନ କର୍ମବୀର



ବସନ୍ତ ବିଶ୍ୱାଳ ଏକ ବର୍ଣ୍ଣାଢ଼୍ୟ ବ୍ୟକ୍ତି। ଚାରିପଟୁ ନଦେଖିଲେ ଖଣ୍ଡିଆ କରି ଦେଖିଲେ ତାଙ୍କ ଚିହ୍ନି ହେବନାହିଁ। ସେ ସୁଗୁଣ ପୁଣି ନିର୍ଗୁଣ। ସର୍ବେନ୍ଦ୍ରିୟ ଗୁଣାଭାସଂ, ସର୍ବେନ୍ଦ୍ରିୟ ବିର୍ବଜିତଂ। ଶ୍ରୀକୃଷ୍ଣ ଯେଭଳି ବଂଶୀଧାରୀ, ପୁଣି ଚକ୍ରଧାରୀ! ଗୋପାଳକ ଗୋପକୃଷ୍ଣ, ପୁଣି କଂସାରୀ ମଧୁସୂଦନ! ଶାନ୍ତିର ଶାସକ, ପୁଣି କରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ରଥର ସାରଥି। ବସନ୍ତ ବିଶ୍ୱାଳ ସେଭଳି ବିବିଧତା, ବିଷମତା ଓ ବିପୁଳ ବିଚିତ୍ରତାଭରା ବିରଳ ପ୍ରଜାତିର ମିଣିଷଟିଏ!

ସମକାଳୀନ ଓଡ଼ିଶାର ଧନ୍ୟାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ତୁଳଙ୍ଗର ଜମିଦାର କ୍ଷେତ୍ରମୋହନ ଥିଲେ ଅନ୍ୟତମ। କ୍ଷେତ୍ରମୋହନ ନିଜ ପୁତ୍ର ସନ୍ତାନର ନାମ ରଖିଥିଲେ ବସନ୍ତ। ଭଗବାନ ଋତୁମାନଙ୍କ ମଧ୍ୟରେ ନିଜକୁ ବସନ୍ତ ଋତୁ ଭାବେ ଅଭିହିତ କରିଛନ୍ତି- ଋତୁନାଂ କୁସୁମାକରଃ। ବସନ୍ତ ବିଶ୍ୱାଳ ନିଜ ନାମର ସାର୍ଥକତା ରଖିଛନ୍ତି, ସାର୍ଥକ ଜୀବନ ବଞ୍ଚିଛନ୍ତି।

### କୀର୍ତ୍ତୀମାନ କର୍ମବୀର

ଜୀବନରେ ଅସୁମାରୀ ଉଠାଣି, ଗଡ଼ାଣି, ଢ଼ାଲୁ, ଢ଼ିପ ଚଢ଼ିଛନ୍ତି, ଓହ୍ଲାଇଛନ୍ତି, ପୁଣି ଚଢ଼ିଛନ୍ତି। ବିରାମ ନାହିଁ, ବିଶ୍ରାମ ନାହିଁ। ବାଧା, ବିରୋଧକୁ ଖାତିର ନାହିଁ, ନିନ୍ଦା ପ୍ରଶଂସାକୁ ନଜର ନାହିଁ। ଅବିଶ୍ରାନ୍ତ ମାଡିଚାଲିଛନ୍ତି। କର୍ମହିଁ ଜୀବନର ମର୍ମ, ଧର୍ମ। ବେପାର, ବଣିଜ ଠିକାଦାରୀ ଠାରୁ ରାଜନୀତି, ଲୋକସେବାର ଏକ ଲମ୍ବା ଜୀବନ!

### ବନ୍ଧୁ ବତ୍ସଳ ବସନ୍ତ ବିଶ୍ୱାଳ

ଦୁଃଖରେ, ସୁଖରେ ସମସ୍ତଙ୍କ ପାଖରେ ପହଂଚୁଥିଲେ। ବିରୋଧୀ ବା ଶତ୍ରୁ ବି ହୁଅନ୍ତୁ ପହଞ୍ଚିଲେ ସାହାଯ୍ୟ କରୁଥିଲେ। ଅଯାଚିତଭାବେ ଆପ୍ୟାୟିତ କରୁଥିଲେ। ବ୍ୟବସାୟରୁ ବିପୁଳ ଅର୍ଥ ଉପାର୍ଜନ କରୁଥିଲେ। ଖୋଲାହାତରେ ପୁଳା ପୁଳା ଟଙ୍କା ବାଣ୍ଟୁଥିଲେ। ଯିଏ ଯାଇଛି ସିଏ ପାଇଛି। ସୁଖବାସୀ, ଚପରାଶିଙ୍କୁ ବେଶୀ ବକସିସ୍ ଦିଅନ୍ତି। କିନ୍ତୁ ଗସ୍ତରେ ଗଲେ ସରକାରୀ ପଇସାଟିଏ ଖର୍ଚ୍ଚ କରନ୍ତିନି। ତାଙ୍କ ସହ ଥିବା ମନ୍ତ୍ରୀ, ଅଫିସର, କର୍ମଚାରୀ ମାନଙ୍କର ଯିବା, ଆସିବା ରହିବା, ଖାଇବା ଖର୍ଚ୍ଚ ସେ ନିଜ ହାତରୁ ବହନ କରିଥାନ୍ତି। ମୋର ସମ୍ବଳ ଏବଂ ସାମର୍ଥ୍ୟ ଅଛି-ମୁଁ କରିବି। ଏହା ଥିଲା ତାଙ୍କର ଉକ୍ତି। ସାଥୀ, ସହଯୋଗୀ ମାନଙ୍କ ପାଇଁ ଛାତି ପାତୁଥିଲେ, ସୁରକ୍ଷାର ପାହାଡ଼ ଥିଲେ। ଲୁହା ଠାରୁ କଠୋର, ଫୁଲ ଠାରୁ କୋମଳ-ବସନ୍ତ ବିଶ୍ୱାଳ।



ପ୍ରସାଦ ହରିଚନ୍ଦନ
(ପୂର୍ବତନମନ୍ତ୍ରୀ)
pharichandan1@gmail.com

କାମରେ ଖିଲାପ ହେଲେ ସେ ସହ୍ୟ କରୁନଥିଲେ। ଦାୟିତ୍ୱ ନେଇ ଅବହେଳା କଲେ ସେ ବରଦାସ୍ତ କରୁନଥିଲେ। କଠୋର ମନୋଭାବ ପୋଷଣ କରୁଥିଲେ। କଡ଼ା ଭାଷାରେ କଟୁକ୍ତି ଶୁଣାଉଥିଲେ। ଗାଳିବି ଦେଉଥିଲେ। କେତେ ଉଚ୍ଚ ପଦସ୍ଥଙ୍କ ପଦବୀ ଯାଇଛି। ମୁଣ୍ଡ ଗଡ଼ିଛି। ପୁଣି ଭାଇ ବନ୍ଧୁଙ୍କ ଭଳି ଆଦର ମଧ୍ୟ କରୁଥିଲେ। କାହାର ବ୍ୟକ୍ତିଗତ କୁତ୍ସା କରୁନଥିଲେ। ପରନିନ୍ଦା ବା ପରଚର୍ଚ୍ଚାକୁ ପସନ୍ଦ କରୁନଥିଲେ ଆଇ ଡୁନଟ୍ ହିଟ୍ ଏନି ପର୍ସନ ବିଲୋ ଦି ବେଲଟ୍- ବୋଲି କହୁଥିଲେ। କିନ୍ତୁ ଯେଉଁମାନେ ବିଧାନସଭା ଭିତରେ ତାଙ୍କୁ କଳା କଣ୍ଟ୍ରାକ୍ଟର ମନ୍ତ୍ରୀ ବୋଲି କହୁଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ସନ୍ଧ୍ୟାରେ ତାଙ୍କର ଦ୍ୱାରସ୍ଥ ହେଲେ ଆର୍ଥିକ ସାହାଯ୍ୟ ପାଉଥିଲେ। କେହି କେହି ନିଜେ ନଯାଇ କାହାକୁ ପଠାଇ ଏଭଳି ସାହାଯ୍ୟ ପାଉଥିଲେ। ଏଭଳିକି ସରକାରରେ ସେମାନଙ୍କର କାମ ମଧ୍ୟ ବସନ୍ତ ବାବୁ କରାଉଥିଲେ।

### ଲୋକେ କହନ୍ତି - ବସନ୍ତ ବାବୁ କୋପେ ବର ନହେଲେ ତପେ ବର ଦିଅନ୍ତି । ନିରାଟ ସତକଥା

### କର୍ମପ୍ରବଣ, ଭାବ ପ୍ରବଣ

ଆଜିର ରାଜନୀତିରେ ନେତାର କାମକୁ ଭୋଟର ସେତେ ଗୁରୁତ୍ୱ ଦେଉନାହାନ୍ତି। ଏଇ ଦୁଇ ଦିନ ତଳେ କେନ୍ଦ୍ରମନ୍ତ୍ରୀ ନିତୀନ୍ ଗଡକରୀ କହିଛନ୍ତି- ଭୋଟରଙ୍କୁ କଥାଦେଇ ଯିଏ ଯେତେ ଭଣ୍ଡେଇ ପାରିବ, କଥା ଭାଙ୍ଗି ପାରିବ, ସିଏ ସେତେ ସଫଳ ନେତା!

କିନ୍ତୁ ବସନ୍ତ ବାବୁଙ୍କର କର୍ମ ସଂସ୍କୃତି ପ୍ରତି ଅନୁରକ୍ତି ଥିଲା। ବସନ୍ତ ଥିଲେ କର୍ମଯୋଗୀ। ସେ କାମ ଆରମ୍ଭ ହେବା ପୂର୍ବରୁ କାମ ପାଇଁ ଖସଡ଼ା ପ୍ରସ୍ତୁତ କରୁଥିଲେ। କାମ ଆରମ୍ଭ ହେବା ଦିନ କାମ ଶେଷ ହେବାର ଦିନ ନିଧାର୍ଯ୍ୟ କରୁଥିଲେ। ମଝିରେ କାମ ଅଗ୍ରଗତି ବିଷୟ ସମୀକ୍ଷା କରୁଥିଲେ। ନିର୍ଦ୍ଦିଷ୍ଟ ତାରିଖର ପୂର୍ବରୁ କାମ ସରୁଥିଲା। ଉଦାହରଣ- ରାଜୀବ ଭବନ। ଶିଳାନ୍ୟାସ ଓ ଲୋକାର୍ପଣର ତାରିଖ ଦେଖନ୍ତୁ। ପରେ ଅବଶ୍ୟ ଜଳସମ୍ପଦ ଦୁର୍ନୀତି ନାଁରେ ଦୁର୍ନାମ ମୁଣ୍ଡାଇଛନ୍ତି। ଭିଜିଲାନ୍ସ ଓ ସିବିଆଇ ତଦନ୍ତ ହୋଇଛି। ତଦନ୍ତର ଫଳାଫଳ କଣ ହୋଇଛି?

ଓଡ଼ିଶା ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ବେଳେ ୧୯୯୫ ମସିହାରେ ସେ ଅର୍ଥ, ଜଳସମ୍ପଦ ଭଳି ବିଭାଗର ଦାୟିତ୍ୱ ନେଇଥିଲେ। ଅର୍ଥୋପାୟ ଅଗ୍ରୀମ ବା ଓ୍ୱେଏଜ୍ ଆଣ୍ଡ ମିନସ୍ ଆଡଭାନ୍ସ ଆଧାରରେ ରାଜ୍ୟର ଆୟ ଓ ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାପାଇଁ ବେଳେ ବେଳେ ଦୁଃସାହସୀ ବସନ୍ତ ନିଜେ ଜଣେ ଅର୍ଥଶାସ୍ତ୍ରୀ ବା ଅର୍ଥନୀତିଜ୍ଞ ନହେଲେ ମଧ୍ୟ ବଡ଼ ବଡ଼ ପ୍ରକଳ୍ପ ଆରମ୍ଭ ଓ ଶେଷ କରିପାରୁଥିଲେ। ସେତେବେଳର ସେହି ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀମାନେ ଓ ଯୋଜନା କମିଶନର ମୁଖ୍ୟ ପ୍ରଣବ ମୁର୍ଖାଜୀ ଏ ଦିଗରେ ଓଡ଼ିଶାକୁ ତାଙ୍କ ମାଧ୍ୟମରେ ଉଲ୍ଲେଖନୀୟ ସ୍ୱତନ୍ତ୍ର ସହାୟତା କରିଥିଲେ। ଓଡ଼ିଶାର ବିକାଶର ଢ଼ାଞ୍ଚାର ନୂଆ ପିଢ଼ ସେ ପକାଇଥିଲେ। ସାଧାରଣ ଲୋକଙ୍କ ପାଇଁ ଦୁଇ ଟଙ୍କିଆ ଚାଉଳ, ପିଲାଙ୍କ ପାଇଁ ସ୍କୁଲରେ ମଧ୍ୟାହ୍ନ ଭୋଜନ, ରୋଗୀ ସେବାରେ ସୁଧାର ଆଣିବା ପାଇଁ ସରକାରୀ ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ଉପରେ କଟକଣା, ଗ୍ରାମାଞ୍ଚଳରେ ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ, ନିର୍ମାଣ, ପିଛିଳ ପିଚୁ ରାସ୍ତା ନିର୍ମାଣ, କଳାହାଣ୍ଡିରେ ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ସମ୍ପନ୍ନ କରିବା, କଟକ ରିଙ୍ଗବନ୍ଧ, ସୁବର୍ଣ୍ଣରେଖା ଯୋଜନା, ଆନନ୍ଦପୁର ରିଙ୍ଗବନ୍ଧ, ସମ୍ବଲପୁର ରିଙ୍ଗବନ୍ଧ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ, ବନ୍ୟାରେ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଋଷିକୁଲ୍ୟା ବ୍ରିଜ ପୁର୍ନନିର୍ମାଣ, ବନ୍ୟାରେ ଅଭାବନୀୟ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍କି ସହରର ସୁରକ୍ଷା ବ୍ୟବସ୍ଥା ସେ ସଫଳତାର ସହ ସମ୍ପନ୍ନ କରିପାରିଥିଲେ। ଡ୍ରେନେଜ୍ ମାଷ୍ଟରପ୍ଲାନ ଠାରୁ ଜଳସେଚନ ବିକାଶର ଦୁରଦର୍ଶୀ ଯୋଜନା ପ୍ରସ୍ତୁତ କରିଥିଲେ। କେନାଲର ତଳ ମୁଣ୍ଡକୁ ପାଣି ଯିବା ନିଶ୍ଚିତ କରିବାପାଇଁ ଡବ୍ଲୁ. ଆର.ସି.ପି. ଯୋଜନା ମାଧ୍ୟମରେ ଓ ବୈଦେଶିକ ସହାୟତା ଯୋଗାଡ଼ କରି ବହୁ ବଡ଼ ପ୍ରକଳ୍ପ ଆରମ୍ଭ ଓ ଶେଷ ମଧ୍ୟ କରିଥିଲେ।

### ନିର୍ମାଣର ନବଯୁଗର ନବୋଦୟ ଘଟିଥିଲା

କଟକ ସହରରେ ତାଙ୍କ ଘର ଥିଲା, ସେ ବଢ଼ିଥିଲେ ଓ ପାଠପଢ଼ିଥିଲେ। ସହରକୁ ନୂଆ ରୂପ ଦେବାରେ ଅଭିନବ ବିଡ଼ାନସୀ ନିର୍ମାଣ କରିବାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସେ ସହଯୋଗୀ ଥିଲେ। କଟକ ସହର ଉଭୟଙ୍କର ଦୀର୍ଘକାଳ ଧରି କର୍ମସ୍ଥଳ ଥିଲା। ନୂଆ ବାଦାମବାଡ଼ି ବସଷ୍ଟାଣ୍ଡ, ଇଣ୍ଡୋର ଷ୍ଟାଡିୟମ, ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି ତାଙ୍କ ଉଦ୍ୟୋଗରେ ହୋଇଥିଲା।

ପଥର କାରିଗର ବାଇଧର ମୁଣ୍ଡି (ବାଇମୁଣ୍ଡି)ଙ୍କୁ ଯେଭଳି କଟକବାସୀଙ୍କ ଦୁଃଖ, ଦୁର୍ଦ୍ଦଶା ବ୍ୟଥିତ କରିଥିଲା, ଜୀବନର ସଂଚିତ ଉପାର୍ଜ୍ଜନକୁ ସେ ରାଜା ମର୍କତ କେଶରୀଙ୍କୁ ଟେକିଦେଇଥିଲେ କଟକବାସୀଙ୍କ ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ଉଦ୍ଦେଶ୍ୟରେ, ସେଭଳି ରାଜା ରାଜୁଡ଼ା ଅମଳର ସେଇ ପଥରବନ୍ଧ ଯାହା ଉପରେ ମରହଟ୍ଟା ଓ ଫିରିଙ୍ଗି ଶାସନରେ କିଛି କାମ ହୋଇଥିଲା ତାହାକୁ ମଜ୍‌ବୁତ ରିଙ୍ଗ ରୋଡ଼ରେ ତାଙ୍କ ଦ୍ୱାରା ପରିଣତ କରାଯାଇଥିଲା। ସେଥିପାଇଁ ତାଙ୍କୁ ବାଇମୁଣ୍ଡି ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ମର୍କତ କେଶରୀଙ୍କ ସହ ଯୋଡ଼ାଯାଇଥାଏ। କଲ୍ୟାଣ, ନିର୍ମାଣ ଏବଂ ବିକାଶର ବିନ୍ଧାଣୀ ଥିଲେ ବସନ୍ତ ବିଶ୍ୱାଳ। ସେ ଅତ୍ୟନ୍ତ ଭାବପ୍ରବଣ ମଣିଷ ଥିଲେ। ଦୀନ, ଦୁଃଖୀ ମାନଙ୍କ ପାଇଁ ସମ୍ବେଦନଶୀଳ ଥିଲେ। ଭାବପ୍ରବଣ ହେଲେ କୋହ ସମ୍ବରଣ କରିପାରନ୍ତି ନାହିଁ। କାନ୍ଦି ପକାନ୍ତି। ମାଂସପେଷୀ, ମସ୍ତିଷ୍କ ଓ ହୃଦୟର ଅପୂର୍ବ ସମାବେଶ ତାଙ୍କ ଠାରେ ଥିଲା।

### ତୁ ସବୁଠୁ ଭଲ ମନ୍ତ୍ରୀ

ତୁ ସବୁଠୁ ଭଲ ମନ୍ତ୍ରୀ- ଏକଥା ଖୋଲାରେ କହିଥିଲେ ଅନ୍ୟ କେହି ନୁହଁନ୍ତି, ବିଜୁ ପଟ୍ଟନାୟକ। ଏହି ଗୋଟିଏ ବାକ୍ୟ ବସନ୍ତ ବିଶ୍ୱାଳଙ୍କ ସମ୍ପର୍କରେ ଶ୍ରେଷ୍ଠ ଆକଳନ ଓ ଯଥେଷ୍ଟ ମଧ୍ୟ। ଅଳମେତି ବିସ୍ତାରେଣ।

### କ୍ରୀସ ଡେନ୍‌ସି ଓ ଯୋଜକ ବସନ୍ତ ବିଶ୍ୱାଳ

ବସନ୍ତ ବିଶ୍ୱାଳଙ୍କୁ ଜଣେ ବିଚକ୍ଷଣ କନେକ୍ଟର ବା ନେଟଓ୍ୱାର୍କର ବୋଲି କୁହାଯାଇପାରେ। ପିଲାବେଳେ କଟକ ମାଲ ଗୋଦାମ ରେଳ ଲେଭଲକ୍ରସିଂରେ ଭିଡ଼ ଓ ରାସ୍ତାଚାରୀ ଭୋଗୁଥିବା ଦୁର୍ଦ୍ଦଶା ସେ ଅଙ୍ଗେ ନିଭାଇ ଥିଲେ। ତାହା ତାଙ୍କୁ ସବୁବେଳେ ଆନ୍ଦୋଳିତ କରୁଥିଲା। ଶାସନକୁ ଆସିବା ପରେ ତିନୋଟି ଆର୍‌କୁ ସେ ଯୋଡ଼ିଥିଲେ। ରେଭେନ୍‌ସା କଲେଜ, ରେଳ ଷ୍ଟେସନ ଓ ମାଲଗୋଦାମକୁ ରୋଡ଼ (ରୋଡ୍ ଟୁ ମାଲଗୋଦାମ)। ଯାହାଙ୍କୁ କୁହାଯାଏ କନେକ୍ଟର ବା ନେଟଓ୍ୱାର୍କର। କ୍ରିସ ଡେନ୍‌ସୀ ଯେଭଳି ନିଜକୁ ଡିଜିଟାଲ୍ ଡିଭାଇସ୍ ମାଧ୍ୟମରେ ସମଗ୍ର ଜଗତ ସହ ଯୋଡ଼ିପାରିଛନ୍ତି- ସେଭଳି ଭାବନା ଓ ସୂତ୍ରର ଜଡ଼ ବସନ୍ତ ବିଶ୍ୱାଳଙ୍କ ଠାରେ ରହିଥିଲା।

### ବିଚିତ୍ର ବସନ୍ତ

ସେ ନିଜେ ସାହିତ୍ୟିକ ନଥିଲେ। କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ଥିଲା। ସାରଳା ସାହିତ୍ୟ ସଂସଦର ସଭାପତି, ସାରଳା ଭବନ ନିର୍ମାଣରେ ମହତ୍ୱପୂର୍ଣ୍ଣ ଯୋଗଦାନ। ସାଂପ୍ରତିକ ଅନୁଷ୍ଠାନର ପୃଷ୍ଠପୋଷକ ଭାବେ ବାଙ୍ଗାଲୋରରେ ଦ୍ୱିଭାଷୀ ସାହିତ୍ୟ ସମ୍ମେଳନର ଆୟୋଜନ କରାଇଥିଲେ। ସେ ନିଜେ ଜଣେ ପାରଦର୍ଶୀ ଖେଳାଳୀ ବା କ୍ରୀଡ଼ାବିତ ନଥିଲେ। କିନ୍ତୁ ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି, ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି, ଓଡ଼ିଶା ହକି ଆସୋସିଏସନର କିଛିକାଳ ସଭାପତି ଥାଇ ସେହି ସଂସ୍ଥାମାନଙ୍କର ପ୍ରଭୂତ ବିକାଶ ସାଧନରେ ବ୍ରତୀ ହୋଇପାରିଥିଲେ। ଓଡ଼ିଶା ସ୍କାଉଟ ଓ ଗାଇଡ ସଂସ୍ଥାର ସଭାପତି ଥାଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦରେ ବିଶାଳ ଜାମ୍ବୋରୀର ଆୟୋଜକ ଥିଲେ।

ସମବାୟ ଆନ୍ଦୋଳନରେ ନିଜକୁ ଜଡ଼ିତ କରାଇଥିଲେ। ଓଡ଼ିଶା ସମବାୟ ୟୁନିୟନର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ପ୍ରସାର ପାଇଁ ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଦାୟିତ୍ୱ ତୁଲାଇଥିଲେ।

ନିଜେ ସାମ୍ବାଦିକ ନହୋଇ ମଧ୍ୟ ପ୍ରଜାତନ୍ତ୍ର ସମ୍ବାଦ ପତ୍ରର କିଛି ସମୟ ପୃଷ୍ଠପୋଷକ ହୋଇଛନ୍ତି। ପରେ ନିଜେ ସମୟ ସମ୍ବାଦ ପତ୍ର ପ୍ରକାଶନ କରିଛନ୍ତି। ସମୟର ସ୍ରୋତରେ ସମୟ ସମ୍ବାଦ ପତ୍ର ଆଜିବି ତାର ବୈଶିଷ୍ଟ୍ୟ ବଜାୟ ରଖିପାରିଛି। ବରିଷ୍ଠ ପତ୍ରକାର ଓ କୃତବିଦ୍ୟ ସାହିତ୍ୟିକ ଗୁରୁ କଲ୍ୟାଣ ମହାପାତ୍ର ଏବେ ତାର ମୁଖ୍ୟ ସମ୍ପାଦକ।

ସବୁ ଧର୍ମ ପ୍ରତି ସେ ସମ୍ମାନ ରଖୁଥିଲେ। ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଥାଇ ଅତ୍ୟନ୍ତ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ତାଙ୍କ ପରି କିଏ ହେବ! ବସନ୍ତ ବିଶ୍ୱାଳ ହିଁ ବସନ୍ତ ବିଶ୍ୱାଳ! କେବଳ ସେ ଜଣିଏ! କାହାର ସେ ଉଦାହରଣ ନୁହଁନ୍ତି। କେହି ତାଙ୍କର ଉଦାହରଣ ମଧ୍ୟ ନୁହନ୍ତି।

### ଜାନକୀ ବସନ୍ତ ଯୋଡ଼ି

ଜାନକୀ-ବସନ୍ତ ଯୋଡ଼ି ମଣି କାଞ୍ଚନ ସଂଯୋଗ ସଦୃଶ। ଛାତ୍ରାବସ୍ଥାରୁ ଜାନକୀ ବାବୁ ଥିଲେ ତାଙ୍କ ମେଣ୍ଟର। ରାଜନୀତିରେ ବସନ୍ତ ତାଙ୍କର ସହଯୋଗୀ ହେଲେ। ବିଧାୟକ ଓ ରାଷ୍ଟ୍ରମନ୍ତ୍ରୀ ହେଲେ। ଷ୍ଟେଟ ମିନିଷ୍ଟରରୁ ସୁପର ଚିଫ ମିନିଷ୍ଟର ଭାବେ ତାଙ୍କୁ ଅଭିହିତ କରାଗଲା। ଶାସନକଳକୁ କାମରେ ଲଗାଇବାର କଳାକୁ ସେ ଆୟତ୍ତ କରିଥିଲେ ଓ କୌଶଳ ଖଟାଉଥିଲେ। ବ୍ୟୁରୋକ୍ରାସୀ ଉପରେ ଲଗାମ କଷାଇ ପାରୁଥିଲେ। ଏସବୁ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଅବଶ୍ୟ ପୃଷ୍ଠପୋଷକତା ଥିଲା। ଜାନକୀ ବାବୁଙ୍କ ଶାସନର ପନ୍ଦର ବର୍ଷ ଓ ମଝିରେ ବିଜୁ ବାବୁଙ୍କ ଶାସନର ପାଞ୍ଚ ବର୍ଷ- ଗାଏ ମୋଟ କୋଡିଏ ବର୍ଷରୁ ବସନ୍ତ ବାବୁ କ୍ଷମତାରେ ଥିଲେ ପ୍ରଥମ ପାଂଚ ବର୍ଷ (୧୯୮୦-୮୫) ଓ ଶେଷ ପାଂଚବର୍ଷ (୧୯୯୫-୨୦୦୦)। ମଝିରେ ଦଶ ବର୍ଷ କ୍ଷମତା ବାହାରେ ଥିଲେ। କ୍ଷମତାରେ ଥିବା ଦଶ ବର୍ଷ ସେ ବେଶ ପ୍ରଭାବଶାଳୀ ଥିଲେ। ସେ କ୍ଷମତାରେ ନଥିବା ସମୟରେ ମଧ୍ୟ ରାଜନୈତିକ ପ୍ରାସଙ୍ଗିକତା ହରାଇନଥିଲେ।

ଓଡ଼ିଶା ରାଜନୀତିରେ ସଂପୂର୍ଣ୍ଣ ସ୍ଥିରତା ଥିଲାବେଳେ ଏବଂ କେନ୍ଦ୍ରରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସରକାର ଥିବା ବେଳେ ମଧ୍ୟ ଓଡ଼ିଶା କଂଗ୍ରେସରେ ଗୋଷ୍ଠୀ ବିବାଦର ଯେଉଁ ମଞ୍ଜି ପୋତାଯାଇଥିଲା ତାହା ଏଯାଏଁ କଂଗ୍ରେସକୁ ବିଭାଜିତ କରୁଛି। ବସନ୍ତ ବିଶ୍ୱାଳ ଓ ନିରଞ୍ଜନ ପଟ୍ଟାନାୟକଙ୍କ ଗୋଷ୍ଠୀ। ବିଧାୟକ ମାନଙ୍କ ମଧ୍ୟରେ ସେତେବେଳ ବିଭାଜନ ଘଟିଥିଲା। କଂଗ୍ରେସ ଭବନରେ ରକ୍ତାକ୍ତ ଲଢ଼େଇ ପରେ ମଧ୍ୟ ସେ ବିଭାଜନର ଆଜିଯାଏଁ ଅବସାନ ଘଟିନାହିଁ। କାହା ପାଇଁ ଓ କଣ ପାଇଁ? ତାହାର ଅବସାନ ହେଲେ ଅପରାଜୟୀ କଂଗ୍ରେସର ଅଭ୍ୟୁଥାନ ହେବ। ମଦ, ମାଦକଦ୍ରବ୍ୟ ସେବନଠାରୁ ସେ ଦୂରରେ ଥିଲେ। ନିଶା କଣ ଜାଣିନଥିଲେ। କୁହାଯାଏ, ମଇଦାରେ ତିଆରି ପିଜା ପ୍ରତି ତାଙ୍କର ଦୁର୍ବାର ଆସକ୍ତି ଥିଲା। ଶେଷରେ କିଡ୍‌ନୀ ଅକାମୀ ହେବାରେ ଆକ୍ରାନ୍ତ ହେଲେ। କିନ୍ତୁ ରୋଗ ତାଙ୍କୁ ଦବାଇ ପାରିନଥିଲା। ଦୁର୍ବୀନତ, ଅନମନୀୟ ମଣିଷ। ଶେଷ ନିଶ୍ୱାସ ଯାଏଁ କର୍ମଠ, ସଂଜ୍ଞାନ ଓ ସଚଳ।

ବସନ୍ତ ବାବୁଙ୍କ ସୁଯୋଗ୍ୟ ସୁପୁତ୍ର- ଚିରଞ୍ଜୀବ (ବାପି) ଓ ରଞ୍ଜୀବ (ଗୋପୀ)। ଉଭୟ ମେଧାବୀ ଓ ପ୍ରତିଭାଧର। ବାପାଙ୍କ ନାମରେ ପରିଚିତ ନୁହଁନ୍ତି। ପାଠପଢ଼ାରେ ଓ କ୍ରୀଡ଼ାରେ ଉଭୟେ ପାରଦର୍ଶୀ। ବହୁମୁଖୀ ପ୍ରତିଭା ବିମଣ୍ଡିତ। ମାଆ ସ୍ୱର୍ଗୀୟା ମୀରା ବିଶ୍ୱାଳ ବସନ୍ତ ବାବୁଙ୍କ କର୍ମମୟ ରାଜନୈତିକ ଓ ପାରିବାରିକ ଜୀବନ ଜଞ୍ଜାଳ ତୁଲାଇବାରେ ସବୁଠୁ ବେଶୀ ଭୂମିକା ନିର୍ବାହ କରିଥିଲେ। ସହଯୋଗୀ ଗଗନଚନ୍ଦ୍ର ଦାସଙ୍କର ବିଶେଷ ଭୂମିକାକୁ ଏଡାଇ ହେବ ନାହିଁ। ସମୟ ତାଙ୍କୁ ଅନୁଶରଣ କରିବ। କାଳର କପାଳରେ ଟୀକାଟିଏ ହୋଇ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ବହୁକାଳ ସମୁଜ୍ଜ୍ୱଳ ହୋଇରହିବ। ପରପୀଢ଼ିର ଯୁବବର୍ଗଙ୍କ ପାଇଁ ସେ ଜଣେ ଆଇକନିକ ରୋଲ ମଡେଲ ହୋଇ ରହିବେ।

### ତାଙ୍କ ସ୍ମୃତି, କୃତି, କୀର୍ତି ଓ ବିଚାରାଧାରାକୁ ସଂଜୀବିତ ତଥା ସାର୍ଥକ କରିବାପାଇଁ :

ରାଜଧାନୀ ଭୁବନେଶ୍ୱର ଓ କଟକ ସହରରେ ସରକାର ଦୁଇଟି ପୂର୍ଣ୍ଣବାୟବ ପ୍ରତିମୂର୍ତି ସ୍ଥାପନ କରନ୍ତୁ ।

ଯୁବପୀଢ଼ିର ଅଧ୍ୟୟନ, ପ୍ରଶିକ୍ଷଣ, ଗବେଷଣା ପାଇଁ ତାଙ୍କ ବିଚାରଧାରାକୁ ଆଧାର କରି ଇନ୍‌ଷ୍ଟିଚ୍ୟୁଟ ଅଫ ଡେଭଲପମେଣ୍ଟାଲ ଷ୍ଟଡିଜ୍ ଆଣ୍ଡ ଆକାଉଣ୍ଟେବିଲିଟି ପ୍ରତିଷ୍ଠା କରାଯାଉ। (ଅନ୍ୟ ନାମକରଣ କରାଯାଇପାରେ)

ସମଗ୍ର ଓଡ଼ିଶାର ବିଭିନ୍ନ ଅଂଚଳରୁ ସମ୍ବଳହୀନ କୃତୀ ଯୁବକ, ଯୁବତୀମାନଙ୍କୁ ଠାବ କରାଯାଇ ନିଃଶୁଳ୍କ ଉଚ୍ଚ ଶିକ୍ଷା ପାଇଁ ଅନୁଷ୍ଠାନ ଟିଏ ପ୍ରତିଷ୍ଠା କରାଯାଉ।

# ଚୋରି ଅଭିଯୋଗରେ ସୁରକ୍ଷା କର୍ମୀ ବନ୍ଧା ହେଲେ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାରୀ ଠାରେ ଥିବା ଏକ ଗୋଦାମରୁ ଟଙ୍କା ଓ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଜଣେ ସୁରକ୍ଷା କର୍ମୀଙ୍କୁ ପୋଲିସ ବାନ୍ଧିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୁଣା ବ୍ରହ୍ମପୁର ଗଙ୍ଗାଧର ସାହିର ସମୀର ପଣ୍ଡା। ସୂଚନାପ୍ରକାରେ, ଆସିକା ରୋଡ ନିଳାଦ୍ରିବାହର ଛକ ଏସବିଆଇ ଏଟିଏମ ପାଖରେ ଅରକାନ୍ତ ପାତ୍ରଙ୍କ ଏକ ଗୋଦାମ ରହିଛି। ୨ ଦିନ ତଳେ ଉକ୍ତ ଗୋଦାମରେ ସେ ଶୋଇଥିବା ବେଳେ ରାତି ୨ ଟା ବେଳେ ଗୋଦାମର ଗ୍ରୀଲ କଟା ଯାଇଥିବା ଶବ୍ଦ ଶୁଣିବାକୁ ପାଇଥିଲେ। ସେ ନିଦରୁ ଉଠି ପଡିବାରୁ ସେହି ଶବ୍ଦ ବନ୍ଦ ହୋଇ ଯାଇଥିଲା। କିଛି ସମୟ ପରେ ପୁଣି ଶବ୍ଦ ଶୁଣିବାକୁ ମିଳିଥିଲା । ଏହାପରେ କେହି ଚୋରି କରୁଥିବା ଭାବି ଅରକାନ୍ତ ପୋଲିସକୁ ଫୋନ କରିଥିଲେ । ସେହିପରି ତାଙ୍କର ୨ ସହଯୋଗୀଙ୍କୁ ଡାକି ବାରିପଟ ଗ୍ରୀଲ ନିକଟକୁ ଯାଇଥିଲେ। ସେତେବେଳେକୁ ବାରିପଟ କବାଟ ଖୋଲା ରହିଥିବା ବେଳେ ଗ୍ରୀଲ କଟା ଯାଇଥିବା ଜଣାପଡିଥିଲା। ଗୋଦାମର ଡ୍ରଏରରେ ରଖାଯାଇଥିବା ୫୫ ହଜାର ଟଙ୍କା ଗାଏବ ଥିବା ବେଳେ ଗୋଦାମ ଭିତରୁ ୨୦ ପ୍ୟାକେଟ ସେଲୋଟେପ ମଧ୍ୟ ଗାଏବ ଥିଲା। ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ଗୋଦାମର ବାରିପଟକୁ ଯାଇ ଖୋଜାଖୋଜି ପରେ ଜଣେ ବ୍ୟକ୍ତି ଏକ ବୁଦା ମୁଳେ ଲୁଚି ରହିଥିବା ଦେଖିଥିଲେ। ସେମାନେ ତାଙ୍କୁ କାବୁ କରି ନେଇଥିଲେ। ପଚରାଉଚରା ବେଳେ ବ୍ୟକ୍ତି ଜଣଙ୍କ ନିଜ ନାମ ଶଙ୍କର ପଣ୍ଡା ବୋଲି କହିଥିଲେ ଏବଂ ସେ ସୁରକ୍ଷା କର୍ମୀଙ୍କ ପୋଷାକ ପିନ୍ଧିଥିଲେ। ତାଙ୍କ ନିକଟରେ ଥିବା ଏକ କଳା ବ୍ୟାଗ ଭିତରେ ଗ୍ରୀଲ କଟା ମେସିନ, ଭାଇବ୍ରେଟର ଓ ସ୍କ୍ରୁ ଡାଇଭର ଆଦି ମିଳିଥିଲା । ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ଅଭିଯୁକ୍ତ ସମୀର ପଣ୍ଡାକୁ କାବୁ କରି ପୋଲିସ ଜିମା ଦେଇଥିଲେ । ଅରକାନ୍ତଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ଡାକରାବାଡିରେ ବିଜେପିର ମିଶ୍ରଣ ପର୍ବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ମୋଟାବାଡି ପଞ୍ଚାୟତର ଡାକରାବାଡି ଗ୍ରାମରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଡାକରାବାଡି ଗ୍ରାମର ଶୁଶାନ୍ତ କୁମାର ପ୍ରଧାନ, ରଞ୍ଜନ କୁମାର ଜେନା, ଦିନବନ୍ଧୁ ପ୍ରଧାନ, ଚରଣ ଗୌଡ଼, ରଙ୍କନିଧି ସ୍ୱାଇଁ, ଟୁନା ପ୍ରଧାନ, ଶ୍ରୀଧର ଜେନା, ରିଙ୍କୁ ପ୍ରଧାନ, ନିରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ଲଡ୍ଡୁ କିଶୋର ପ୍ରଧାନ, ପବିତ୍ର ଗୌଡ଼ ସମେତ ବହୁ ବ୍ୟକ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଏବଂ ବିକଶିତ ଭାରତ ଗଠନ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପି ଦଳରେ ଯୋଗ ଦେଇଥିଲା ବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସେମାନଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଂଜନ ପ୍ରଧାନ, ବିଧାୟକ ପ୍ରତିନିଧି ହରିହର ସାହୁ, ଆଇନଜୀବୀ ହରପ୍ରସାଦ ଦାସ, କେଦାରନାଥ ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ତ୍ତିକ ମଙ୍ଗାଳ, ଗଙ୍ଗାଧର ନାୟକ, ନଟବର ଜେନା, ସୁନୀଲ ପାଢ଼ୀଙ୍କ ସମେତ ଦଳର ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ରହିଥିଲେ ।

## କୁକୁଡା ଚରିବାକୁ ନେଇ ତୁମୁଳ କାଣ୍ଡ
# ଦୁଇ ପରିବାର ମଧ୍ୟରେ ଟାଙ୍ଗିଆ ଓ ଠେଙ୍ଗାରେ ଆକ୍ରମଣ : ୩ ଗୁରୁତର



କାମାକ୍ଷାନଗର, (ସବ୍ୟୁ): ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଙ୍ଗୁରା ଗାଁରେ କୁକୁଡ଼ାକୁ ନେଇ ମହାଭାରତ ସୃଷ୍ଟି ହୋଇଛି। କୁକୁଡ଼ା ଚରିବାକୁ ନେଇ ଭାଇ, ଭାଇ ଭିତରେ ମାଡ଼ପିଟ ହେବା ସହିତ ଉଭୟ ପକ୍ଷରୁ ତିନି ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ଡାକ ଦେହୁରୀଙ୍କ କୁକୁଡ଼ା ନିଜ ଘର ନିକଟରେ ଚରୁଥିବା ବେଳେ ଘର ପାଖରେ ଥିବା ନିଜ ବଡ଼ବାପା ପୁଅ ଭାଇ ହଟିଆ ଦେହୁରୀଙ୍କ ପିଣ୍ଡା ଉପରକୁ ଚଢି ଯାଇଥିଲା । ଯାହାକୁ ନେଇ ହଟିଆଙ୍କ ସ୍ତ୍ରୀ ନଛି ଦେହୁରୀ ଓ ଡାକଙ୍କ ସ୍ତ୍ରୀ ଧଳା ଦେହୁରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ଘଟଣା ଏତେ ଉଗ୍ର ରୂପ ନେଇଥିଲା ଯେ ଉଭୟଙ୍କ ପରିବାର ମଧ୍ୟରେ ଭୀଷଣ ମାଡ଼ପିଟ ହୋଇଥିଲା । ଉଭୟ ପକ୍ଷରୁ ଟାଙ୍ଗିଆ ଓ ଠେଙ୍ଗା ସାହାଯ୍ୟରେ ଉଭୟ ପକ୍ଷ ଉଭୟଙ୍କୁ ଆକ୍ରମଣ କରିଥିବା ବେଳେ ଏଥିରେ ତିନି ଜଣ ଗୁରୁତର ହୋଇଛନ୍ତି ।

ଏହି ଗଣ୍ଡଗୋଳରେ ଧଳା ଦେହୁରୀଙ୍କ ମୁଣ୍ଡ ଫାଟି ଭୀଷଣ ରକ୍ତସ୍ରାବ ହେଉଥିବା ବେଳେ ହଟିଆ ଦେହୁରୀଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି । ହଟିଆଙ୍କ ସ୍ତ୍ରୀ ନଛି ଦେହୁରୀଙ୍କ ମୁଣ୍ଡ, ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା ବେଳେ ସମସ୍ତେ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ଡାକ୍ତର ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ କାମାକ୍ଷାନଗର ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି ।

## ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଗଜାନନଙ୍କ ବିସର୍ଜନ
# କେନ୍ଦ୍ରୀୟ ପୂଜା କମିଟିର ସଭାପତି, କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା
### ଲଡୁ ନିଲାମଧାରୀ ମଞ୍ଚ ଉପରୁ ଛୁ

ତାଳଚେର, (ସବ୍ୟୁ): ବହୁ ଐତିହାସିକ ଓ ତାଳଚେର ପ୍ରସିଦ୍ଧ ଗଣପର୍ବ ବାବା ଗଣେଶଙ୍କ ଆଜି ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାରମ୍ପାରିକ ନୃତ୍ୟସଙ୍ଗୀତ, ଝାଞ୍ଜ, ଘଣ୍ଟ, ବାଦ୍ୟ ଓ ଲୋକାରଣ୍ୟ ମଧ୍ୟରେ ଅନୁଷ୍ଠିତ ହୋଇଛି । ପୂର୍ବନିଷ୍ପତି ଅନୁଯାୟୀ ଆଜି ପ୍ରାୟ ୩୭ଟି ମେଢ଼ କ୍ରମାନ୍ୱୟ ଭାବେ ବଡ଼ଦାଣ୍ଡସାହି ସ୍ଥିତ ମେଳଣପଡ଼ିଆ ଠାରେ ସକାଳୁ ପଂହଚି ପ୍ରାୟ ଅପରାହ୍ନ ୨ଘଟିକା ସମୟରେ ନିଜ ନିଜର ବେଶଭୂଷା ପରିଧାନ କରି ନୃତ୍ୟର ତାଳେ ତାଳେ ବିସର୍ଜନ ଶୋଭାଯାତ୍ରାରେ ବଡ଼ବଜାର, ଫାଷ୍ଟଗେଟ୍ ଦେଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା । ଏଥିରେ ପୋଲିସ୍ ପ୍ରଶାସନ ପକ୍ଷରୁ ଗଣ୍ଡଗୋଳକୁ ଆଶଙ୍କା କରି ସମସ୍ତ ଛକ ଗୁଡ଼ିକରେ ବ୍ୟାପକ ପୋଲିସ୍ ମୃତୟନ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ବିଗତବର୍ଷ ପୂଜା ମାହୋଲ ପରି ଚଳିତବର୍ଷ ଏହି ପୂଜା ମାହୋଲରେ ବ୍ୟାପକ ତୃଟିକୁ କେନ୍ଦ୍ରକରି ସମଗ୍ର ତାଳଚେର ଅଂଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି । ଗତବର୍ଷ ୩.୫ଟନର ଲଡୁ ସର୍ବସାଧାରଣଙ୍କ ମେଳପଡ଼ିଆ ଠାରେ ୧୯ଲକ୍ଷ ୩୮ହଜାର ଟଙ୍କାରେ ନିଲାମ କରାଯାଇଥିଲା । ମାତ୍ର ଚଳିତବର୍ଷ ଏହି ଲଡୁ ପ୍ରସ୍ତୁତିରେ ଘୋର ବିଭ୍ରାଟ ଦେଖାଦେଇଥିଲା । ଯେଉଁ ରୋଷଶାଳାରେ ଲଡୁ ପ୍ରସ୍ତୁତ ହେଉଥିଲା ସେହି ନିକଟରେ ପ୍ରାୟ ଏକଶହ ଲୋକଙ୍କର ମଟନ ସହିତ ଭୋଜିଭାତ ପ୍ରସ୍ତୁତି ଚାଲିଥିଲା, ସେହି ରୋଷେମାନେ ମଟନ ପ୍ରସ୍ତୁତି କରୁଥିଲେ ଓ ସେହିମାନେ ଶୁଦ୍ଧପୁତଭାବେ ଏହି ଲଡୁକୁ ପ୍ରସ୍ତୁତ କରିବାକୁ ଯଥାର୍ଥ ରହିଥିବା ନୀୟମ ପରିବର୍ତେ ଚପଲମାଡ଼ି ମୁହଁରେ ମାକ୍ସ ହାତରେ ଗ୍ଲୋପ୍ସ ନଲଗାଇ ଲଡୁ ପ୍ରସ୍ତୁତି କରିବା ଏହା ନିଶ୍ଚିତଭାବେ ଅଂଚଳବାସୀଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ବିଷୟ । ପୁନଶ୍ଚ ଗତକାଲି କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଲଡୁ ନିଲାମକୁ ନେଇ ଘୋର ବ୍ୟତିକ୍ରମ ଘଟିବା ଯୋଗୁଁ କମିଟି ସଭାପତି ତଥା ଉପଜିଲ୍ଲାପାଳ ସମୀର ଜେନା ଓ କାର୍ଯ୍ୟକାରୀ ସଭାପତି ଏସଡ଼ିପିଓ ଭରତଚନ୍ଦ୍ର ସାହୁ ଉକ୍ତ ମଂଚରୁ ଏହି ପଦରୁ ଇସ୍ତଫା ଦେଇଥିବା ଘଟଣା ଇତିହାସ ସୃଷ୍ଟି କରିଛି ।

ପୂର୍ବନିଷ୍ପତି ଅନୁଯାୟୀ ଲଡୁକୁ ପ୍ରସ୍ତୁତି ସ୍ଥାନରୁ ଅଣାଯାଇ ସ୍ଥାନୀୟ ଗଣେଶମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏକ ପଟ୍ଟଆରରେ ମେଳଣ ପଡ଼ିଆରେ ପଂହଚିଥିଲା । ମେଳଣ ପଡ଼ିଆରେ ପୂର୍ବବର୍ଷ ଭଳି ଜନଗହଳି ଚଳିତ ବର୍ଷ ଦେଖିବାକୁ ମିଳିନଥିବା ବେଳେ ବହୁ ବିଳମ୍ବରେ ଲଡୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ ବହୁ ସମୟପରେ ମଧ ଏହାର ପରିସମାପ୍ତି ଘଟିଥିଲା । ଏହି ପ୍ରକ୍ରିୟାରେ ମାତ୍ର ଦୁଇରୁ ତିନିଜଣ ବ୍ୟକ୍ତି ଲଡୁ ନିଲାମ ବଢ଼ିବାକୁ କମିଟିକୁ ଅର୍ଥ ଦାଖଲ କରିଥିଲେ । ଏହାପରେ ସେଥି ମଧ୍ୟରୁ ଜଣେ ୧୨ଲକ୍ଷ ଟଙ୍କା ନିଲାମ ଡ଼ାକି ସେଠାରୁ ମଂଚ ଛାଡ଼ି ପଳାଇ ଯାଇଥିଲା ଓ ଏହାପରେ ଅନ୍ୟ ଦୁଇଜଣଙ୍କୁ ଉଚ୍ଚ ଲଡୁ ଓ ଆଜ୍ଞମାଳ ନେବାକୁ କୁହାଯାଇଥିଲେ ମଧ ଏହାକୁ ସେମାନେ ପ୍ରତ୍ୟାଖାନ କରି ଦେଇଥିଲେ । ଏହାପରେ ପୁନଶ୍ଚ ଉକ୍ତ ଲଡୁ ସାନି ନିଲାମ ଡ଼କାଯାଇ ସର୍ବଶେଷରେ ପଟ୍ଟନାୟକ ବ୍ରଦର୍ସ ପ୍ରାୟ ୪ଲକ୍ଷ ୩୦ହଜାର ଟଙ୍କାରେ ନିଲାମ ନେଇଥିଲେ । ତେବେ ତାଳଚେର ଅଂଚଳରେ ରାଜନୈତିକ ଅସ୍ଥିରତା ଯୋଗୁଁ ଏଭଳି ବ୍ୟତିକ୍ରମ ଘଟିଲା ବୋଲି ଚର୍ଚ୍ଚା ଯୋର ଧରିଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିପାଇଁ କଡ଼ାପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଧାନ ଗଛ ନଷ୍ଟ କଲେ ହାତୀ, ଚାଷୀ ଚିନ୍ତାରେ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଝାଟିକିବାହାଳ, କେଞ୍ଜୁଆନାଳି, ମଇମୁରା ଅଞ୍ଚଳରେ ଶନିବାର ରାତିରେ ୫ରୁ ୭ ଟି ହାତୀ ପଲ ଆସି ବ୍ୟାପକ ଧାନ ଗଛ ନଷ୍ଟ କରିଦେଇଛନ୍ତି । ଚାଷୀ ମାନେ ଧାନ ଗଛ ରୋଇ ସାରିଥିବା ବେଳେ ହାତୀମାନେ ପଶି ବ୍ୟାପକ ଫସଲ ପାଦରେ ଦଳି ନଷ୍ଟ କରି ଦେଇଛନ୍ତି । ହାତୀ ମାନେ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ ହାତୀ ମାନେ ଆସି ଗ୍ରାମରେ ଫସଲ ନଷ୍ଟ କରୁଥିଲେ ମଧ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଧାନ ଫସଲ ନଷ୍ଟ କରି ଦେଇଥିବା ଯୋଗୁଁ ଚାଷୀ ମାନେ ଚିନ୍ତିତ ହୋଇପଡିଛନ୍ତି । ଏନେଇ ମଇମୁରା ଅଞ୍ଚଳର ଚାଷୀ ସୁବାସ ନାୟକ, କନ୍ଦର୍ପ ନାୟକ ରବିବାର ଦିନ ଧଣ୍ଡାତୋପା ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ହିନ୍ଦୋଳରେ ହାତୀ ଆକ୍ରମଣରେ ପୁଣି ଗଡିଲା ମୁଣ୍ଡ
# ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ସହ କଥାହେଲେ ସାଂସଦ ରୁଦ୍ରନାରାୟଣ ପାଣି

ରାସୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ଦିନ ବୃଦ୍ଧି ପାଉଥିବା ବେଳେ ଗତ ୨ ମାସ ମଧ୍ୟରେ ହାତୀ ଆକ୍ରମଣରେ ୧୦ ଗୋଟି ଅମୂଲ୍ୟ ଜୀବନ ଅକାଳରେ ଝଡି ଗଲାଣି । ଶନିବାର ରାସୋଳ ଥାନା ବେଡାପଡା ଗ୍ରାମର ତ୍ରିନାଥ ନାଏକ ( ଚଣିଆଁ ) ୫୧ କୌଣସି କାର୍ଯ୍ୟରେ ବାହାରକୁ ଯାଇ ପ୍ରାୟ ସନ୍ଧ୍ୟା ୭ ଟା ସମୟରେ ଘରକୁ ଫେରୁଥିବା ସମୟରେ ଏକ ଦନ୍ତା ହାତୀ ଆକ୍ରମଣରେ ମୃତ ବରଣ କରିଥିଲେ ।

ହାତୀଟି ତ୍ରିନାଥଙ୍କୁ ଅତି ନୃସଂଶ ଭାବେ ଶୁଣ୍ଢରେ କଚାଡି ମାରିଥିଲା । ଖବର ପାଇ ବନବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧାନ କରିବା ସହିତ ମୃତ୍ୟୁ ବରଣ କରିଥିବା ତ୍ରିନାଥଙ୍କୁ ପୋଷ୍ଟମର୍ଟମ ନିମନ୍ତେ ହିନ୍ଦୋଳ ଡାକ୍ତରଖାନାକୁ ପଠାଇ ଦେଇଥିଲା। ରବିବାର ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବାରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସଂପନ୍ନ ହୋଇଥିବା ଜଣାପଡିଛି। ଜନ ବସତି ଅଂଚଳ ନିକଟରେ ଅନେକ ହାତୀ ରହୁଥିବାରୁ ସଂଧ୍ୟାହେଲେ ହାତୀ ଗୁଡିକ ଗ୍ରାମାଭିମୁଖି ହୋଇ ଧନଜୀବନ ନଷ୍ଟ କରୁଥିବାରୁ ଲୋକେ ଆତଙ୍କିତ ହୋଇରହୁଛନ୍ତି । ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲି ସ୍ଥିତ ବାସଭବନରୁ ତତକ୍ଷଣାତ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗେଣେଷରାମ ସିଂ ଖୁଣ୍ଟିଆଙ୍କ ସହ ବିଷଦ ଆଲୋଚନା କରି ହିନ୍ଦୋଳବାସୀ ଧନଜୀବନ କ୍ଷତି କରୁଥିବା ହାତୀ ଉପଦ୍ରବ ନେଇ ଉଦବେଗ ପ୍ରକାଶ କରିବା ସହ ଆକ୍ରମଣ କରୁଥିବା ଦନ୍ତା ହାତୀକୁ ଶିଘ୍ର ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ଘଞ୍ଚ ଜଙ୍ଗଲକୁ ପଠାଇବାକୁ ଆଲୋଚନା କରିଥିବା ସମୟରେ ମନ୍ତ୍ରୀ ଏନେଇ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କେନ୍ଦୁନାଳୀ କ୍ଲଷ୍ଟରର ସିଆରସିସି (ଶିକ୍ଷକ) ଦୁର୍ମଳ ବେହେରାଙ୍କୁ ଶୁକ୍ରବାର ଦିନ ଶ୍ରେଷ୍ଠ ସିଆରସିସି ଭାବରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ତାଙ୍କୁ କ୍ଲଷ୍ଟର ସ୍ତରରେ ଶନିବାର ଦିନ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଜ୍ୟୋସ୍ନାମୟୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସୁଷମା ନାୟକ, କଳ୍ପନା ନାୟକ, ବିପିନୀ ବିହାରୀ ମିଧା, ଜୟନ୍ତୀ ନାୟକ, ପ୍ରଶାନ୍ତ କୁମାର ସାହୁ, ଲମ୍ବୋଦର ପ୍ରଧାନ, ରଶ୍ମୀ ରଞ୍ଜନ ନାୟକ, ରୀତା ବେହେରା, ପ୍ରଦ୍ୟୁମ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ନାବାଳିକା ଅପହରଣକାରୀକୁ ୫ ବର୍ଷ ଜେଲ୍

ଅନୁଗୁଳ, (ସବ୍ୟୁ): ଜଣେ ନାବାଳିକାକୁ ଅପହରଣ କରିବା ମାମଲାରେ ଅଦାଲତ ବଣ୍ଟାଁରପାଳ ଥାନା ତେଣ୍ଟୁଲୋଇ ଗାଁର ସଂଜୟ ନାଏକ(୨୫)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ତାକୁ ଅଧିକ ୨ ମାସ ଜେଲରେ ରହିବାକୁ ପଡ଼ିବ। ସୂଚନା ଅନୁସାରେ, ଗତ ୨୦୧୫ ଜୁନ୍ ୨ ତାରିଖରେ ସଂଜୟ ବଣ୍ଟାଁରପାଳ ଅଞ୍ଚଳର ଜଣେ ୧୭ବର୍ଷର ନାବାଳିକାଙ୍କୁ ଘରୁ ଉଠାଇ ଆଣି ନିଜ ଘରେ ତାଲା ପକାଇ ରଖିଥିଲା। ନାବାଳିକାଙ୍କ ପରିବାର ପ୍ରତି ପୂର୍ବ ରାଗ ରଖି ସେ ତାଙ୍କୁ ରାତି ଅଧରେ ପାଟିରେ କପଡ଼ା ବାନ୍ଧି ଉଠାଇ ଆଣିଥିଲା । ଏନେଇ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ବଣ୍ଟାଁରପାଳ ଥାନାରେ ଏତଲା ଦେଇଥିଲେ। ପରେ ପୁଲିସ ୧୦୯/୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ମାମଲାର ବିଚାର ଅନୁଗୁଳ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ କୋର୍ଟରେ ଚାଲିଥିଲା। ୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଓ ଅନ୍ୟ ପ୍ରମାଣକୁ ଭିତ୍ତ କରି ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏହି ରାୟ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ପରିଚାଳନା କରୁଥିଲେ।

## ରୋଗୀ ଆଣିବାକୁ ଯାଇ ରୋଗୀ ପାଲଟିଲା ଆମ୍ବୁଲାନ୍ସ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡରେ ପୁଣି ସାମ୍ନାକୁ ଆସିଲା ୧୦୮ ଆମ୍ବୁଲାନ୍ସ ସେବାର ବିକଳଚିତ୍ର । ରୋଗୀ ଆଣିବାକୁ ଯାଇ ରୋଗୀ ପାଲିଟିଗଲା ୧୦୮ ଆମ୍ବୁଲାନ୍ସ । ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ଗ୍ରାମର ବାସନ୍ତୀବେହେରାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିବାର ଲୋକ ବାସନ୍ତୀଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଖବର ପାଇ ୧୦୮ କର୍ମଚାରୀ ମାନେ ଆମ୍ବୁଲାନ୍ସକୁ ଧରି ଗେଙ୍ଗୁଟିଆ ଗ୍ରାମରେ ପହଞ୍ଚିଥିବା ବେଳେ ରୋଗୀଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରୁଥିବା ବେଳେ ହଠାତ ଆମ୍ବୁଲାନ୍ସଟି ଅଚଳ ହୋଇ ଷ୍ଟାର୍ଟ ହୋଇ ନଥିଲା । ଫଳରେ ଗ୍ରାମବାସୀ ମାନେ ଆମ୍ବୁଲାନ୍ସକୁ ଧକ୍କା ମାରି ଷ୍ଟାର୍ଟ କରିବାକୁ ଉଦ୍ୟମ କରୁଥିବା ବେଳେ ହଟାତ ଆମ୍ବୁଲାନ୍ସ ଇଞ୍ଜିନରେ ଧୂଆଁ ଦେଖିବାକୁ ମିଳିବା ସହ ଗାଡିଟି ଆଦୌ ଷ୍ଟାର୍ଟ ହୋଇନଥିଲା। ଫଳରେ ଗୁରୁତର ରୋଗୀଙ୍କ ପରିବାର ଲୋକ ଅନ୍ୟ ଏକ ଗାଡି ସାହାଯ୍ୟରେ ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ଆମ୍ବୁଲାନ୍ସଟି ଗାଁ ମଝିରେ ଅଚଳ ଅବସ୍ଥାରେ ପଡି ରହିଛି।

## ଟ୍ରକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ପଂଚାୟତ ଲିଙ୍ଗରାକଟା ଗ୍ରାମର ରଘୁନାଏକ ଓ ଗୁଜା ନାଏକ ଆଜି ସକାଳେ ଆନନ୍ଦବଜାରରୁ ନନ୍ଦିରା ବ୍ରିଜ ଦେଇ ସାଇକେଲରେ ଯାଉଥିବା ସମୟରେ ଏକଟ୍ରକ ସେମାନଙ୍କୁ ଧକ୍କା ଦେବାରୁ ରଘୁ ନାଏକ ଘଟଣା ସ୍ଥଳରେ ମୃତ୍ୟୁବରଣ କରଇଥିଲେ ଓ ଗୁଜା ନାଏକ ଗୁରୁତର ଆହାତ ହୋଇଥିଲେ। ସେଠାରୁ ଗୁରୁତର ଆହାତ ଶ୍ରୀ ନାଏକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ସ୍ଥାନୀୟ ଡ଼ାକ୍ତରଖାନାକୁ ନେଇଥିଲେ। ଏହି ଖବର ପାଇ ବିଧାୟକ ବ୍ରଜକିଶୋର ପ୍ରଧାନ ସେଠାରେ ପଂହଚି ମୃତବ୍ୟକ୍ତିଙ୍କ ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଗୁରୁତର ଆହାତକୁ ଆଶୁ ଅରୋଗ୍ୟ କାମନା କହିଥିଲେ।

## ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା




କାମାକ୍ଷାନଗର, (ସବ୍ୟୁ): ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ସ୍ଥିତ ଜେଏମପି ମଡେଲ ସ୍କୁଲ ଠାରେ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଢେଙ୍କାନାଳ ଟାଇକୋଣ୍ଡୋ ଆସୋସିଏସନ ତରଫରୁ ଆୟୋଜିତ ଏହି ଦିନିକିଆ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ମାନେ ଭାଗନେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଡିଶା ଟାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ଜେଏମପି ମଡେଲ ପବ୍ଲିକ ସ୍କୁଲର ଅଧକ୍ଷ ଦିନେଶ କୁମାର ସେନାପତି, ଜିଲ୍ଲା ଟାଇକୋଣ୍ଡୋ ଆସୋସିଏସନ ସଭାପତି ଆଡ଼ଭୋକେଟ ପ୍ରଦ୍ୟୁମ୍ନ କୁମାର ନାୟକ, କୋଷାଧକ୍ଷ ଆଡ଼ଭୋକେଟ ଚିତ୍ରସେନ ନାୟକ, ନୀଳମଣି ନାୟକ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୧୫୦ରୁ ଉର୍ଦ୍ଧ ପ୍ରତିଯୋଗୀ ମାନେ ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ସ୍ୱର୍ଣ୍ଣ, ରୋପ୍ୟ ଓ କଂସ୍ୟ ପଦକ ପ୍ରଦାନ କରାଯାଇଥିଲା।

କାମାକ୍ଷାନଗର ଭଳି ଏକ ଛୋଟ ସହରରେ ପ୍ରଥମଥର ପାଇଁ ଟାଇକୋଣ୍ଡୋ ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ସ୍ଥାନୀୟ ପ୍ରତିଯୋଗୀ ଓ ଅଭିଭାବକ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ରାଜ୍ୟର ପ୍ରତିଷ୍ଠିତ ଟାଇକୋଣ୍ଡୋ ରେଫରୀ ମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାର ସୁନାମଧନ୍ୟ ଟାଇକୋଣ୍ଡୋ ପ୍ରଶିକ୍ଷକ ଚନ୍ଦନ ସ୍ୱାଇଁ ପ୍ରତିଯୋଗିତାକୁ ଆୟୋଜନ କରିଥିଲେ। ଜେଏମପି ମଡେଲ ପବ୍ଲିକ ସ୍କୁଲର କର୍ମଚାରୀ ମାନେ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ନିହଲପ୍ରସାଦ ନବକାଶିପୁର ଖଣିରେ ଅଘଟଣ
# ଡ୍ରିଲିଂ ବେଳେ ଖସିପଡି ଶ୍ରମିକ ମୃତ, ଚପାଇ ଦେବାକୁ ଉଦ୍ୟମ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟସ୍ଥ ନବକାଶିପୁର କଳା ମୁଗୁନ ପଥର ଖଣିରେ କମ୍ପ୍ରେସରରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିବା ବେଳେଖସିପଡି ଜଣେ ଶ୍ରମିକ ମୃତ୍ୟୁ ବରଣ କରିଥିବାର ଜଣାପଡିଛି । ଘଟଣାକୁ ଚପାଇଦେବାକୁ ଉଦ୍ୟମ ବେଳେପୋଲିସ ଶବକୁ ଜବତ କରି ତଦନ୍ତ ଚଳାଇଛି । ନିହଲପ୍ରସାଦ ଅଞ୍ଚଳରେ ବର୍ଷବର୍ଷ ବେଆଇନ ପଥର ଖଣ୍ଡି କଳାମୁଗୁନି ପଥ୍ର ପାଇଁ କମ୍ପ୍ରେସର ସାହାଯ୍ୟରେ ପଥର ଫଟାଇବା ପାଇଁ କାର୍ଯ୍ୟ ହେଉଛି । ନବକାଶିପୁର ପଥର କ୍ୱାରି ଅଞ୍ଚଳରେ ଆଜି ନିକଟସ୍ଥ ପିଙ୍ଗୁଆ ବାଲିକିଆରୀ ଗ୍ରାମର ଜିତୁ ତିରିଆ(୨୩) କମ୍ପ୍ରେସର ମେସିନରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିଲେ । ଏହି ସମୟରେ କମ୍ପ୍ରେସର ବିଟ ଭାଙ୍ଗିଯିବାସହିତ ତାର ପେଟର ପଶିଯାଇଥିଲା । ଫଳରେ ଗୁରୁତର ଅବସ୍ଥାରେ ତାକୁ ବରପଦା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ସେଠରୁ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ବ୍ୟବଛେଦ ପାଇଁ ରଖାଯାଇଛି ।ଅନ୍ୟ ସୂତ୍ରରୁ ଜଣାପଡିଛି ଯେ, ଶ୍ରମିକ ଜଣକ ତଳକୁ ଖସିପଡିବାରୁ ତା ପେଟରେ ଶାବ ପଶିଯିବାରୁ ସେ ଗୁରୁତର ଆହତ ହୋଇଥିଲେ । କିନ୍ତୁ ଏହି ଘଟଣାକୁ ଚାପି ଦେବାକୁ ଜୋରସୋର ଉଦ୍ୟମ ଚାଲିଥିବା ବେଳେ ଦୁର୍ଘଟଣାରେରୂପ ଦେବାକୁ ଯୋଜନା ହେଉଥିଲା ।

ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଛେଦ ପାଇଁ ପଠାଇଛି । ଘଟଣାକୁ ନେଇ ଜିଲ୍ଲା ଶ୍ରମ ଆୟୁକ୍ତ କମିଶନର ଏବଂ ଖଣି ବିଭାଗ ତରଫରୁ ତଦନ୍ତ ଜାରିରହିଛି । ଏହି ଖଣି ଅଜିତ ସାହୁଙ୍କ ନାମରେଥିବାର କନିଷ୍ଠ ଖଣିଅଧିକାରୀ ପ୍ରକାଶ କରିଛନ୍ତି । ଏଭଳି ଘଟଣା ନିହଲ ପ୍ରସାଦରେ ବାରମ୍ବାର ଘଟୁଥିବ ବେଳେ ପୋଲିସ, ପ୍ରଶାସନ, ଖଣିବିଭାଗ ଏବଂ ଶ୍ରମ ବିଭାଗର ଅପରାଗତା ଯୋଗୁ ଖଣିମାଫିଆ ମାନେ କୋଟିକୋଟି ଟଙ୍କା କଳାମୁଗୁନି ପଥର ଚୋରା ଚାଲାଣ କରୁଥିବାର ଜଣାପଡିଛି ।

## ଯୁବକଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ସୁଦନ ବେହେରାଙ୍କୁ ତାଙ୍କ ଗ୍ରାମର ରସାନନ୍ଦ ଓ ତାଙ୍କ ଝିଅ ସବିତା ମାଡ ମାରିବା ସହ ହତ୍ୟା କରିବେ ବୋଲି ଧମକ ଦେଇଛନ୍ତି । କୌଣସି କାରଣ ନଥାଇ ବିନା କାରଣରେ ସେ ଘରେ ଥିବା ବେଳେ ତାଙ୍କୁ ମାଡ ମାରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତି କରି ପୋଲିସ ନମ୍ବର ୨୫୩/୨୫ ରେ ଏକ ମାମଲା ରୁଜୁ କରିଛି । ଏନେଇ ରସାନନ୍ଦ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟସ୍ଥ ଏକ ସ୍ଥାନରୁ ଜାଳିବା ପାଇଁ କିଛି କାଠ ସଂଗ୍ରହ କରି ଆଣୁଥିବା ବେଳେ ସୁଦନଙ୍କର ସମ୍ପର୍କୀୟ ମୋହନ ଦେଖି ପ୍ରତିବାଦ କରିଥିଲା। ପରେ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲା। ଏନେଇ ରସାନନ୍ଦଙ୍କର ଝିଅ ସବିତା ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ତାଙ୍କ ଅଭିଯୋଗକୁ ଭୀତି କରି ପୋଲିସ ନମ୍ବର ୨୫୪/୨୫ ରେ ଏକ ମାମଲା ରୁଜୁ କରିଛି ।

## ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବଲାଙ୍ଗି ଠାରେ ନବ ନିର୍ମୀତ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡିଶା ସରକାରଙ୍କ ପଂଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଏହି ମେଗା ପ୍ରକଳ୍ପକୁ ଉଦଘାଟନ କରିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଧାୟକ ଅଶୋକ ମହାନ୍ତି, ବିଧାୟକ ବ୍ରଜକିଶୋର ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ଜିଲ୍ଲାପାଳ ଅବ୍ଦାଲ ମହମ୍ମଦ ଅଖତର, ତାଳଚେର ଉପଜିଲ୍ଲାପାଳ ସମୀର ଜେନା, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତି ପ୍ରଧାନ, ଜିଲ୍ଲାପରିଷଦ ରଂଜନ କୁମାର ସାହୁ, ସମଲ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସେଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଶ୍ରୀ ନାଏକ ଉକ୍ତ ପ୍ରକଳ୍ପରେ ଜିଲା ଖଣିଜ ପାଣ୍ଠିରୁ ୭୦୧କୋଟି ୮୬ଲକ୍ଷ ୧୭ହଜାର ୫ଶହ ଟଙ୍କା ବ୍ୟୟ ବରାଦ ହୋଇଛି। ପ୍ରକଳ୍ପ ଦ୍ୱାରା ଅନୁଗୋଳ ଜିଲ୍ଲାର କଣିହାଁ, ଛେଣ୍ଡିପଦା, ତାଳଚେର ଓ ବଣ୍ଟାଁରପାଳ ବ୍ଲକର ୩୪ଗ୍ରାମପଂଚାୟତ ଅଧିନରେ ଥିବା ୧୭୨ଗ୍ରାମର ଅଧିବାସୀ ଉପକୃତ ହେବେ। ମୋଟ ୧ଲକ୍ଷ ୮୭ହଜାର ୪୮୫ଲୋକ ସୁରକ୍ଷିତ ଓ ସ୍ଥାୟୀ ଶୁଦ୍ଧ ପାନୀୟଜଳ ପାଇ ଉପକୃତ ହେବେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ମୁଖ୍ୟଯନ୍ତ୍ରୀ ସୌରଭ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏସଡିଓ ସରୋଜ କୁମାର ପ୍ରଧାନ ଓ କର୍ମଚାରୀ ସହଯୋଗ କରିଥିଲେ। ମନ୍ତ୍ରୀ ସମଲ ବ୍ୟାରେଜ ଠାରେ ଏକ କଲ୍ୟାଣମଣ୍ଡପର ଭୂମିପୂଜନ ମଧ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳିବ ବିଜେପି

ଅନୁଗୁଳ, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରିବ ବିଜେପି। ସମଗ୍ର ଦେଶରେ ବିଜେପି ପକ୍ଷରୁ ସେବା ପକ୍ଷ ପାଳନ କରାଯିବ । ଶୁକ୍ରବାର ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସେବାପକ୍ଷ ପାଳନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଅଦ୍ୱିତୀୟ ନେତା ।




ତାଙ୍କ ସମୟରେ ଭାରତ ବିକାଶର ଶୀର୍ଷରେ ପହଁଚିଛି । କୋଟି କୋଟି ଭାରତୀୟଙ୍କର ହୃଦୟରେ ପ୍ରଧାନମନ୍ତ୍ରୀ ମୋଦି ସ୍ଥାନିତ ହୋଇପାରିଛନ୍ତି । ତାଙ୍କ ଜନ୍ମଦିନକୁ ବିଜେପି ପକ୍ଷରୁ ଧୂମଧାମରେ ପାଳନ କରାଯିବ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯିବ । ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ମଠ ମନ୍ଦିରରେ ପୂଜାର୍ଚ୍ଚନା, ବିଭିନ୍ନ ପ୍ରଦର୍ଶନୀ ଓ ବିଭିନ୍ନ ସେବା ମୂଳକ କାର୍ଯ୍ୟ କରାଯିବ ବୋଲି ଶ୍ରୀଯୁକ୍ତ ଖଟେଇ ପ୍ରକାଶ କରିଥିଲେ । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ସେବାପକ୍ଷ ଉପରେ କାର୍ଯ୍ୟକର୍ତାଙ୍କୁ ମାର୍ଗଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, କାର୍ଯ୍ୟକ୍ରମର ସଂଯୋଜକ ସୁଦିପ ଗଡ଼ନାୟକ, ସହ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ବସନ୍ତ ମଞ୍ଜରୀ ପ୍ରଧାନ ଓ ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ କର୍ମଶାଳାରେ ନିଜର ବିଷୟ ଉପସ୍ଥାପନା କରିଥିଲେ । ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା ପଦାଧିକାରୀ, ମଣ୍ଡଳର ଟୋଲୀ ତଥା ଶତାଧିକ ବରିଷ୍ଠ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା

ଅନୁଗୁଳ, (ସବ୍ୟୁ): ଅନୁଗୁଳ ସହରର ଖଲାରୀ ହାଟଛକ ସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ଜ୍ଞାନ ବିଜ୍ଞାନ ମେଳା –୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଏହି ମେଳାରେ ବିଦ୍ୟା ମନ୍ଦିରର କୁନି ବୈଜ୍ଞାନିକ ମାନେ ଜଳଚକ୍ର, ଆଲୋକ ଶ୍ଳେଷଣ ପ୍ରକ୍ରିୟା, ନୋ ବେଟାରୀ ଫ୍ୟାନ, ସୌର ଜଗତ ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ, ଅଟୋ ମେଟିକ ଷ୍ଟ୍ରିଟ ଲାଇଟ, ସଜୀବ ଓ ନିର୍ଜୀବ, ବର୍ଜ୍ୟବସ୍ତୁରୁ ମାଛ ଚାଷ, ବର୍ଷା ଜଳ ସଂରକ୍ଷଣ ସୋଲାର ଇଲେକ୍ଟ୍ରିସିଟି, ୱାଟର ଆଲାରମ୍ ଆଦି ପ୍ରାୟ ୭୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଇ ଅବସରରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପବିତ୍ର ଦେହୁରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ତଥା ବିଚାରକ ଭାବେ ଅନୁଗୁଳ ସ୍ୱୟଂ ଶାସିତ ମହା ବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ଡ. ରଞ୍ଜନ କୁମାର ଭୂୟାଁ, ସମ୍ମାନୀତ ଅତିଥି ତଥା ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଓ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିବା ସହ ପ୍ରଦର୍ଶନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ଶିଶୁ ମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ବିଜ୍ଞାନ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିବା ସହ ଆଜିର ଶିଶୁ ବୈଜ୍ଞାନିକ ଆସନ୍ତାକାଲିର ଭବିଷ୍ୟତ ବୈଜ୍ଞାନିକ ବୋଲି ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ପରି ଶେଷରେ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିରର ଗୁରୁଜୀ ସିଦ୍ଧାର୍ଥ ଶେଖର ସାହୁ, ଗୁରୁ ମାଆ ନିରୁପମା ଗଡନାୟକ, ବିନୋଦିନୀ ଦାସ, ବନ୍ଦନା ତ୍ରିପାଠୀ, ଋତୁପର୍ଣ୍ଣା ଧୀର,ଲିଲୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ୩ ଶିକ୍ଷକ ସମ୍ମାନୀତ



ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ, ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡ଼ଃ ଚିଦାନନ୍ଦ ଦେହୁରୀ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରାଥମିକ ଶିକ୍ଷକ ମନୋଜ କୁମାର ପାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ମନୋନୀତ ହୋଇ ସମ୍ମାନୀତ ହୋଇଛନ୍ତି । ଅନୁଗୁଳ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ୩ ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଶିକ୍ଷକ ଶ୍ରୀ ବିଶ୍ୱାଳ ଗଣିତ ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚ କୋଟିର ଶିକ୍ଷା ଦେଇ ଖ୍ୟାତି ଲାଭ କରିଥିବା ବେଳେ ସଂସ୍କୃତ ଶିକ୍ଷକ ଶ୍ରୀ ଦେହୁରୀ ସଂସ୍କୃତ ଶିକ୍ଷାରେ ପାରଦର୍ଶୀତା ଦେଖାଇବା ସହିତ ବିଭିନ୍ନ ପୁସ୍ତକ ରଚନା କରି ପ୍ରଶଂସିତ ହୋଇଛନ୍ତି । ଶ୍ରୀ ପାତ୍ର ଛୋଟଛୋଟ ଶିଶୁଙ୍କୁ ଭଲ ଶିକ୍ଷା ଦେଇ ଆଠମଲ୍ଲିକ ଅଞ୍ଚଳରେ ଜଣେ ଭଲ ଶିକ୍ଷକ ଭାବେ ପରିଚିତ ଥିବା ଜଣା ପଡିଛି ।

## ୪୮୮ ସଙ୍ଘ ପକ୍ଷରୁ ଆଭାସୀ ବୈଠକ
# ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ

ଢେଙ୍କାନାଳ, (ସବ୍ୟୁ): ଢ଼େଙ୍କାନାଳ ଜିଲ୍ଲା ୪୮୮ ବର୍ଗ ମହାବିଦ୍ୟାଳୟ ଶାଖା ତରଫରୁ ଏକ ଆଭାସୀ ବୈଠକ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବା ସହିତ ପେନସନ ଏବଂ ଚାକିରୀ ସର୍ତ୍ତାବଳୀ ପାଇଁ ସଙ୍ଘ ତରଫରୁ ଆଗାମୀ ଦିନରେହେବାକୁ ଥିବା କାଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ୪୮୮ ବର୍ଗ ଅଧାପକ କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାରେ ସରକାରଙ୍କ ଟାଳଟୁଳ ନିତୀ, ବିଳମ୍ବିତ ପ୍ରକ୍ରିୟା, ଶିକ୍ଷକ କର୍ମଚାରୀଙ୍କ ପାଇଁ ମାରଣ ନିତୀକୁ ନିନ୍ଦା କରାଯାଇଥିଲା। ଦିର୍ଘ ୩୫ବର୍ଷ ଧରିକାର୍ଯ୍ୟ କରିବା ପରେ ଅବସର ପରେଖାଲି ହାତରେ ଅବସର ନେବାଏକ ଦୁଃଖ ଦାୟକ ପରିସ୍ଥିତି ବୋଲି କହିଥିଲେ। ପେନସନ,ଗ୍ରାଚୁଇଟି, ଅବସରକାଳୀନ ସୁବିଧା ନାହିଁ। ଶହ ଶହ ଅଧାପକ କର୍ମଚାରୀ ଅବସର ପରେ ଦୁର୍ଦ୍ଦିନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହିତ ପଦକ୍ଷେପ ଗ୍ରହଣ କରାନଗଲେ ଦୁର୍ବାର ଆନ୍ଦୋଳନ ଭଳି ପନ୍ଥାକୁ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ଏହି ଆଭାସୀ ବୈଠକରେ ରାଜ୍ୟ ନେତୃମଣ୍ଡଳୀର ସଭାପତି ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ, ପ୍ରିୟରଞ୍ଜନ ରଥ,ବନମାଳୀ ବାରିକ, ଅଜୟ ଦାସଙ୍କ ସହିତ ଡକ୍ଟର ଅନିଲ କୁମାର ଜେନା,ପ୍ରଭାତ କୁମାର ଜେନା, ସୁବାଷ ପତି, ନୀଳକଣ୍ଠ ଦାସ ପ୍ରମୁଖ ଯୋଗଦେଇଥିବା ବଳେ ପ୍ରବୀର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆପଡା ରାମେଶ୍ୱର ମନ୍ଦିର ଯାତ୍ରା କମିଟି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ନୂଆପଡା ସ୍ଥିତ ରାମେଶ୍ୱର ମନ୍ଦିର ଯାତ୍ରା କମିଟି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ନିକଟସ୍ଥ ପଡିଆ ଠାରେ ବିଭିନ୍ନ ପ୍ରକାରର ଅଳିଆ, ପ୍ଲାଷ୍ଟିକ୍ କପ୍, ପ୍ଲାଷ୍ଟିକ୍ ଗ୍ଲାସ୍, କାଗଜ ଖଲି, ଚଉପତି ଇତ୍ୟାଦି ପଡି ପୁତିଗନ୍ଧମୟ ସୃଷ୍ଟି ହେବା ସହିତ ଅପରିଷ୍କାର ପରିବେଶ ଦେଖାଯାଉଥିଲା । ଯାତ୍ରା କମିଟିର ସଭାପତି ବିଜୟ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ଝାଡୁ କରିବା ସହିତ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ମନ୍ଦିରର ଉନ୍ନତି ପାଇଁ ଆସନ୍ତା ସେପ୍ଟେମ୍ବର ୧୪ରୁ ୧୮ ରିଖ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ଏହି ପଡିଆରେ ଯାତ୍ରା କାର୍ଯ୍ୟକ୍ରମ କରିବ ବୋଲି ମନ୍ଦିର ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଆନନ୍ଦ ଚନ୍ଦ୍ର ସାହୁ, ପ୍ରତାପ ସାମଲ, ସୌଭାଗ୍ୟ ନାୟକ, ବିଭୁତି ସାମଲ, ନିରଂଜନ ସାମଲ, ସୁଧାଂଶୁ ଦାସ, ଅରୁଣ ଗଡନାୟକ, ସୌଭାଗ୍ୟ ଗଡନାୟକ, ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ସମ୍ବଲପୁରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ୍ ରେ ସାଂସ୍କୃତିକ କାର୍ଯ୍ୟକ୍ରମ

# ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ ନେଇ ପଦକ୍ଷେପ ନିଆଯିବ : ଜିଲ୍ଲାପାଳ

ନୂଆପଡ଼ା,(ସବ୍ୟୁ):ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କ ତଥା ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ , ଡେପୁଟୀ କଲେକ୍ଟର ଶେଖ୍ ନସିମ, ହେମନ୍ତ ପୁଟା,ସମସ୍ତ ବିଡ଼ିଓ ଓ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ, ପରିବହନ ଅଧିକାରୀ, ସମସ୍ତ ଏନ୍ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ ଦେଇଥିଲେ । ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ସମସ୍ତ ତହସିଲଦାର, ଆଡିସିଓନାଲ ତହସିଲଦାର ରାଜସ୍ୱ ନିରୀକ୍ଷକ ଅତି ଶୀଘ୍ର ନିଜ ନିଜ ତହସିଲର ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରି ଘରଡିହ ନ ଥିଲେ ଯୋଗାଇ ଦେବେ ।

ଜିଲ୍ଲାପାଳ କହିଲେ ଯେ ରାସ୍ତା ଦୁର୍ଘଟଣାରେ ବିଶେଷକରି ବାଇକ୍ ଚାଳକ ଯୁବା ବର୍ଗଙ୍କ ଜୀବନ ହାନି ଘଟୁଥିବାରୁ ମଦ୍ୟପାନ ଏବଂ ବିନା ହେଲମେଟରେ ବାଇକ୍ ଚାଳନା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ । ଅବକାରୀ ବିଭାଗ ପକ୍ଷରୁ ଅଗଷ୍ଟ ସୁଦ୍ଧା ୮ କୋଟି ୫୬ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ବେଆଇନ୍ ମଦ



କୋଠି, କଫ ସିରପ , ଗଞ୍ଜେଇ କାରବାରକୁ ଦୃଢ଼ ହସ୍ତରେ ଦମନ କରି କେଶ୍ ସଂଖ୍ୟା ବଢାଇବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ଖଣି ଖାଦାନ ବାଲି ମୋରମ୍ ପଥରରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ । ମାଇନିଂ, ପୋଲିସ ଓ ତହସିଲ୍ ବିଭାଗ ମିଳିତ ଭାବରେ ରେଡ୍ କରିବେ । ଜିଲ୍ଲାର ଜଙ୍ଗଲ ଜମି ଏବଂ ଗୋଚର ଜମିରୁ ଜବର ଦଖଲ ଅତି ଶିଘ୍ର ଉଚ୍ଛେଦ କରି ତାକୁ ସଂରକ୍ଷିତ ରଖାଯିବ। ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମାନେ ତହସିଲଦାର ମାନଙ୍କ ସହଯୋଗରେ ସହରାଞ୍ଚଳର ରାସ୍ତା ଘାଟରୁ ଜବର ଦଖଲ ଉଚ୍ଛେଦ କରିବେ। ନୂଆପଡ଼ା ଜିଲ୍ଲା ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଜିଲ୍ଲାକୁ ଆଉ ଏହିଭଳି ପ୍ଲାଷ୍ଟିକ ଜମାରୁ ଆସିବ ନାହିଁ କିମ୍ବା କୌଣସି ଦୋକାନରେ ବିକ୍ରି ହେବନାହିଁ । ସମସ୍ତ ରାଜସ୍ୱ ଅଧିକାରୀ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରିବା,ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ ମୁକ୍ତ କରିବା, ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ଝପର୍ଚ୍ଚା ଦ୍ୱିତୀୟ ଖାନା ଶତ ପ୍ରତିଶତ ସଂଶୋଧନ କରିଥିବାରୁ ସଭାରେ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ସୁନାନୀ, ଦେବରାଜ ତ୍ରିପାଠୀ, ଗଙ୍ଗାଧର ଜଗତ, ଲାଇବାନ ପୁଝାରୀ ଓ ଶେଫାଳୀ ତାଣ୍ଡିଙ୍କୁ ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ।

# ସମଲେଶ୍ୱରୀ ମନ୍ଦିର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି : ରୋହିତ

ସମ୍ବଲପୁର,(ସବ୍ୟୁ): ପଶ୍ଚିମଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିରରେ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଉଚ୍ଚକ୍ଷମତା ସମ୍ପନ୍ନ ସାଉଣ୍ଡ ସିଷ୍ଟମ ସହ ଆତସବାଜୀ ଓ ବାଣ ବ୍ୟବହୃତ ହେଉଛି । ଏହାଦ୍ୱାରା ସମଲେଶ୍ୱରୀ ମନ୍ଦିର ତଥା ଆଖପାଖରେ ଥିବା ଐତିହ୍ୟ ମନ୍ଦିର ଗୁଡିକର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଅଭିଯୋଗ କରିଛନ୍ତି । ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସମଲେଶ୍ୱରୀ ମନ୍ଦିର ପରିସରରେ ନୂଆଁଖାଇ ଦିନ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା । ଏହାର ଟେଷ୍ଟ ଏପର୍ଯ୍ୟନ୍ତ ଖୋଲା ଯାଇନଥିବା ବେଳେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ପୁଣି ଆୟୋଜନ କରାଗଲା । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଆଗମନ ସ୍ୱାଗତ ଯୋଗ୍ୟ ଓ ଗର୍ବର ବିଷୟ । ମାତ୍ର ମନ୍ଦିର ପରିସରରେ ଆୟୋଜନ ହେବା ଦୁର୍ଭାଗ୍ୟଜନକ ଅଟେ । ପୂର୍ବ ବିଜେଡି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ କରିଛି । ତେବେ ବହୁ ପ୍ରାଚୀନ ମନ୍ଦିର ନିକଟରେ ଭୟଙ୍କର ଶବ୍ଦ ପ୍ରଦୂଷଣ ଏହାର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି । ଅନ୍ୟପଟେ ମନ୍ଦିର ପରିସରରେ ଭଜନ ପରିବର୍ତ୍ତେ ଅନ୍ୟାନ୍ୟ ଗୀତ ଓ ନାଚ କରାଯିବା ମାଁ ସମଲେଶ୍ୱରୀଙ୍କ ଗରିମା କ୍ଷୁର୍ଣ୍ଣ ହେଉଛି । ତେଣୁ ଏଠାରେ ଆଗାମୀ ଦିନରେ କୌଣସି ପ୍ରକାର ସରକାରୀ କିମ୍ବା ରାଜନୈତିକ କାର୍ଯ୍ୟକ୍ରମ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି । ସମ୍ବଲପୁର ସହରବାସୀ ମୌଳିକ ସେବା ପାଇବାରୁ ବଞ୍ଚିତ ଅଛନ୍ତି । ଶୁଦ୍ଧ ପାନୀୟ ଜଳ ସାତସପନ ହୋଇଥିବା ବେଳେ ରାସ୍ତା କଡରେ କୁଢକୁଢ ଅଳିଆ ଆବର୍ଜନା ପଡି ରହିଛି । ରାସ୍ତାଘାଟ ସମସ୍ୟା, ବାଧ୍ୟତାମୂଳକ ସ୍ମାର୍ଟ ମିଟର ସଂଯୋଗୀକରଣ, ବେଧଡକ ନିଶା କାରବାର, ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ତେବେ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଘୋଷଣା କରିଥିଲେ ଏହା ସମ୍ବଲପୁରବାସୀଙ୍କ ପାଇଁ ପ୍ରକୃତ ନୂଆଁଖାଇ ଭେଟି ହୋଇଥାନ୍ତା ବୋଲି ସେ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ।

## ବଜ୍ରାଘାତରେ ଜଣେ ମୃତ : ଦୁଇ ଗୁରୁତର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ବାହାମ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ବ୍ରଜାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ବୁର୍ଲା ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ବାହାମ ଗ୍ରାମର ୩ଜଣ ଯୁବକ ଗ୍ରାମର ବରଗଛ ତଳେ ବସି ସନ୍ଧ୍ୟା ୬ଟାରେ କଥା ହେଉଥିଲେ । ଏହିସମୟରେ ବ୍ରଜାଘାତ ହୋଇଥିଲା । ଫଳରେ ଗ୍ରାମର ଯୁଧିଷ୍ଠିର ମେହେର(୩୦)ଙ୍କ ମୃତ୍ୟୁ ହୋଇଛି । ଏଥିସହ ଭୂପତି ମେହେର ଓ ଦିଲ୍ଲୀପ ମେହେର ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି ।

## ସାପ କାମୁଡ଼ାରେ ସରପଞ୍ଚଙ୍କ ମୃତ୍ୟୁ

ରାୟଗଡା,(ସବ୍ୟୁ): ଶନିବାର ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡ଼ାରେ ସରପଞ୍ଚଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ସରପଞ୍ଚ ହେଲେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତ ସରପଞ୍ଚ ମାଙ୍ଗି କାଡ୍ରାକା। ରାତି ୨ଟା ସମୟରେ ଆମ୍ବୁଲାନ୍ସ ଯୋଗେ ସ୍ୱାମୀ ସୁରୀ କାଡ୍ରାକା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଭିନ୍ନ ପରୀକ୍ଷା କରିବା ପରେ ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ସକାଳ ୬ଟା ସମୟରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା । ନିଜ ଗାଁର କୁଲି ପଡା ଠାରେ ଆଦିବାସୀ ରିତିନୀତି ଅନୁସାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ଗାଁର ଭଦ୍ରବ୍ୟକ୍ତି ସୁରେନ୍ଦ୍ର ବେହେରା କହିଛନ୍ତି।

## ବଲାଙ୍ଗିର ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ନୁଆଁଖାଇ ଭେଟ୍

ବଲାଙ୍ଗିର, (ସବ୍ୟୁ): ସ୍ଥାନୀୟ ଶ୍ରମିକ ମଙ୍ଗଳ ଭବନ ଠାରେ ବଲାଙ୍ଗିର ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ତରଫରୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସବ ଡ଼ିଭିଜନ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନଙ୍କୁ ନେଇ ପଶ୍ଚିମ ଓଡ଼ିଶାର ସିଘା ପର୍ବ ନୁଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରମିକ ସମ୍ରାଟ ସ୍ୱର୍ଗତ ଲଳିତ ନାୟକଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ସଂଘର ସଭାପତି ସୋମନାଥ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । କର୍ମଚାରୀ ମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ହେବା ସହ ବିଭିନ୍ନ ସମସ୍ୟାକୁ ପ୍ରଶାସନ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି କହିଥିଲେ । ଏହା ସହ ସଂଘର ଅମିତ ସରାଫ, ପଞ୍ଚାନନ ମେହେର, ଶମ୍ଭୁ ସାହୁ, ସୁଜିତ ବାଗ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ । ସମ୍ପାଦକ ସୁନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଲଗାଣ ବର୍ଷାରେ ଚାଷୀଙ୍କ ଖପର ଘର ଭାଙ୍ଗିଲା

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ବନବାହାଲ ଗ୍ରାମ ଟିକେମନିପାଲିରେ ଲାଗିରହିଥିବା ଲଗାଣ ଲଘୁଚାପଜନିତ ବର୍ଷାରେ ଚାଷୀ ଧନଞ୍ଜୟ କୁଅଁରଙ୍କ ଏକ ବଖରା ଖପର ଘର ଭାଙ୍ଗି ଯାଇଥିବା ଜଣାପଡିଛି। ସେହି ଘରକୁ ସେ ନିଜର ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ରଖିବା କାମରେ ବ୍ୟବହାର କରୁଥିଲେ। ଲଘୁଚାପ ଜନିତ ବର୍ଷାରେ ଘରର ଗୋଟିଏ ବଘରା ହଠାତ୍ ଭାଙ୍ଗି ଯାଇଥିବା ବେଳେ ସେତେବେଳକୁ ଘରେ କେହି ନଥିବାରୁ ଏକ ବଡ ଅଘଟଣରୁ ପରିବାର ଲୋକେ ରକ୍ଷା ପାଇଯାଇଥିଲେ। ଘର ଭାଙ୍ଗି ଘରେ ଲାଗିଥିବା ସମସ୍ତ ଖପର ସହ କାଠ ସାମଗ୍ରୀ ଆଦି ଚୁରମାର୍ ହୋଇଯାଇଥିଲା। ଚାଷୀ ଧନଞ୍ଜୟ ତାଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଘରଭଙ୍ଗା ବାବଦ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ କରିଛନ୍ତି।

# ୬ ବର୍ଷ ପୁଅର ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ବାପା

ବରଗଡ,(ସବ୍ୟୁ) : ସୌରଭ ଲୁହା ବୟସ ମାତ୍ର ୬ବର୍ଷ। ବାପା ଭୋଳାନାଥ ଲୁହା, ମାତା ସୁରେଶ୍ୱରୀ ଲୁହା, ଘର ଏସ.ଡୁମ୍ବେରପାଲି, ବରଗଡ଼ ଅତ୍ୟନ୍ତ ଗରିବ। ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ପରିବାର। ଭୋଲା ନାଥଙ୍କ ଏକ ମାତ୍ର ପୁଅ ସୌରଭ । ହଠାତ ଦେହ ଅସୁସ୍ଥ ହେବାରୁ ବୁର୍ଲା ଡ଼ାକ୍ତରଖାନାକୁ ନେଇ ଥିଲେ । ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପରେ ବାପା ଭୋଳାନାଥ ଭାବିଲେ ପୁଅ ଟା



ଦୁନିଆଁ ଛାଡ଼ି ଚାଲିଗଲା। ପୁଅର ଦୁଇ ଆଖିରୁ ଯଦି ଆଉ ଦୁଇ ଜଣ ଏ ରଙ୍ଗୀନ ଦୁନିଆଁ ଦେଖି ପାରିବେ ତେବେ ତାଙ୍କ ପୁଅର ଜନ୍ମ ହେବା ସାର୍ଥକ ହେବ ଭାବି ଚକ୍ଷୁ ଦାନ ପାଇଁ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିଥିଲେ। ବୁର୍ଲା ଡ଼ାକ୍ତରଖାନାର ଚକ୍ଷୁ ବିଭାଗର ଡ଼ାକ୍ତର ମହେଶ କୁମାର ସାହୁ, ସ୍ମିତି ପଟେଲ ଓ ସୁରେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଚକ୍ଷୁ ଦାନ ପ୍ରକ୍ରିୟା ଶେଷ ହେଲା। ନିଷ୍ଠା ପରିବାର ସହଯୋଗରେ ପୁଅର ଶବକୁ ଗାଁ କୁ ନେଇ ଫେରିଲେ ପରିବାର ଲୋକ। ସୌରଭର ମୃତ୍ୟୁ ହେଲା ସତ କିନ୍ତୁ ବାପାଙ୍କ ମଣିଷ ପଣିଆ ପାଇଁ ଚିର ଦିନ ଅମର ହେଲା ପୁଅ ସୌରଭ।

## ବଜ୍ରପାତ ଆହତଙ୍କୁ ଭେଟିଲେ ବିଧାୟକ

ଦେବଗଡ, (ସବ୍ୟୁ): ବଜ୍ରପାତରେ ଆହତଙ୍କୁ ଡାକ୍ତରଖାନାରେ ଭେଟିଲେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ। ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗ୍ରାମରେ ଶନିବାର ଚିତ୍ରକୁଟ ପର୍ବତ ଉପରେ ଗିରି ଗୋବର୍ଦ୍ଧନ ପୂଜା ଚାଲିଥିବା ବେଳେ ହଠାତ ବର୍ଷା ସହ ପ୍ରବଳ ବଜ୍ରପାତ ଯୋଗୁଁ ୩୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଥିଲେ। ଆହତ ସମସ୍ତଙ୍କୁ ନିକଟସ୍ଥ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା, କୋଶଳା ଓ କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ରବିବାର ଛେଣ୍ଡିପଦା ଡାକ୍ତରଖାନାକୁ ଯାଇ ବିଧାୟକ ଶ୍ରୀ ବିଶ୍ୱାଳ ସମସ୍ତ ଆହତ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ଚିକିତ୍ସା ପରେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଆହତ ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଅନ୍ୟ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଛି। ଦେବଗଡ ବିଧାୟକ ଡାକ୍ତରଖାନାରେ ଉପସ୍ଥିତ ରହି ସମସ୍ତ ସୁସ୍ଥଙ୍କୁ ଘରକୁ ଫେରିବାର ବନ୍ଦୋବସ୍ତ କରିଥିଲେ। ଘରକୁ ଫେରିଥିବା ସମସ୍ତେ ବିପଦମୁକ୍ତ ରହିଥିବା ଜଣାପଡିଛି।

## ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ମଣ୍ଡଳୀ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ହୋଇଥିବା ରାଜ୍ୟସ୍ତରୀୟ ନୁଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସମ୍ବଲପୁର ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବରିଷ୍ଠ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି । ଡାଇଲେସିସ୍ କେନ୍ଦ୍ରରେ ଡାକ୍ତର ନିୟମିତ ଭାବେ ରହିବା, ଖାଲିଥିବା ଡାକ୍ତର ପଦବୀ ଶୀଘ୍ର ପୂରଣ , ନିରାମୟ ଯୋଜନାରେ ଦିଆଯାଉଥିବା ସମସ୍ତ ଔଷଧ ଯୋଗାଇବା ଓ ଏକ ଶବ ବାହକ ଗାଡ଼ି ଯୋଗାଇ ଦେବାକୁ ନେଇ ଆଲୋଚନା କରିଥିଲେ । ଖୁବଶୀଘ୍ର ସବୁ ସମସ୍ୟାର ସମାଧାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି । ଆଲୋଚନା ସମୟରେ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ , ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ସାହୁ , ବିଜେପି ନଗର ସଭାପତି ସୁଷମା ମୁଣ୍ଡା , ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଅନିଲ ପୃଷ୍ଟି, ଲବ ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ ।

## ଟେମରା ଦୁର୍ଗା ପୂଜା ନୂତନ କମିଟି କର୍ମକର୍ତ୍ତା ମନୋନୀତ

କୋକସରା, (ସବ୍ୟୁ): କୋକସରା ବ୍ଲକ ଟେମରା ପଞ୍ଚାୟତ ସଦର ମହକୁମା ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସାର୍ବଜନୀନ ଦୁର୍ଗା ପୂଜା ଅନୁଷ୍ଠିତ ହେବ । ଏନେଇ ଟେମରା ପଞ୍ଚାୟତ ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ସଭାପତିତ୍ୱରେ ଦୁର୍ଗା ପୂଜାର ପୂର୍ବତନ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ବଜାର ପଡିଆ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତବର୍ଷ ଦୁର୍ଗା ପୂଜାର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିବା ସହ ଗ୍ରାମବାସୀଙ୍କ ସର୍ ସମ୍ମତିରେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଚଳିତ ବର୍ଷ ପୂଜା କମିଟିର ସଭାପତି ଭାବେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ଉପ ସଭାପତି ଭାବେ ସୁଧୀର କୁମାର ପାତ୍ର, ସମ୍ପାଦକ ଭାବେ ଅଶୋକ କୁମାର ଦାସ, ସହ ସମ୍ପାଦକ ଶଙ୍କର ସତନାମୀ, ଅନ୍ୟ ସଦସ୍ୟଙ୍କ ମଧ୍ୟରେ ହେମନ୍ତ ବାଣୁଆ, ରାଜେନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ପାତ୍ର, ଲଳିତ ସତନାମୀ, କମଣ୍ଡଳ ପଟେଲ, ବୃନ୍ଦାବନ ସତନାମୀ, ଟୋପେଶ୍ୱର ମାଝୀ, ସୁବାଷ ପାତ୍ର ପ୍ରମୁଖ ରହିଛନ୍ତି। ଚଳିତ ବର୍ଷ ଦୁର୍ଗା ପୂଜାକୁ ମହା ଆଡମ୍ବରରେ ପାଳନ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ୮୪ଘର ଅଘରିଆ ସମାଜ ଜିଲ୍ଲା ଟ୍ରଷ୍ଟର ପ୍ରତିଭା ଅନ୍ୱେଷଣ




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ୮୪ଘର ଅଘରିଆ ସମାଜ ଟ୍ରଷ୍ଟ ପକ୍ଷରୁ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ଛାତ୍ର ଛାତ୍ରୀଙ୍କ ବକ୍ତୃତା, ରଚନା, ବୁଦ୍ଧିଜ୍ଞାନ ଓ ସଂଗୀତ ପ୍ରତିଯୋଗିତା କନ୍ଧପାଲି ସ୍ଥିତ ଅଘରିଆ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲ୍ଲାର ବରିଷ୍ଠ ଶିକ୍ଷକ ବୃଷକେତୁ ସାହୁ, ନୀଳାଚଳ ଚିରଗୁନ, ଅଗ୍ନି କୁମାର ନାଏକ, ସୁନୀଲ କୁମାର ବେହେରା, ସୁନୀଲ କୁମାର ପାତ୍ର, ଅନିଲ କୁମାର ନନ୍ଦ, ଅଶ୍ୱିନୀ କୁମାର ଷଡଙ୍ଗୀ, ବିଶ୍ୱଜିତ ପଧାନ, ଆନନ୍ଦ କୁମାର ବଡ଼ପଣ୍ଡା, ନାରାୟଣ ମିଶ୍ର ବିଚାରକ ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷା କମିଟି, ପୁସ୍ତକ କମିଟି ଓ ଯୁବା ମଞ୍ଚର ମିଳିତ ଉଦ୍ୟମ କ୍ରମେ ସମାଜର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଅଧକ୍ଷତା କରି ଆଗାମୀ ପୀଢ଼ିକୁ ମଜଭୁତ କରିବା ନେଇ ଉକ୍ତ କାର୍ଯ୍ୟକ୍ରମକୁ ତୃଣମୂଳରୁ ହାତକୁ ନିଆଯାଇଛି ବୋଲି ବକ୍ତବ୍ୟ ଦେଇଥିଲେ। ଶିକ୍ଷା କମିଟି ସଭ୍ୟ ନୀଳମଣି ପଟେଲ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ସଇଁତଳା ବି. ଇ. ଓ ଦିଲୀପ କୁମାର ଯୋଷୀ ସମାଜର ଉନ୍ନତିମୂଳକ ଶିକ୍ଷା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ଯୁବାମଞ୍ଚ ସଭାପତି ପ୍ରମୋଦ କୁମାର ପଟେଲ କୃତୀ ପ୍ରତିଭାଙ୍କ ନାମ ଘୋଷଣା କରି ପରୀକ୍ଷା ପରିଚାଳନର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଚିତ୍ତରଞ୍ଜନ ପଟେଲ, ଦ୍ୱାରିକା ନାଥ ପଟେଲ ଓ ମିତ୍ରଭାନୁ ରାଉତ, ରାଜ କୁମାର ପଟେଲ ଓ ଉପ ସଭାପତି ଲିଲି ପଟେଲ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା କମିଟି ମୁଖ୍ୟ ରଶ୍ମି ରଞ୍ଜନ ସାଏ, ସଭ୍ୟ ସୁଶାନ୍ତ ନାଏକ ସମେତ ଅନେକ ଗୁଡ଼ି ସଭାପତି ଓ କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, କେନ୍ଦ୍ର କମିଟି ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମରେ ଯେଉଁ ଛାତ୍ର ଛାତ୍ରୀ କୃତିତ୍ୱ ହାସଲ କଲେ ସେମାନେ ହେଲେ,ଜଳସା ନାଏକ, ସାଇ ଶ୍ରୀ ପ୍ରିୟଦର୍ଶନୀ ପଟେଲ, ପ୍ରାଚୀ ପ୍ରସ୍ଫୁଟିକା ନାଏକ, ରୀୟାଂଶି ସାଏ ,ରୁଚିକା ସାଏ, ସମୀକ୍ଷା ପଟେଲ, ପ୍ରଭୁଦତ୍ତ ନାଏକ, ସ୍ୱାତୀ ନାଏକ , ଜିଜ୍ଞାସା ସାଏ,ନୀତେଶ କୁମାର ପଟେଲ, ପ୍ରିୟା ପଟେଲ, ସାଇଶ୍ରୀ ପ୍ରିୟଦର୍ଶନୀ ପଟେଲ, ଅସ୍ମିରାନି ପଟେଲ, ତୃପ୍ତିମୟୀ ରାଉତ, ସାଇ କ୍ରିଷ୍ଣା ପଟେଲ, ଆଦର୍ଶ କୁମାର ପଟେଲ, ଶ୍ରୀଓମ୍ ପଟେଲ, ଶଙ୍କର ରାଉତ, କୁନାଲ ରାଉତ, ପରିତୋଷ ପଟେଲ,ଅଂଶ୍ରୀତା ପଟେଲ, ଆଦିତ୍ୟ ନାରାୟଣ ପଟେଲ, ଶ୍ରୀୟଂଶୁ ପଟେଲ, ଅସ୍ମିତ ପଟେଲ, ଶିବାନନ୍ଦ ପଟେଲ । ଶିକ୍ଷା କମିଟୀ ସଭ୍ୟ ସୁମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନ ସର୍କିଟ ଘୋଷଣା ଅପେକ୍ଷାରେ ବୀରମାଟି ଖିଣ୍ଡା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଜନ୍ମ ଗ୍ରହଣ କରିଥିଲେ । ଏହି ମହାପୁରୁଷଙ୍କ ପାଇଁ ପବିତ୍ର ମାଟି ଗର୍ବିତ । ତାଙ୍କ ପରି ଅଦ୍ୱିତୀୟ ନେତୃତ୍ୱଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ଜିଲ୍ଲା ପ୍ରଶାସନ ସହଯୋଗରେ ତୀର୍ଥସ୍ଥଳ ଭାବେ ଗଢି ତୋଳିବାକୁ ଯୋଜନା କରାଯାଇଛି । ଏଥିସହ ସାମୁହିକ ଉଦ୍ୟମରେ ଖିଣ୍ଡାକୁ ଆଧୁନିକ ଗ୍ରାମ ଭାବେ ଗଠନ କରିବାକୁ ପରିକଳ୍ପନା କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୩ ଅକ୍ଟୋବର, ୨୦୨୩ରେ ଖିଣ୍ଡା ଗ୍ରାମ ପରିଦର୍ଶନ କରିଥିଲେ । ଏହି ଗ୍ରାମକୁ ଦର୍ଶନୀୟ କେନ୍ଦ୍ରରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ କରିବାକୁ ୧୧ଡିସେମ୍ବର, ୨୦୨୩ରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସେ ପତ୍ର ଲେଖିଥିଲେ । ଏହାପରେ ସ୍ୱଦେଶ ଦର୍ଶନ ଯୋଜନା ୨.୦ରେ ଏହାକୁ ସାମିଲ କରାଯାଇଛି । ତେବେ ଆଗାମୀ ଦିନରେ ରଣଭୂମି କୁଦୋପାଲି ଓ ବୀରମାଟି ଖିଣ୍ଡାକୁ ଅଗ୍ରାଧିକାର ଭିତ୍ତିରେ ପର୍ଯ୍ୟଟନ ଭିତ୍ତିକ ସର୍କିଟରେ ବିକଶିତ କରିବା ପାଇଁ ଯୋଜନା ରହିଛି । ଆବଶ୍ୟକ ଗାଇଡ ଲାଇନ ଅନୁଯାୟୀ ରାଜ୍ୟ ସରକାର ପ୍ରସ୍ତାବ ଦେବାପରେ କେନ୍ଦ୍ର ଅନୁଦାନ ଦେବାର ନିୟମ ରହିଛି । ପ୍ରସ୍ତାବ ମିଳିବା ପରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସଂପୃକ୍ତ ରାଜ୍ୟ ସରକାର ସହ ପରାମର୍ଶ କରିଥାଏ । ପୂର୍ବରୁ ଉପକୂଳବର୍ତ୍ତୀ ଗୋପାଳପୁର, ବରକୁଲ, ସାତପଡା, ତାମ୍ପରାକୁ ନେଇ ଗଠିତ ପର୍ଯ୍ୟଟନ ସର୍କିଟ ପାଇଁ ୨୦୧୬-୧୭ରେ ୭୦କୋଟି୪୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାକୁ ନୂଆଁ ରୂପ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ



୬କୋଟି ୩୮ଲକ୍ଷ ୧୦ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏହାର ନିର୍ମାଣ କାମ ସମ୍ବଲପୁର ପୂର୍ତ୍ତ ବିଭାଗ ଡିଭିଜନ-୨ କରୁଛି । ବିଭିନ୍ନ ପୁରାତନ ପ୍ରକଳ୍ପର ପୁନୋରୁଦ୍ଧାର ସହ ନବୀକରଣ ଏବଂ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଇଛି । ପ୍ରାୟ ୬୩ହଜାର ବର୍ଗମିଟର ପରିମିତ ଜମିରେ ଉନ୍ନତିକରଣ କାମ ଚାଲୁ ରହିଛି । ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନର ସୌନ୍ଦର୍ଯ୍ୟକରଣ ସହ ପାଠାଗାର ଓ ମ୍ୟୁଜିୟମର ପୁନୋରୁଦ୍ଧାର, ସ୍ମୃତି ସଦନ, ମଞ୍ଚ, ସମାବେଶ ସ୍ଥଳ , ସ୍ୱାଗତ ତୋରଣ, ଗାଁରୁ ସୁରେନ୍ଦ୍ର ସାଏଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା, ପର୍ଯ୍ୟଟକ ମାନଙ୍କ ପାଇଁ ପାର୍କିଂ ଓ ପାଦଚଲା ରାସ୍ତା, ଜଳ ଫୁଆରା, ବସିବା ଓ ହସ୍ତ ପ୍ରକ୍ଷାଳନ ସୁବିଧା, ପ୍ରସ୍ଥାବିତ ଉଦ୍ୟାନ ମଧ୍ୟରେ ୪ଟି ଗୋଲାକାର ପିଣ୍ଡି, ୧୩ଟି ମୂର୍ତ୍ତି, ପୁଷ୍କରିଣୀରେ ଗାଧୁଆ ଘାଟ ଆଦି ନିର୍ମାଣ ହୋଇଛି । ସେହିପରି ସଭାମଞ୍ଚ, ଶିଶୁ ଉଦ୍ୟାନର ବିକାଶ, ପୁରୁଷ ଓ ମହିଳାଙ୍କ ପାଇଁ ପ୍ରସାଧନ କକ୍ଷ, ପାନୀୟ ଜଳ ବ୍ୟବସ୍ଥା କରାଯାଉଛି । ଯେଭଳି ପର୍ଯ୍ୟଟକ ମାନେ ବିଶେଷ ଭାବେ ଆକର୍ଷିତ ହେବେ ସେନେଇ ବିଶେଷ ଦୃଷ୍ଟି ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ୮୦ପ୍ରତିଶତ କାମ ଶେଷ ହୋଇଛି । ଆଉ ୨୦ପ୍ରତିଶତ କାମ ବାକି ରହିଛି । ଅନ୍ୟପଟେ ଓଟିଡିସିର ଏକ ବିଶେଷଜ୍ଞ ଦଳ ଜରିଆରେ ଏହି କ୍ଷେତ୍ରର ବିକାଶ ପାଇଁ ସର୍ଭେ କରାଯାଇଛି । ରେଙ୍ଗାଲି ତହସିଲଦାର ଓ ପୂର୍ତ୍ତବିଭାଗ ଇଞ୍ଜିନିୟରଙ୍କ ଜରିଆରେ ଆବଶ୍ୟକ ଭିତ୍ତିଭୂମିର ଅନୁଧ୍ୟାନ କରାଯାଇଛି । ଆବଶ୍ୟକ ଜମି ଓ ଉନ୍ନତିକରଣ ସମ୍ପର୍କରେ ଏକ ରିପୋର୍ଟ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଯାଇଛି । ପର୍ଯ୍ୟଟନ ବିଭାଗ ଡିପିଆର ପ୍ରସ୍ତୁତ କରିବା ପରେ ଏହାର ବିକାଶ ପାଇଁ ଅର୍ଥ ମଞ୍ଜୁର ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।

# ଭରା ନାଗାବଳୀ ନଦୀ ପାର ହୋଇ ସମସ୍ୟା ବୁଝିଲେ ବିଧାୟକ

ରାୟଗଡା,(ସବ୍ୟୁ): ରାୟଗଡା ସଦର ମହକୁମା ଠାରୁ ମାତ୍ର ୮ କିଲୋମିଟର ଦୂର ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୂଜାରିବନ୍ଧ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ଯାଇଥିଲେ ବିଧାୟକ କାଡ୍ରାକା ଆପାଲାସ୍ୱାମି ଫେରିବା ବେଳେ କାଦୁଅ ପଚପଚ ରାସ୍ତା ଦେଇ ଭରା ନାଗାବଳୀ ନଦୀ ପାରହୋଇ ଫେରିଥିଲେ । ଶନିବାର ବିଧାୟକ କାଡ୍ରାକା ରାୟଗଡା ବାହାରି ଦୁମାଗୁଡା ଠାରୁ କିଛି ବାଟ ଗଲା ପରେ ସେଠାରୁ ଗାଡ଼ି ଆଉ ଆଗକୁ ଯିବା ସମ୍ଭବ ନଥିଲା । ସ୍ଥାନୀୟ ଯୁବକଙ୍କ ସହଯୋଗରେ ମୋଟର ସାଇକେଲରେ କିଛି ବାଟ ଯାଇଥିଲେ । ପୁଣି କାଦୁଅ ଯୋଗୁଁ ବାଇକ୍ ମଧ ଆଗକୁ ଯାଇ ପାରିଲା ନାହିଁ। ଗାଁର ଟ୍ରାକ୍ଟର ଯୋଗେ କିଛି ବାଟ ଯିବା ପରେ ପଥର ଏବଂ କାଦୁଅ ରାସ୍ତା ତଳକୁ ହଜାରେ ହଜାରେ ଫୁଟ ଖାଲ ଖମାମ ତେଣୁ ସେଠାରୁ ୫ କିଲୋମିଟର ଚାଲି ଚାଲି ପୂଜାରୀ ବନ୍ଧୁ



ଗାଁରେ ପହଞ୍ଚି ଥିଲେ। ସେଠାରେ ୭୦ଟି ପରିବାର ବସବାସ କରୁଥିବା ବେଳେ ଅନେକ ସମସ୍ୟା ରହିଛି। ଗାଁର ଗୋଟିଏ ପଟେ ନାଗାବଳୀ ନଦୀ ଅନ୍ୟ ପଟେ କାଦୁଅ ପଚପଚ ପାହାଡିଆ ରାସ୍ତା। ଗର୍ଭବତୀ ରୋଗୀଣା ଲୋକଙ୍କ ପାଇଁ ଏହା ସମସ୍ୟା ଆଣି ଦେଇଥିବା ଅନୁଭବ କରିଥିବା ସାମାଜିକ ଗଣମାଧମ ସୂଚନା ଦେଇଛନ୍ତି। ଏହା ସହିତ ବିଦ୍ୟୁତ ଦିନେ ଥିଲେ ପୁଣି ପାଞ୍ଚ ଦିନ ପରେ ଦେଖିବା ମିଳୁଛି। ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଅନେକ ସୁବିଧା ସଠିକ ସମୟରେ ପହଞ୍ଚି ପାରୁନାହିଁ। ଗାଁ ଲୋକ ସେଠାରେ ରାସ୍ତା ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ସେଠାକୁ ଯିବା ରାସ୍ତାରେ ପୁଣି ଫେରିବା ସମ୍ଭବ ନଥିଲା ତେଣୁ ୬ କିଲୋମିଟର ବାଟ ଚାଲି ଚାଲି ଅଣ୍ଟାଏ ପାଣିରେ ନାଗାବଳୀ ଗର୍ଭରେ ପସି ନଦୀ ପାର ହୋଇ ଫେରିଥିଲେ । ଗାଁର ସମସ୍ୟା ସମ୍ପର୍କରେ ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରି ରାସ୍ତା ଟିଏ କରିବା ପାଇଁ ପରାମର୍ଶ ଦେବି ବୋଲି ଲୋକଙ୍କୁ ଆଶ୍ୱାସନା ଦେଇଥିବା କହିଛନ୍ତି ବିଧାୟକ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୪)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ଯୟା ତୁ ଧର୍ମ୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜ୍ଜୁନ ।**
**ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ! ରାଜସୀ ।। ୩୪ ।।**

(ରାଜସୀଂ ଧୃତିଂ ଆହ)-ହେ ପାର୍ଥ ! ଯୟା ଧୃତ୍ୟା ତୁ (ପୁରୁଷଃ) ଧର୍ମ୍ମକାମାର୍ଥାନ୍ (ପ୍ରାଧାନ୍ୟେନ) ଧାରୟତେ ( ନ ବିମୁଞ୍ଚତି), ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଚ (ଭବତି), ସା ରାଜସୀ ଧୃତିଃ ।। ୩୪ ।।

# ଭୁବନେଶ୍ୱର ରେଳ ଷ୍ଟେସନର ଦୁରବସ୍ଥା

ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଯଦିଓ ଓଡ଼ିଆ ନୁହନ୍ତି, ସେ ଓଡ଼ିଶାର ପାଣି ପବନ ଓ ମାଟି ସହିତ ବେଶ ପରିଚିତ ଥିଲେ । କଟକ ଓ ବାଲେଶ୍ୱର ପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସେ ଜିଲ୍ଲାପାଳ ଥିଲେ । ସେ ଓଡ଼ିଆରେ ଭଲଭାବେ କଥାବାର୍ତ୍ତା କରିପାରନ୍ତି ନାହିଁ ଓ ଭାଷଣ ମଧ୍ୟ ଦେଇପାରନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସେ ଓଡ଼ିଶାରୁ ଯାଇ ତାଙ୍କ ଦପ୍ତରରେ ଜଣେ ପଦାଧିକାରୀ ମଧ୍ୟ ଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାର ଶୈଳୀ ମଧ୍ୟ ଭିନ୍ନ ଧରଣର । ଓଡ଼ିଶାରୁ ସେ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରି ରେଳବାଇ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନରେନ୍ଦ୍ର ମୋଦିଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି । କାନପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଇ.ଏ.ଏସ୍. ଚାକିରିରେ ଯୋଗ ଦେଲା ପରେ ସେ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ବିଜେପି ଦଳରେ ରହି ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ । ତାଙ୍କର ବୟସ ପ୍ରାୟ ୫୫ ବର୍ଷ । ଆଶା କରାଯାଉଥିଲା, ସେ ରେଳବାଇ କ୍ଷେତ୍ରରେ ପଛରେ ପଡ଼ି ଯାଇଥିବା ଓଡ଼ିଶାର ଉନ୍ନତି କରିବେ । କରୁଛନ୍ତି ମଧ୍ୟ । ୨୦୨୫-୨୬ ରେଳବାଇ ବଜେଟରେ ଓଡ଼ିଶା ପାଇଁ ୧୦, ୫୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଗତବର୍ଷର ବଜେଟ ତୁଳନାରେ ଏଥର ବଜେଟରେ ୧୩ କୋଟି ଟଙ୍କାର ଅଧିକ ବ୍ୟୟବରାଦ ହୋଇଛି । ମାତ୍ର ଧୀର ମନ୍ଥର ଗତିରେ ରେଳବାଇର ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ଲୋକେ ଅନୁଭବ କରୁଛନ୍ତି । ଏହାର ଦୃଷ୍ଟାନ୍ତ ହେଲା ଭୁବନେଶ୍ୱର ରେଳ ଷ୍ଟେସନ । ଭୁବନେଶ୍ୱର ରେଳ ଷ୍ଟେସନରେ କାମ ପ୍ରାୟ ପାଞ୍ଚବର୍ଷ ଧରି ଚାଲିଛି । ଜଣେ ରେଳ ଷ୍ଟେସନ ଭିତରେ ପ୍ରବେଶ କଲେ ବାଟବଣା ହୋଇଯିବ । ଭୁବନେଶ୍ୱରରୁ ରେଳ ଷ୍ଟେସନରେ ଓହ୍ଲାଇବା ପରେ ମଧ୍ୟ ବାଉଳା ହୋଇ ରାସ୍ତା ଖୋଜିବ, କେଉଁ ବାଟ ଦେଇ ସୁବିଧାରେ ସେ ବାହାରକୁ ବାହାରିବ ।

ଉଲ୍ଲେଖନୀୟ ଯେ ମୁଖ୍ୟ ପ୍ରବେଶ ଦ୍ୱାରରେ ପ୍ରବେଶ କରିବା ମାତ୍ରେ, ଯାତ୍ରୀମାନେ ଖଣ୍ଡେ ବାଟରେ ଲଗେଜ ସହିତ ଗାଡ଼ି, ମୋଟରରୁ ଓହ୍ଲାଇ ଚାଲି ଚାଲି ଲଗେଜ ଧରି ରେଳ ଷ୍ଟେସନ ଭିତରେ ପ୍ରବେଶ କରିବେ । ତା' ପୂର୍ବରୁ ଷ୍ଟେସନରେ ମିଶିଥିବା ମୁଖ୍ୟ ରାସ୍ତାଟି ଯେପରି ଆବଡାଖାବଡା, ଅଟୋରେ କିମ୍ବା କାର୍‌ରେ ବସିଥିଲେ, ଅଣ୍ଟା ଭାଙ୍ଗି ଦୁଇଖଣ୍ଡ ହେଲା ପରି ଲାଗିବ । ଦୁର୍ଗନ୍ଧରେ ନାକ ଫାଟି ପଡ଼ିବ । ମନେହେବ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନ ସେଠାରେ ଫେଲ ମାରିଛି ।

ରେଳ ଷ୍ଟେସନ ଭିତରକୁ ବାଡ଼ ଡେଇଁ ପ୍ରବେଶ କରିବା ପରେ କେଉଁ ଟ୍ରେନ କେଉଁ ପ୍ଲାଟଫର୍ମରେ ପହଞ୍ଚିବ, ତାହାର ତାଲିକାକୁ ଡିସ୍‌ପ୍ଲେ କରିବାର ଦୃଶ୍ୟ ଅତି ବିଚିତ୍ର । ସୂଚନା ଅନୁଯାୟୀ କୌଣସି ଟ୍ରେନ ନିର୍ଦ୍ଦିଷ୍ଟ ସମୟରେ ନ ପହଞ୍ଚି ବିଳମ୍ବରେ ପହଞ୍ଚିଥାଏ । ପୁଣି ଏକ ନମ୍ବର ପ୍ଲାଟଫର୍ମର ଭିଡ଼ ଭିତରେ ଲଗେଜ ଧରି ବହୁ କଷ୍ଟରେ ଅତିକ୍ରମ କରିବା ପରେ ପହଞ୍ଚିବ ଏସ୍‌କାଲେଟର ନିକଟରେ । କାରଣ ଆର ପଟ ପ୍ଲାଟଫର୍ମକୁ ଯିବାକୁ ହେବ । ଲିଫ୍ଟ ମଧ୍ୟ ରହିଛି । ବରିଷ୍ଠ ନାଗରିକ ବା ଭିନ୍ନକ୍ଷମଙ୍କ ପାଇଁ ଲିଫ୍ଟ ବ୍ୟବହାର କରାଯିବା କଥା, ଏ କଥା ସେଠାରେ ସୂଚୀତ ମଧ୍ୟ ହୋଇଛି । ମାତ୍ର ଅନ୍ୟ ସମସ୍ତେ ଲଗେଜ ସହିତ ସେ ଲିଫ୍ଟ ଭିତରେ ପ୍ରବେଶ କରିବାକୁ ଏପରି ଭିଡ଼ କରନ୍ତି ଯେ ବିଚରା ଭିନ୍ନକ୍ଷମ ବା ବରିଷ୍ଠ ନାଗରିକଙ୍କୁ ଅଗତ୍ୟା ଅପେକ୍ଷା କରିବାକୁ ହୁଏ, ଭିଡ଼ କମିବା ପର୍ଯ୍ୟନ୍ତ । ସେ ପଟେ ଟ୍ରେନ ପହଞ୍ଚିବା ସମୟ ହୋଇ ଯାଉଥାଏ । ପ୍ଲାଟଫର୍ମରେ ରେଲୱେ ଓଭରବ୍ରିଜ ସିଡ଼ିରେ ଯେଉଁ ଭିଡ଼, ସେ ଭିଡ଼ ଅତିକ୍ରମ କରିବାକୁ ମହିଳା, ଛୋଟ ଛୋଟ ପିଲାମାନଙ୍କୁ କସରତ କରିବାକୁ ପଡ଼େ । ଟ୍ରେନ ଭିଡ଼ ଭିତରେ ପହଞ୍ଚିଯାଏ । ଟ୍ରେନ ଉପରକୁ ଛୋଟ ଛୋଟ ଫୁଟରେଷ୍ଟ ଦେଇ ନିଜେ ଉଠିବା ଓ ଲଗେଜ ନେବା ଏତେ ସହଜ ହୁଏ ନାହିଁ । ରେଳବାଇ ପକ୍ଷରୁ ସେ ସୁବିଧା ମଧ୍ୟ କରାଯାଏ ନାହିଁ । କେହି ଟ୍ରେନରୁ ଓହ୍ଲାଇ ଆସିଲେ, ବାହାରପଟକୁ ଆଟୋବାଲା ଓ ଭଡା କାର୍‌ବାଲା କେଉଁଠିକି ଯାତ୍ରୀମାନେ ଯିବେ ସେ ନେଇ ଯାତ୍ରୀଙ୍କୁ ପଚାରି ପଚାରି ହାଲିଆ କରି ଦିଅନ୍ତି । ଏହା ହିଁ ଦୁର୍ଦ୍ଦଶା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାମ ମନ୍ଦିର ହେଉ ବା ସଂସଦ ଭବନ ହେଉ ବା କୌଣସି ଟନେଲ ବା ଅନ୍ୟାନ୍ୟ ନିର୍ମାଣାଧୀନ ପ୍ରକଳ୍ପକୁ ଯେତେ ଶୀଘ୍ର ସାରି ପାରନ୍ତି, ଅନ୍ୟାନ୍ୟ ସହଯୋଗୀ ମନ୍ତ୍ରିମାନେ ତାହା କରି ପାରନ୍ତି ନାହିଁ । ଦୁଇ ବର୍ଷରୁ ଅଧିକ ହେଲାଣି ବାହାନଗାର ଭୟାବହ ରେଳ ଦୁର୍ଘଟଣାର ତଦନ୍ତ ରିପୋର୍ଟ ପ୍ରକାଶ ପାଇଲା ନାହିଁ । ବରିଷ୍ଠ ନାଗରିକମାନେ ଟ୍ରେନ ଟିକେଟରେ ଯେଉଁ ରିହାତି ପାଉଥିଲେ, ତାହାକୁ ମଧ୍ୟ ରେଳ ବିଭାଗ ଉଠାଇ ଦେଲେ । ମାତ୍ର ପୂର୍ବତନ ସାଂସଦ ନିଜେ ତ ପ୍ରଥମ ଶ୍ରେଣୀର ରେଳଯାତ୍ରା କରିପାରିବେ, ତାଙ୍କ ସହ ଆଉ ଜଣେ ମଧ୍ୟ ମାଗଣାରେ ଶୀତତାପ ନିୟନ୍ତ୍ରିତ ବଗିରେ ରେଳଯାତ୍ରା କରିପାରିବେ । ବଡ଼ ବିଚିତ୍ର ନୀତି ଇଏ ।

ଅବଶ୍ୟ ଅଧିକାଂଶ ପଦପଦବୀରେ ଥିବା ବ୍ୟକ୍ତି, ମନ୍ତ୍ରୀ, ସାଂସଦ, ବିଧାୟକ, ଅଫିସର ରେଳଯାତ୍ରା ପ୍ରାୟ କରନ୍ତି ନାହିଁ । ବରିଷ୍ଠ ନାଗରିକ ବା ଭିନ୍ନକ୍ଷମଙ୍କ ପାଇଁ ତଳ ସିଟ୍ ମିଳିବା କଥା, ବେଳେ ବେଳେ ମିଳେନାହିଁ । ଏତେ ସଂଖ୍ୟାରେ ଯାତ୍ରୀ ଭୁବନେଶ୍ୱରରୁ ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରି ଭିଡ଼ କରନ୍ତି ଯେ ବସିବାକୁ କ'ଣ ଠିଆ ହେବାକୁ ବି ଜାଗା ମିଳେ ନାହିଁ । ମାଛ ହାଟ ପରି ପାଟିତୁଣ୍ଡ ଶୁଭୁଥାଏ । କେବେ ଏପରି ଦୁରବସ୍ଥାର ଅବସାନ ହେବ କେଜାଣି ?

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତରେ ନେତ୍ରଦାନ, ଅଶୀ ବର୍ଷର ଅଭିଯାନ



ଡା. ଅନୀତା ପଣ୍ଡା

ନେତ୍ରଦାନ ପକ୍ଷ ଆସିଲା। ନେତ୍ରଦାନ ପକ୍ଷ ଆସିଲା, ପ୍ରତ୍ୟେକ ଅଗଷ୍ଟ ମାସରେ ଚାଳିଶ ବର୍ଷ ହେବ ଏଇ ପ୍ରଚଳିତ ଶବ୍ଦ କେଇଟି ଶୁଣି ସମାଜ ଜାଗି ଉଠେ । କଣ ଏଇ ନେତ୍ରଦାନ ! କଣ ଏଇ ନେତ୍ରଦାନ ପକ୍ଷ !!

ନେତ୍ରଦାନ ମହାଦାନ । କେବେ କାହା ମନକୁ ଆସେ କି ୟାକୁ ମହାଦାନ ବୋଲି କାହିଁକି କୁହାଯାଏ ? ଜୀବିତ ମଣିଷଟି ଯେତେବେଳେ ଜଗତ ହିତରେ କିଛି ଦାନ କରିଥାଏ, ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ତାହା ପଛରେ କିଛି ନା କିଛି ପ୍ରତ୍ୟାଶା ଲୁଚି ରହିଥାଏ, ହୁଏତ କେଉଁ କ୍ଷେତ୍ରରେ ଅଧିକ ଏବଂ କେତେକ କ୍ଷେତ୍ରରେ ନଗଣ୍ୟ । ନେତ୍ରଦାନ ପଛରେ କୌଣସି ଆଶା ଲୁକ୍କାୟିତ ନଥାଏ । କାରଣ ସେଇ ଦାନ ସଦା ହିଁ ମୃତ୍ୟୁ ପରେ କରାଯାଇଥାଏ । ସେଥିପାଇଁ ନେତ୍ରଦାନ ସଙ୍ଗୀତରେ ଏହା ସ୍ପଷ୍ଟ ରୂପେ କୁହାଯାଇଛି-

'ସମୟ ଆସିବ ଏ ଭବ ସାଗର,
ସର୍ବେ ଦିନେ ଯିବେ ଛାଡ଼ି
ସାଥୀରେ ନେବେନି କେହି ହେଲେ କିଛି
ଶରୀରକୁ ଦେବେ ପୋଡ଼ି
ଅମୂଲ୍ୟ ରତନ ନୟନ ଦୁଇଟି
ଜଳି ମିଶିବ ମାଟିରେ
ଦୁଇ ନେତ୍ରହୀନ ହେବେ ଜ୍ୟୋତିବାନ,
ତୁମ ଦାନ ଜରିଆରେ।'

ଅର୍ଥାତ୍ ଏହି ଦାନ ଦ୍ୱାରା ନା ବ୍ୟକ୍ତିକୁ ନିଜର କିଛି ସଞ୍ଚିତ ଅର୍ଥ ବ୍ୟୟ କରିବାକୁ ହୋଇଥାଏ ନା ଶାରୀରିକ ପରିଶ୍ରମ ନା ବହୁମୂଲ୍ୟ ସମୟ । ମାତ୍ର ଅନାୟାସରେ ବ୍ୟକ୍ତିଟିର ମୃତ୍ୟୁ ଦୁଇ ନେତ୍ରହୀନଙ୍କୁ ଜ୍ୟୋତିଦାନ କରି ତାଙ୍କ ଓଠରେ ହସ ଫୁଟାଇ ପାରିଥାଏ । ଏସବୁ ବ୍ୟାଖ୍ୟା କରିବା ସମୟରେ ପ୍ରଶ୍ନ ଉଠିଥାଏ ଏ ନେତ୍ରଦାନ କାହିଁକି ? ଭାରତରେ ନେତ୍ର ପିତୁଳି ଜନିତ ଅନ୍ଧତ୍ୱ ଅନ୍ୟ ଦେଶମାନଙ୍କ ତୁଳନାରେ ବହୁ ଅଧିକ ଯାହା କେବଳ ମୃତବ୍ୟକ୍ତିର ନେତ୍ରଦାନ ଜରିଆରେ ହିଁ ଲାଘବ କରାଯାଇପାରିଥାଏ ।

ଏଇ ନେତ୍ରଦାନ ନିମନ୍ତେ ନେତ୍ରକୋଷର ସ୍ଥାପନା ବହୁ ଆବଶ୍ୟକ । ନେତ୍ରକୋଷ ସ୍ଥାପନା ପଦ୍ଧତି ଭାରତରେ ନୂଆ ନୁହେଁ । ଦେଶର ପ୍ରଥମ ନେତ୍ରକୋଷ ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୫ ମସିହାରେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ଠାରେ ପ୍ରତିଷ୍ଠା ହୋଇଥିଲା । ପ୍ରାୟ ଦୁଇ ଦଶନ୍ଧି ବାଦ୍ ୧୯୬୫ରେ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାଠାରେ ଜାତୀୟ ନେତ୍ରକୋଷ ନ୍ୟାସନାଲ ଆଇ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା । ଭାରତୀୟ ଗବେଷଣା କେନ୍ଦ୍ର (ଆଇ.ସି.ଏମ୍.ଆର)ର ୧୯୭୩ ସର୍ଭେ ରିପୋର୍ଟ ଅନୁସାରେ ନେତ୍ରହୀନତାର ହାର ସମସ୍ତ ନେତ୍ରରୋଗର ପଚିଶ ପ୍ରତିଶତ ଥିଲା । ନେତ୍ର ପିତୁଳି ସମସ୍ୟାଟି ଏତେ ଗମ୍ଭୀର ହୋଇଥିଲେ ମଧ୍ୟ ୧୯୮୦ ସାଂଖ୍ୟକୀୟ ବିବରଣୀ ଅନୁସାରେ ଏହା ମାତ୍ର ଶତକରେ ସୀମିତ ଥିଲା । ଆରମ୍ଭ ହେଲା ଏହାର ପ୍ରଗତି ପାଇଁ ଅଭିଯାନ । ଖୁବ୍ ଶୀଘ୍ର ଏହାର ଉନ୍ନତି ଘଟିଥିଲା । ସେଥିପାଇଁ ଦେଶର କେତେଜଣ ନେତ୍ର ନିଷ୍ଠାବାନଙ୍କର ପ୍ରଚେଷ୍ଟା ଉଲ୍ଲେଖନୀୟ । ୧୯୮୬-୮୭ ବିବରଣୀ ଅନୁସାରେ ଏହାର ହାର ଛଅ ପ୍ରତିଶତକୁ ଓହରି ଆସିଥିଲା ।

ନେତ୍ରଦାନ ପଦ୍ଧତିର ଅନ୍ୟ ଏକ ଅପରିହାର୍ଯ୍ୟ ଅଙ୍ଗ ହେଲା ପ୍ରତିଜ୍ଞା ଅର୍ଥାତ୍ ଶପଥ । ଯାହା ଜୀଇଁଥିବା ସମୟରେ କରାଯାଇଥାଏ । ମୃତ୍ୟୁ ପରେ ଶପଥ ଜରିଆରେ ମୃତବ୍ୟକ୍ତିର ଅନ୍ତିମ ଇଚ୍ଛା ସମ୍ପୂର୍ଣ୍ଣ କରାଯାଇଥାଏ । ତେଣୁ ଜୀବିତ ସମୟରେ ଏଇ ଶପଥ ପତ୍ରରେ ସ୍ୱାକ୍ଷର ନେତ୍ର ବିଶେଷଜ୍ଞଙ୍କର ଶ୍ରମ ଲାଘବ କରିଥାଏ । ଏଥିପାଇଁ ନେତ୍ର ନିଷ୍ଠାବାନମାନଙ୍କର ପ୍ରଚେଷ୍ଟା ଯେତିକି ଆବଶ୍ୟକ ଦେଶର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହାୟତା ମଧ୍ୟ ଅତୁଳନୀୟ । ସବୁ ପାଇଁ ମିଡ଼ିଆର ଭୂମିକା ଖୁବ୍ ବେଶୀ । ମିଡ଼ିଆ ସାହାଯ୍ୟରେ ହିଁ ଏଇ ଶପଥ ପାଇଁ ଜନତା ନିକଟରେ ପହଞ୍ଚିବା ସହଜ ହୋଇଥାଏ । ଭାରତର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଶପଥ ପତ୍ର ଉପରେ ସ୍ୱାକ୍ଷର ନେତ୍ରଦାନ ପର୍ଯ୍ୟାୟକୁ ବହୁଭାଗରେ ଉନ୍ନତିରେ ଯେ ସହାୟତା କରିଛି ଏଥିରେ ସନ୍ଦେହ ନାହିଁ । ସେଇମାନଙ୍କ ମଧ୍ୟରୁ କେତେଜଣ ପ୍ରମୁଖ ହେଲେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ପି. ନରସିଂହ ରାଓ, ଅଟଳ ବିହାରୀ ବାଜପେୟୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ବି.ଏସ.ୟଡ଼ି ୟୁରାପା ଅନ୍ୟ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରୁ ଜାକିର ହୁସେନ୍, ପଣ୍ଡିତ ହରିପ୍ରସାଦ ଚୌରାସିଆ, ତ୍ରିଦଶୀ ଚିନ୍ନା, ଜୀର ସ୍ୱାମୀଜୀ ଆକିନେନ ନାଗେଶ୍ୱର, ସୁନିଲ ଗାଭାସ୍କର ପ୍ରମୁଖ । ପ୍ରମୁଖ ଅଭିନେତା ଅଭିନେତ୍ରୀମାନଙ୍କ ମଧ୍ୟରେ ଅମିତାଭ ବଚନ, ଜୟା ବଚନ, ଐଶ୍ୱର୍ଯ୍ୟ ରାୟ ବଚନ, ରଜନୀକାନ୍ତ, ପୁନିତ, ରିଧିମା, ରାଣୀ ମୁଖାର୍ଜୀ ଏବଂ ଆହୁରି ଅନେକ ।

ଜାତୀୟ ନେତ୍ରଦାନ ପକ୍ଷର ଆରମ୍ଭ ୧୯୮୫ ମସିହାରୁ ହୋଇଥିଲା । **ସମଗ୍ର ଦେଶରେ ଏହା ଅଗଷ୍ଟ ପଚିଶ ତାରିଖରୁ ସେପ୍ଟେମ୍ବର ଆଠ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ଏଥିପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରାଯାଇଥାଏ । ଯେପରିକି ନେତ୍ରଦାନ ଶାନ୍ତି ମାର୍ଚ୍ଚ, ନେତ୍ରଦାନ ଉପକାରିତା ଉପରେ ଭାଷଣ, ନେତ୍ରଦାତା ପରିବାରକୁ ଫଳକ ପ୍ରଦାନ, ଲାଭାନ୍ୱିତ (ଯେଉଁମାନେ ନେତ୍ରଦାନ ଦ୍ୱାରା ନିଜର ଜ୍ୟୋତି ଫେରି ପାଇଛନ୍ତି) ବ୍ୟକ୍ତିମାନଙ୍କର ମତାମତ, ପ୍ରତିଷ୍ଠିତ ବ୍ୟକ୍ତି ତଥା ଜନସାଧାରଣଙ୍କର ଶପଥ ପତ୍ରରେ ସ୍ୱାକ୍ଷର ଇତ୍ୟାଦି । ନେତ୍ରଦାନ ଉପରେ ନାଟକ ପରିବେଶନ, ନେତ୍ରଦାନ ସଙ୍ଗୀତ ପ୍ରଭୃତିର ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥାଏ । ସର୍ବୋପରି ମିଡ଼ିଆର ସାହାଯ୍ୟ ।** ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ଭାରତୀୟ ନେତ୍ରକୋଷ ସଙ୍ଗତି (E.B.A.I) ସ୍ଥାପନା ଏହାର ଚରମ ଲକ୍ଷ୍ୟ ଥିଲା । ଏହା ଜରିଆରେ କାର୍ଯ୍ୟକ୍ରମ ଜାରି ରଖିଲେ ନେତ୍ରଦାନ ପଦ୍ଧତିରେ ବିକାଶ ହେବା ସଙ୍ଗେ ସଙ୍ଗେ ନେତ୍ର ଗୋଲକ ବ୍ୟାପାରରେ ଯବନିକା ପତନ ହେବ ।

ଅଙ୍ଗ ବ୍ୟାପାର ଏକ କ୍ଷୋଭପୂର୍ଣ୍ଣ ବିଷୟ। ଭାରତର ଅନେକ ନୀତିଦ୍ରୋହୀ, ଅସଦାଚାର ବ୍ୟକ୍ତି ଉକ୍ତ କାର୍ଯ୍ୟରେ ଆଗଭର ହୋଇ ଉଠିଥିଲେ । ଏହାର ପ୍ରାରମ୍ଭ ଥିଲା ବୃକକ । ଅର୍ଥାତ୍ କିଡ଼ନୀ ବ୍ୟାପାର । କ୍ରମଶଃ ନେତ୍ର ବ୍ୟାପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଲା । ଏହାର ବିରତି ପାଇଁ ପ୍ରମୁଖ ନେତ୍ର ନିଷ୍ଠାବାନଙ୍କ ମଧ୍ୟରେ ଭାଲେଣି ପଡ଼ିଲା । ବହୁ ଆଲୋଚନା ସମାଲୋଚନା ପରେ ଭାରତ କର୍ଣ୍ଣିଆ ଗ୍ରାଫ୍ଟିଙ୍ଗ (ଭାରତ ନେତ୍ରରୋପଣ ପିତା) ଡା: ଆର୍.ପି. ଢାଣ୍ଡାଙ୍କ ନେତୃତ୍ୱରେ ଗଢ଼ି ଉଠିଲା ଭାରତୀୟ ନେତ୍ରକୋଷ ସଙ୍ଗତି । ତାଙ୍କର ସହାୟତା କରିଥିଲେ ଅନ୍ୟ ପାଞ୍ଚଗଣ ପ୍ରମୁଖ ଯୋଦ୍ଧା । ପ୍ରାରମ୍ଭରେ ବହୁଘାତ ପ୍ରତିଘାତ ସହ୍ୟ କରୁଥିଲେ ମଧ୍ୟ ଖୁବ୍ ଶୀଘ୍ର ସଙ୍ଗତିଟି ସୁଚାରୁରୂପେ ଆଗେଇ ଚାଲିଲା ।

ନେତ୍ରଦାନ ପାଇଁ ବହୁ କିଛି ନୀତି ନିୟମର କାର୍ଯ୍ୟାବଳୀ ପ୍ରସ୍ତୁତ ହୋଇଗଲା । ତନ୍ମଧ୍ୟରୁ ଶ୍ରେଷ୍ଠ ଉଲ୍ଲେଖଯୋଗ୍ୟ ଥିଲା ଅରଗାନ ଆକ୍ଟ ୧୯୯୪ । ଏହା କେବଳ ନେତ୍ରଦାନ ପାଇଁ ନୁହେଁ ସମଗ୍ର ଅଙ୍ଗଦାନ ପାଇଁ ପ୍ରଯୁଜ୍ୟ । ଏହା ଅଙ୍ଗ ବ୍ୟାପାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦେଇଥିଲା । ଏତଦ୍ ବ୍ୟତୀତ ନେତ୍ରକୋଷ ମାନଦଣ୍ଡ ସହ ପ୍ରଯୁକ୍ତିଗତ ବିଷୟମାନଙ୍କ ପାଇଁ ମଧ୍ୟ ପନ୍ଥା ନିର୍ଦ୍ଧାରିତ କରାଯାଇଥିଲା । ପୁଣି ତାର ସଂଶୋଧିତ (ଆମେଣ୍ଡମେଣ୍ଟ) କରାଯାଇ THOTA 1994 NOTTO ଏବଂ THOTA 2014 ଗଠିତ ହୋଇଥିଲା । ଏସବୁ ନୀତି ନିୟମ ପଦ୍ଧତି ପ୍ରଚଳିତ ହେବା ପରେ ନେତ୍ରଦାନ ପଦ୍ଧତିରେ ବହୁ ଉନ୍ନତି ହୋଇଯାଇଥିଲା । ୧୯୯୦ ମସିହାରେ ଅନ୍ୟ ଏକ ପଦକ୍ଷେପ ହସ୍ପିଟାଲ କର୍ଣ୍ଣିଆ ରିଟ୍ରିଭାଲ ପ୍ରୋଗ୍ରାମ (HCRP)। ଉକ୍ତ କାର୍ଯ୍ୟକ୍ରମ ଅନୁସାରେ ବିଭିନ୍ନ ହସ୍ପିଟାଲରେ ଗ୍ରିଫ୍ କାଉନ୍‌ସେଲର ନେତ୍ରକୋଷ ତରଫରୁ ନିଯୁକ୍ତି କରାଯାଇଥାଏ । ଯେଉଁମାନଙ୍କର କାମ ହେଲା ଆସନ୍ନ ମୃତ୍ୟୁ ମୁଖକୁ ଗତି କରୁଥିବା ବ୍ୟକ୍ତିଙ୍କ ପରିବାର କିମ୍ବା ମୃତ ବ୍ୟକ୍ତିଙ୍କ ପରିବାରମାନଙ୍କୁ ନେତ୍ରଦାନ ସଦୃଶ ମହତ କାର୍ଯ୍ୟରେ ଉପକାରିତା ବିଷୟରେ ଅବଗତ କରାଇବା । କାରଣ ପରିବାର ବିନା ସ୍ୱାକ୍ଷରରେ ମୃତ ବ୍ୟକ୍ତିଙ୍କର ନେତ୍ର ମରଶରୀରରୁ ଅଲଗା କରିବା ଆଇନ୍ ବିରୁଦ୍ଧ । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ନେତ୍ରଦାନ ସଂଖ୍ୟା ଆହୁରି ବୃଦ୍ଧି ପାଇଥିଲା । ୧୯୮୦ରେ ଏକଶତରୁ ନ୍ୟୁନ ଦାନ ଥିବା ସତ୍ତ୍ୱେ ବର୍ତ୍ତମାନ ତାହା ଷାଠିଏରୁ ସତୁରି ହଜାରରେ ପହଞ୍ଚିଲାଣି । ସେତିକି ମଧ୍ୟ ଯଥେଷ୍ଟ ନୁହେଁ, କାରଣ ସମସ୍ତ ନେତ୍ର ପିତୁଳି ଯେ ପ୍ରତ୍ୟାରୋପଣ ଉପଯୁକ୍ତ ତାହା ନୁହେଁ ।

ଶାରୀରିକ ଅସୁସ୍ଥତା ନେତ୍ରରୋଗ ଏବଂ ମୃତ୍ୟୁ ପୂର୍ବରୁ ବ୍ୟବହାର କରାଯାଇଥିବା ଯନ୍ତ୍ରପାତି ଯେମିତିକି ଭେଣ୍ଟିଲେଟର ବ୍ୟବହାର ମଧ୍ୟ ଏହାର ପ୍ରତିବନ୍ଧକ ହୋଇଥାଏ । ୨୦୦୪ ମସିହାରେ NPCB ଏବଂ NGO ଦ୍ୱାରା ଗଠିତ ନ୍ୟାସନାଲ ପ୍ଲାନ ଅନୁସାରେ ଭାରତରେ ବାର୍ଷିକ ୨ ଲକ୍ଷ ନେତ୍ର ଗୋଲକ ତଥା କର୍ଣ୍ଣିଆଲ ଟିସୁ ସଂଗ୍ରହ ଆବଶ୍ୟକ । ତେଣୁ ନେତ୍ରଦାନ ସଂଖ୍ୟା ବୃଦ୍ଧି ପ୍ରାପ୍ତ ହେଉଥିବା ସମୟରେ ଦେଶର ନେତ୍ରଦାନ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଥିଲା । କରୋନା ମହାମାରୀ ଅନ୍ୟ ଏକ ବିଶେଷ କାର୍ଯ୍ୟକ୍ରମ ଥିଲା ମିଡ଼ିଆ ଗଠନ । ସାଧାରଣ ସ୍ତରରେ ନେତ୍ର ଗୋଲକ ମାତ୍ର ୨୪ ଘଣ୍ଟା ଭିତରେ ବ୍ୟବହାର କରାଯାଇଥାଏ । ତେଣୁ ୧୯୮୧-୮୨ରେ ଜାତୀୟ ନେତ୍ରକୋଷ ଦ୍ୱାରା ଗଭୀର ଗବେଷଣା ଉପରେ ଏମ୍.କେ.ମିଡ଼ିଅମ୍ (RPC ମିଡ଼ିଅମ) ପ୍ରସ୍ତୁତ କରାଗଲା। ଫଳରେ ନେତ୍ରପଟଳ (କର୍ଣ୍ଣିଆ)ଟିସୁ ୯୬ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିଲା । ମାତ୍ର ଉକ୍ତ ମିଡ଼ିଅମ୍ ବିକ୍ରୟ ମାଧ୍ୟମରେ ଉପଲବ୍ଧ ନ ଥିଲା । ୧୯୯୪ରେ ତାହା ରାମାୟମା ନେତ୍ରକୋଷ ହାଇଦ୍ରାବାଦରେ ପ୍ରସ୍ତୁତ ହୋଇ ବ୍ୟବସାୟିକ ମାଧ୍ୟମରେ ପ୍ରାପ୍ତ ହେଲା। ୨୦୧୨ରେ 'ଅରବିନ୍ଦ ନେତ୍ର କୋଷ' ଦ୍ୱାରା ପ୍ରସ୍ତୁତ କର୍ଣ୍ଣିସଲ ଟିସୁ ସଂରକ୍ଷଣରେ ବହୁ ସହାୟକ । ଏହାଦ୍ୱାରା ଟିସୁ ୧୪ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ ।

ଅବଶେଷରେ ଗର୍ବର ସହ ଏହା କୁହାଯାଇପାରେ ଯେ ଉକ୍ତ କାର୍ଯ୍ୟମାନଙ୍କ ମାଧ୍ୟମରେ ବର୍ତ୍ତମାନ ନେତ୍ରଦାନ ବିଶ୍ୱରେ ଶୀର୍ଷକ ସ୍ଥାନ ଅଧିକାର କରିଛି । ତଥାପି ମଧ୍ୟ ଆଜି ୪୦ତମ ନେତ୍ରଦାନ ପକ୍ଷକୁ ସମ୍ମାନ ପ୍ରଦାନ କରି ଆସନ୍ତୁ ବହୁ ସଂଖ୍ୟାରେ ସ୍ୱାକ୍ଷର ପତ୍ରରେ ଦସ୍ତଖତ କରି ନିକଟସ୍ଥ ନେତ୍ରକୋଷରେ ଜମା କରିବା । ଏଥିପାଇଁ ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମଧ୍ୟ ଉପଲବ୍ଧ ରହିଛି । 'ନେତ୍ରଦାନ ମହାଦାନ '।

ମୋ-୯୮୧୮୯୮୬୩୦୩

# ଡଙ୍ଗରିଆ କନ୍ଧଙ୍କ ଜୀବନଧାରା

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଡଙ୍ଗରିଆ ହେଲା କନ୍ଧଗୋଷ୍ଠୀର ଏକ ଉପଗୋଷ୍ଠୀ । ଏମାନେ ସାଧାରଣତଃ ଡଙ୍ଗରରେ ରହୁଥିବାରୁ ଏମାନଙ୍କୁ ଡଙ୍ଗରିଆ କନ୍ଧ କୁହାଯାଏ । ଏମାନେ ସମସ୍ତେ ନିୟମଗିରି ପର୍ବତମାଳାର ୧୪୦ଟି ଗ୍ରାମରେ ଅବସ୍ଥାନ କରନ୍ତି । ନିୟମଗିରି ରାୟଗଡ଼ ଓ ଗୁଣୁପୁର ସବ୍‌ଡ଼ିଭିଜନ ମଝିରେ ଅବସ୍ଥିତ । ଏମାନେ ବଣଜଙ୍ଗଲରେ ବାସ କରୁଥିବାରୁ ଏମାନଙ୍କ ଘରଦ୍ୱାର ଗଠନ ପ୍ରଣାଳୀ ଅଲଗା ଧରଣର । ଏମାନଙ୍କର ଅନୁଚ୍ଚ ଘରଗୁଡ଼ିକ ଡ଼ାବୁ ଛଣରେ ଛପର ହୋଇ ଦାଣ୍ଡ ଓ ବାରିପଟକୁ ଖୁବ୍ ଲମ୍ବ ଭାବରେ ଚଢ଼ି ଯାଉଥାଏ । ଘରର କାନୁଗୁଡ଼ିକ ନାଲି ଓ ଧଳା ରଙ୍ଗ ମାଟିରେ ଲିପାଯାଇ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର ଅଙ୍କନ ହୋଇଥାଏ । ଏହି ଚିତ୍ରମାନଙ୍କରେ ପୁରି ରହିଛି ଅକଳ୍ପନୀୟ କଳାନୁରାଗ । ଘରକୁ ଘର ଏପରି ଲାଗି ରହିଥାଏ ଦେଖିଲେ ମନେ ହୁଏ ସମସ୍ତେ ଯେପରି ଗୋଟିଏ ଛାତ ତଳେ ଏକାଠି ରହିଛନ୍ତି । ଗାଁଟି ବଡ଼ ବା ଛୋଟ ହୋଇପାରେ କିନ୍ତୁ ଘରଗୁଡ଼ିକ ଦୁଇଟି ଧାଡ଼ିରେ ସଜେଇ ହୋଇ ରହିଥାଏ ।

ଡଙ୍ଗରିଆ କନ୍ଧମାନେ ସେମାନଙ୍କ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇଥାନ୍ତି । ପୁରୁଷମାନେ ସାଧାରଣତଃ ଗୋଟିଏ ଛଅ ଫୁଟିଆ ଗାମୁଛା ବସ୍ତ୍ର ଭାବରେ ପରିଧାନ କରିଥାନ୍ତି । ଶୀତ ଦିନେ ଚଦରରେ ଘୋଡ଼ି ହୁଅନ୍ତି ନଚେତ୍ ସାରା ଦେହଟା ଫୁଙ୍ଗୁଳା ରହିଥାଏ । ସ୍ତ୍ରୀମାନେ ଦୁଇଟି ରଙ୍ଗଧଡ଼ିଆ ତଉଲିଆକୁ ବସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି । ଗୋଟିଏ ପିନ୍ଧିଥାନ୍ତି ଓ ଅନ୍ୟଟି ବେକରେ ଗୁଡ଼େଇଥାନ୍ତି, ଲୁଗାର ଧଡ଼ିରେ ସ୍ତ୍ରୀ ଲୋକମାନେ ସୁନ୍ଦର କାରୁକାର୍ଯ୍ୟଭରା ହାତକାମ ଚିତ୍ର କରିଥାନ୍ତି । ଏହାକୁ କୁଡୁ କୁହାଯାଏ । ସ୍ତ୍ରୀ ପୁରୁଷମାନେ ମୁଣ୍ଡରେ ବାଳ ବଢ଼େଇ ସୁନ୍ଦର ପାନିଆଁ ଖଚିତ ଜୁଡ଼ା ତିଆରି କରିଥାନ୍ତି । ଏମାନଙ୍କର ଗହଣା ବ୍ୟବହାରରେ ଖୁବ୍ ରୁଚିଥାଏ । ସ୍ତ୍ରୀମାନେ ବେକରେ ରୁପା ଟଙ୍କାର ମାଳ, ରୂପା ଖଡୁ, କାନ ଓ ନାକରେ ସୁନା ଓ ରୁପାର ବାଙ୍କି ବ୍ୟବହାର କରିଥାନ୍ତି । ସ୍ତ୍ରୀମାନେ ଶରୀରର ବିଭିନ୍ନ ଅଂଶରେ ସୁନ୍ଦର ଭାବେ ଚିତାକୁଟି କରି ନିଜର ସୌନ୍ଦର୍ଯ୍ୟ ବଢ଼ାଇଥାନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଡଙ୍ଗରିଆ ମାମୁଁର ଝିଅ ବା ଭଉଣୀର ଝିଅକୁ ବିବାହ କରେ ନାହିଁ । ତେଣୁ ଡଙ୍ଗରିଆ ସମାଜରେ କନ୍ୟା ପାଇବା ଭାରୀ କଷ୍ଟ । କେଉଁ ଗାଁରେ ବିବାହଯୋଗ୍ୟା କନ୍ୟା ଅଛନ୍ତି ଖବର ପାଇଲେ ବର ଗାଁର ମାଇପେ ସାଥୀରେ ମଦ କଳସୀକୁ ଧରି କନ୍ୟା ଗ୍ରାମରେ ପହଞ୍ଚି ଯାଆନ୍ତି । ସନ୍ଧ୍ୟାରେ ପହଞ୍ଚି କନ୍ୟାଘର ଚାରିପଟେ ଯାଇ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ମାତ୍ର କନ୍ୟା ଘର ପକ୍ଷରୁ ପ୍ରବଳ ବିରୋଧ କରାଯାଏ ଓ ଅଶ୍ଳୀଳ ଭାଷରେ ଗାଳି ବର୍ଷଣ ହୁଏ । ସେମାନେ ଖାଲିଯିବା ଲୋକମାନଙ୍କୁ ଯେ ଗାଳି କରନ୍ତି, ତାହା ନୁହେଁ ସେମାନଙ୍କ ବଂଶ ଓ ଗାଁ ଲୋକଙ୍କୁ ମଧ୍ୟ ଗାଳି ଦିଅନ୍ତି । କିନ୍ତୁ ବରପକ୍ଷ ସବୁ ଶୁଣି ଚୁପ୍ ରହିବାକୁ ବାଧ୍ୟ ହୁଅନ୍ତି । ଏହାତ କିଛି ନୂଆ କଥା ନୁହେଁ ଯୁଗ ଯୁଗ ଧରି ଏ ପ୍ରଥା ଚାଲି ଆସିଛି । ଖାଲି ଗାଳି ନୁହେଁ ସେମାନଙ୍କୁ ପିଇବା ପାଇଁ ପେଜ ମଧ୍ୟ ଦିଅନ୍ତି ନାହିଁ । ଏହା ପରେ ବର ଓ ତା'ର ସାଥୀମାନେ ଯାଆନ୍ତି । ବରକୁ ଛାଡ଼ି ସାଥୀମାନେ ଫେରିଆସନ୍ତି, ବିଚରା ବର ବହୁ ଅପମାନ ଅସମ୍ମାନ ପାଇ କନ୍ୟାଘରେ ଗୋତି ଖଟେ ଓ କିଛି ବର୍ଷ ପରେ ବରପିତା

**ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଡଙ୍ଗରିଆ ମାମୁଁର ଝିଅ ବା ଭଉଣୀର ଝିଅକୁ ବିବାହ କରେ ନାହିଁ । ତେଣୁ ଡଙ୍ଗରିଆ ସମାଜରେ କନ୍ୟା ପାଇବା ଭାରୀ କଷ୍ଟ । କେଉଁ ଗାଁରେ ବିବାହଯୋଗ୍ୟା କନ୍ୟା ଅଛନ୍ତି ଖବର ପାଇଲେ ବର ଗାଁର ମାଇପେ ସାଥୀରେ ମଦ କଳସୀକୁ ଧରି କନ୍ୟା ଗ୍ରାମରେ ପହଞ୍ଚି ଯାଆନ୍ତି । ସନ୍ଧ୍ୟାରେ ପହଞ୍ଚି କନ୍ୟାଘର ଚାରିପଟେ ଯାଇ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ମାତ୍ର କନ୍ୟା ଘର ପକ୍ଷରୁ ପ୍ରବଳ ବିରୋଧ କରାଯାଏ ଓ ଅଶ୍ଳୀଳ ଭାଷରେ ଗାଳି ବର୍ଷଣ ହୁଏ । ସେମାନେ ଖାଲିଯିବା ଲୋକମାନଙ୍କୁ ଯେ ଗାଳି କରନ୍ତି, ତାହା ନୁହେଁ ସେମାନଙ୍କ ବଂଶ ଓ ଗାଁ ଲୋକଙ୍କୁ ମଧ୍ୟ ଗାଳି ଦିଅନ୍ତି । କିନ୍ତୁ ବରପକ୍ଷ ସବୁ ଶୁଣି ଚୁପ୍ ରହିବାକୁ ବାଧ୍ୟ ହୁଅନ୍ତି । ଏହାତ କିଛି ନୂଆ କଥା ନୁହେଁ ଯୁଗ ଯୁଗ ଧରି ଏ ପ୍ରଥା ଚାଲି ଆସିଛି ।**

କନ୍ୟାସୁନା ଦେଇ ବିବାହ ଦିନ ଠିକ୍ କରେ ।

କନ୍ୟା ନେବାର ଆଠ ଦିନ ପୂର୍ବରୁ ଖବର ଦେଇ ବର ଗ୍ରାମର ସମସ୍ତେ କନ୍ୟା ଗ୍ରାମକୁ ଯାଆନ୍ତି । କନ୍ୟାପିତା ସେମାନଙ୍କୁ ଅଭ୍ୟର୍ଥନା କରି ଭୋଜି ଦିଅନ୍ତି । କନ୍ୟାର ପିତାମାତା ସାଙ୍ଗସାଥୀ କନ୍ୟା ବିଦାୟ ବେଳେ ସ୍ୱର ଦେଇ ଯେଉଁ କାନ୍ଦଣା ଗାଆନ୍ତି ତା' ଅତି ହୃଦୟସ୍ପର୍ଶୀ ଝିଅ ବିଦାୟ ଦୁଃଖରେ ଡଙ୍ଗରିଆ ଗୀତ ଗାଏ ।

ଝିଅକୁ ବଳେଇ ଦେବାକୁ ଯାଇ ବର ଗାଁରେ ପହଞ୍ଚିଲା ପରେ ଝିଅ ଗାଁର ଲୋକେ କହନ୍ତି ଆମ ଝିଅ ପରି ଝିଅ ନାହିଁ । ବର ପକ୍ଷର ଝିଅମାନେ ମଧ୍ୟ ନିଜ ନିଜ ଗାଁର ଟେକ ରଖି ଉତ୍ତର ଦିଅନ୍ତି । ବାହାଘରରେ ନାଚ କରିବା ଡଙ୍ଗରିଆ ସମାଜରେ ଦେଖାଯାଏ ନାହିଁ । ଯାହା ପାଖରେ କନ୍ୟାକୁ ସୁନା ଦେବାର ସମ୍ବଳ ନଥାଏ ସେ ଶ୍ୱଶୁର ଘରେ ଦୁଇ ଚାରି ବର୍ଷ ଗୋତି ଖଟି ଡଙ୍ଗର ଓ ଅନ୍ୟାନ୍ୟ କାମ କରେ ଓ ସର୍ତ୍ତ ପୁରିଲେ ଝିଅକୁ ନେଇ ନିଜ ଘରକୁ ଫେରେ । ଅନେକ କ୍ଷେତ୍ରରେ ସୁବିଧା ଦେଖି ବର ପକ୍ଷର ଟୋକାମାନେ ଝିଅକୁ ଡଙ୍ଗର ବା ନାଳ କିମ୍ବା ହାଟରୁ ଟାଣି ନିଅନ୍ତି ଓ କନ୍ୟା ପିତାକୁ ଖବର ଦିଅନ୍ତି । ଆମେ ତମ ଝିଅକୁ ଟାଇ ନେଇଛୁ । କନ୍ୟା ସୁନା ନେବାକୁ ତୁମ ସାଥୀମାନଙ୍କ ସହିତ ଆସିଲେ ପଞ୍ଚାୟତ ବସିବ । ସମସ୍ତ ପ୍ରକାର ବାହାଘର ପାଇଁ ବରକନ୍ୟାର ମିଳନ ଲଗ୍ନ 'ବେଜୁଣି' ଠିକ୍ କରିଥାଏ। ବାହାଘର ଯେବେ ହେଉନା କାହିଁକି ଝିଅ ରଜସ୍ୱଳା ହେବା ପରେ ପରେ ତାକୁ ପରିବାରର ଅନ୍ୟ ଲୋକମାନଙ୍କ ସହ ଶୋଇବାକୁ ଦିଅଯାଏ ନାହିଁ । ଘରବାଡ଼ିରେ ଗୋଟିଏ ଛୋଟିଆ କୁଡ଼ିଆ ତିଆରି କରାଯାଏ ଓ ଝିଅ ସେଠାର ରହେ । ତାହାକୁ 'ଧାଘ୍‌ଗିଡ଼ୀ' କୁଡ଼ିଆ ବୋଲି କୁହାଯାଏ ।

ଡଙ୍ଗରିଆ ଘରେ ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ କେତେକ ନିୟମ ପାଳିବାକୁ ହୁଏ । ଏହାକୁ କହନ୍ତି 'ଦୋଷପାଳିବା' । ପରିବାରର ସମସ୍ତେ ସଙ୍ଗେ ସଙ୍ଗେ ସ୍ନାନ କରିବେ, ସାରା ଦିନ ଡଙ୍ଗରକୁ ଯାଇ କୌଣସି କାମ କରିବେ ନାହିଁ । ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ମା' ନିଜ ପାଖରେ ରଖିଥିବା ଛୋଟ ଛୁରୀ ସାହାଯ୍ୟରେ ଛୁଆର ନାହି କାଟେ ଓ ଘରେ ନ ରହି ତା' ପାଇଁ ପୂର୍ବରୁ ନିର୍ମିତ ହୋଇଥିବା ଛୋଟ କୁଡ଼ିଆରେ ରହେ । ଦୀର୍ଘ ଏକ ମାସ ପାଇଁ ସେ ଅଛୁଆଁ ହୋଇ ରହେ । ମାସ ପୁରିଗଲେ ବେଜୁଣି ଆସି ମା'କୁ ଶୁଦ୍ଧ ସ୍ନାନ କରାଏ ଓ ଛୁଆ ସହ ମା' ଘରକୁ ଫେରେ । ମା'ର ଘର ବାହୁଡ଼ା ଉପଲକ୍ଷେ କୁକୁଡ଼ା କାଟି ପୂଜା ଦିଆଯାଏ । ବେଜୁଣି ଚାଉଳ ଧରି ମନ୍ତ୍ର ପଢ଼େ । ମନ୍ତ୍ର ପଢୁ ପଢୁ ତା' ଦେହରେ ଦେବତା ପ୍ରବେଶ କରନ୍ତି । ଯାହାର ପ୍ରଭାବରେ ବେଜୁଣି ନବଜାତକ ଦେହରେ କାହାର ଆତ୍ମା ପ୍ରବେଶ କରିଛି କହେ ଓ ସେହି ମୃତ ବ୍ୟକ୍ତିର ନାମରେ ନବଜନ୍ମିତ ପିଲାର ନାମକରଣ କରାଯାଏ ।

ମଣ୍ଡଳ:- ଡଙ୍ଗରିଆ ସମାଜର ପ୍ରଧାନ ବ୍ୟକ୍ତି । ତାହାର ନିର୍ଦ୍ଦେଶରେ ଗ୍ରାମରେ ଶାସନ ଚାଲେ । କିନ୍ତୁ ଗ୍ରାମର ଆପଦ ବିପଦ ପୂଜା ପର୍ବରେ 'ଜାନି'ର କଥା ମାନି ସମସ୍ତେ ଚଳନ୍ତି । ଜାନି ପୂଜା କରି ଦେବତାର ପରାମର୍ଶ ନେଇ କେଉଁ ଦିନ ବିହନ ବୁଣାହେବ, ଫସଲ ଅମଳ ହେବ, ମେରିଆ ବଳି ପଡ଼ିବ ଓ ବାଟପୂଜା ହେବ ସେ ବିଷୟରେ କହେ । ଉତ୍ତରାଧିକାରୀ ସୂତ୍ରରେ ମଣ୍ଡଳ ଓ ଜାନି ବଂଶର ପୁଅମାନେ ଏହି ସମ୍ମାନ ପାଇ ଥାଆନ୍ତି ।

ଡଙ୍ଗରିଆ ଧରିତ୍ରୀ ଓ ଧର୍ମ ଦେବତାଙ୍କୁ ପୂଜା କରେ । ସମସ୍ତ ଆପଦ ବିପଦରୁ ମୁକ୍ତ ପାଇଁ ଡଙ୍ଗରିଆଙ୍କୁ ପୂଜା କରେ । କୌଣସି ଶୁଭ କାମ କରିବା ପୂର୍ବରୁ 'କଟିଙ୍ଗ୍‌ଗିରି'କୁ ପୂଜା କରି ସେମାନଙ୍କ ଆର୍ଶୀବାଦ ନିଆଯାଏ । ସେହି ଆର୍ଶୀବାଦ ଫଳରେ ଭଲ ଫସଲ ହୁଏ, ବର୍ଷା ହୁଏ ଓ ସମସ୍ତ ଆପଦ ବିପଦ ଟଳିଯାଏ ।

ଡଙ୍ଗରିଆ ଅନେକ ପ୍ରକାର ପର୍ବ ପାଳନ କରେ ଯେପରି ନୂଆଁଖିଆ, ଫସଲ ଅମଳ, ଡଙ୍ଗର ପୂଜା ଓ ଧରଣୀ ପୂଜା ଇତ୍ୟାଦି । କିନ୍ତୁ ବିହନ ବୁଣା ପର୍ବ ପରେ ପରେ ଆରମ୍ଭ ହୋଇଯାଏ ଶିକାର କରିବାର ଝୁଙ୍କ । ଏମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ପାହାଡ଼ ତଳେ ବସୁଥିବା ହାଟ ଦ୍ୱାରା ପ୍ରଭାବିତ ହୁଏ । ବାଟରେ ଏମାନେ ନିଜର କୃଷି ଜାତ ଓ ଜଙ୍ଗଲରୁ ସଂଗୃହୀତ ପଦାର୍ଥକୁ ବିକ୍ରି କରି ବା ବଦଳାଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସହିତ ଧାନ ଚାଉଳ କିଣନ୍ତି । ଏଠାରେ ସେମାନଙ୍କର ସାହୁକାରଙ୍କ ସହ ଦେଣନେଣ କାରବାର ହୁଏ ।

ଅନେକ ସମୟରେ ବେପାରୀ ସେମାନଙ୍କୁ ଠକିବାର ଦେଖାଯାଇଥାଏ । ସାମାନ୍ୟ ନିଶା ଯୁକ୍ତ ପାନୀୟ ଓ ଖଣ୍ଡିଏ ଲୁଗା ବଦଳରେ ବେପାରୀ ଅମଳ ହୋଇନଥିବା ଫସଲକୁ ମଧ୍ୟ ହାସଲ କରିନିଏ । ଡଙ୍ଗରିଆର ସବୁ ଥାଇ ମଧ୍ୟ ସେ ଶେଷରେ ନିଃସ୍ୱ ହୋଇଯାଏ ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ମୋ-୯୪୩୭୨୪୨୩୧୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିର...

ଟପ୍ପର ହୋଇଥିବା କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଚନ୍ଦନ କୁମାର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଯୁକ୍ତ ଦୁଇ କଳାରେ ଟପ୍ପର ହୋଇଥିବା ସୋନପୁର ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦେବେନ୍ଦ୍ର ଖମାରିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ବେଳେ ଯୁକ୍ତ ଦୁଇ ବିଜ୍ଞାନରେ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁଶୀଲ କୁମାର ନାୟକ ଓ କଟକ ଲିଙ୍କ୍‌ରୋଡ଼ସ୍ଥିତ ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିନିତ ମହାନ୍ତିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଯୁକ୍ତ ଦୁଇ ବାଣିଜ୍ୟରେ କୃତିତ୍ୱ ହାସଲ କରିଥିବା ୟୁନିଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱର୍ଣ୍ଣରେଖା ମନ୍ତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧିବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହିତ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହାସହ କମିଟିର କୋଷାଧ୍ୟକ୍ଷ ନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ "ସମୟ"ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ରଞ୍ଜିତ ପାତ୍ର, ୟାଶିର ନୱାଜ, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ଅଭିଳାଷ ମାନିଆ, ଅମିୟ ପାଣ୍ଡବ, ଅଜୟ ସାମଲ, ପ୍ରତାପ ରାଉତରାୟ, ରଷିବର ପୃଷ୍ଟି, ଗୁଗୁ ଜେନା, ମିଲନ ପଟ୍ଟନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ମାନସ ମହାନ୍ତି, ଅମରେଶ ପରିଡ଼ା, ଶ୍ରେୟା ପଣ୍ଡା, ଚିତ୍ତରଞ୍ଜନ ନାୟକ, ବିଜେଡି ମିଡିଆ ସେଲ୍ ସଂଯୋଜକ ଲେନିନ ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ, ବିଜେଡି ମୁଖପାତ୍ର ମିହିର ରାୟ, ତୁମ୍ବନାଥ ପଣ୍ଡା, ସଂଗ୍ରାମ ଦାସ, ସୁର ସଲୁସନ, ବିଜେପି ମୁଖପାତ୍ର ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି...

ସୂଚନା ଦିଆଯାଇଛି। ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବା ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

## ମା'-ପୁଅ...

କରିବା ସହ ଛୁରି ଦେଖାଇ ଭୟଭୀତ କରାଇଥିଲେ ।

ପୋଲିସ ଏସବୁ କଥା ଜାଣିବା ପରେ ସମୀରଙ୍କୁ ଅଟକାଇ ରଖିବା ସହ ମା'ପିଲା ତିନିଜଣଙ୍କୁ ଡକାଇ ସମୀର ଅଭିଯୋଗ ସମ୍ପର୍କରେ ପଚାରିଥିଲେ । ମା'ପିଲା ପୋଲିସରେ ଭିନ୍ନ କଥା କହିଥିଲେ । ସୋଲାର ଲାଇଟ୍ ପ୍ଲାଣ୍ଟ କରିବା ପାଇଁ ସମୀର ତାଙ୍କୁ ପ୍ରଭାବିତ କରି ବ୍ୟାଙ୍କ ଆକାଉଣ୍ଟ ନେବା ପରେ ସେଥିରେ ସାଇବର ଠକେଇ କରିଛି । ୧.୪% କଥା ମଧ୍ୟ ସେମାନେ ପୋଲିସରେ ସ୍ୱୀକାର କରିଛନ୍ତି । ମା'ପିଲାଙ୍କୁ ସାହାଯ୍ୟ କରିଥିବା ମୈତ୍ରୀବିହାରୁ ଥାନା ଅଞ୍ଚଳ ବିଡିଏ କଲୋନୀର ଭଗବାନ ସାହୁଙ୍କୁ ପୋଲିସ ଥାନାକୁ ନେବା ପରେ ସେ ବହୁ କଥା କହିଥିଲା । ଡିସିପିଙ୍କ କହିବାନୁଯାୟୀ ଏହି ଆକାଉଣ୍ଟରେ ସାରା ଦେଶରୁ ସାଇବର ଠକେଇ କରିଛନ୍ତି ଏମାନେ । ୧୫କୋଟି ଟଙ୍କା ସାଇବର ଠକେଇ କରିଥିବା ଜଣାପଡିଥିବା ବେଳେ ଅନ୍ୟ ରାଜ୍ୟ ପୋଲିସ ସହ କଥା ହେଲେ ଆଉ କିଛି ଠକେଇ ରହସ୍ୟ ଜଣାପଡ଼ିବ । ତାହା ଜଣାପଡିଲେ, ଗିରଫ ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ । ଯେଉଁ ଆକାଉଣ୍ଟରେ ଠକେଇ ହେଲା ତାହାକୁ ମୁଲ୍‌ବ୍ୟାଙ୍କ ଆକାଉଣ୍ଟ୍ କୁହାଯାଉଛି । ମୁଲ୍‌ବ୍ୟାଙ୍କ ଆକାଉଣ୍ଟ୍, ପ୍ରିପେଡ୍ ସିମ୍, ସାଇବର ଠକଙ୍କ ଅସ୍ତ୍ର । ଅଭିଯୁକ୍ତ ମା'ପିଲାଙ୍କ ସମେତ ୪ଜଣଙ୍କ ନିକଟରୁ ଗୋଟିଏ ଛୁରି ଜବତ ହୋଇଥିବା ବେଳେ ସମୀର ନିକଟରୁ ତିନୋଟି ମୋବାଇଲ ଫୋନ୍ ଓ ଗୋଟିଏ କାର୍ ଜବତ ହୋଇଛି ।

ସାମ୍ବାଦିକ ସମ୍ମିଳନୀ ପରେ ଗିରଫ ସମୀର, ଭଗବାନ, ଚିରଞ୍ଜୀବ, ଅମିତାରାଣୀ, ଆକାଂକ୍ଷାଙ୍କୁ କୋର୍ଟଚାଲାଣ କରାଗଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ମାମଲାର ତଦନ୍ତ ଜାରି ରହିଥିବାରୁ ଆବଶ୍ୟକ ହେଲେ ଏମାନଙ୍କୁ ରିମାଣ୍ଡରେ ଅଣାଯାଇ ପାରେ ବୋଲି ଡିସିପି କହିଛନ୍ତି ।

## ପୂର୍ବ...

ତ୍ୱରାନ୍ୱିତ କରିବା ସହ ପ୍ରସ୍ତାବ ଦିଆଯାଇଛି । ଚକୁଲିଆ ରେଳପଥକୁ ମଞ୍ଜୁରୀ ମିଳିଛି ଓ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ଷଡଙ୍ଗୀଙ୍କ ସହ ଡ. ବିନି ଷଡଙ୍ଗୀ, ଡ. ସାରଦା ସୁମନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ସାକ୍ଷାତକାର ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ଓ ବିଧାୟିକା କଳ୍ପନା ସୋରେନ ଅଙ୍ଗବସ୍ତ୍ର ଓ ସ୍ମାରକୀ ଦେଇ ସମ୍ମାନିତ କରିଥିଲ । ବିଧାୟକ ସମୀର ମହାନ୍ତି, ପୂର୍ବତନ ବିଧାୟକ ଲକ୍ଷ୍ମଣ ଟୁଡୁ, ସୋମେଶ ସୋରେନ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲ ।

## ଆଜି...

ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ । ବିଷୟ ସହ ରାଜ୍ୟର ରେଳଭିତ୍ତିଭୂମିର ବିକାଶ, ସେମି କଣ୍ଡକଟର ଶିଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲ ।

## ବ୍ରାହ୍ମଣୀରେ...

ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି ତଳଓସ୍ତିଆ ରାସ୍ତା ଉପରେ ୩ଫୁଟ ରୁ ଅଧିକ ବନ୍ୟା ପାଣି ଜମିରହିଛି । ବେଲପାଳ ଗାଁ କୁ ଯିବା ରାସ୍ତା ଉପରେ ବନ୍ୟା ପାଣି ଜମିରହିବା ଫଳରେ ଯାତାୟତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି । ଜୁଆରି ପଟରେ ଥିବା ବାଲିକଣା ଗାଁ ର ସହଦେବ ଜେନା ଓ ବୈକୁ= ବିହାରୀ ଜେନା ଙ୍କ ଘର ବନ୍ୟା ପାଣି ଘେରରେ ରହିଛି।

## ଯୁବକଙ୍କୁ...

ଚାଲିଯିବାରୁ ସେଠାକୁ ଖେଳୁଥିବା ଦୁଇଜଣ ପିଲା ବଲ ପାଇଁ ଦୌଡି ଯାଇଥିଲେ । ବଲ୍ ଆଣିବା ବେଳକୁ ଦେଖିଥିଲେ ଯେ, କ୍ଷତବିକ୍ଷତ ହୋଇ ଜଣେ ଯୁବକଙ୍କ ଶବ ସେଠାରେ ପଡିଛି । ଶବ ଉପରେ ଝାଟି ଘୋଡାଇ ଦିଆଯାଇଥିବା ସେମାନେ ଦେଖିଥିଲେ । ଏହି ଖବର ପିଲାମାନେ ସ୍ପୋର୍ଟ୍ସ ସେକ୍ରେଟାରୀଙ୍କୁ ଜଣାଇବା ପରେ ସେ ମଞ୍ଚେଶ୍ୱର ଥାନାକୁ ଜଣାଇଥିଲେ ।

ମଞ୍ଚେଶ୍ୱର ଥାନା ଇନ୍ସପେକଟର ଘଟଣାସ୍ଥଳରେ ପହଞ୍ଚି କ୍ଷତବିକ୍ଷତ ଯୁବକଙ୍କ ଗଳିତ ଶବ ଦେଖିବା ପରେ ଡିସିପିଙ୍କୁ ଜଣାଇଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଯୁବକଙ୍କ ପରିଚୟ ମିଳିନଥିବାରୁ ସବିଶେଷ ତଥ୍ୟ ମିଳିନାହିଁ । ଯୁବକଙ୍କୁ ଦୁର୍ବୃତ୍ତମାନେ ବାହାରୁ ହତ୍ୟା କରି ଆଣି ସେଠାରେ ପକାଇ ଦେଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ୨/୩ ଦିନ ପୂର୍ବରୁ ଘଟଣା ହୋଇଥାଇପାରେ ବୋଲି ଗଳିତ ଶବରୁ ଜଣାପଡ଼ିଛି । ଯୁବକଙ୍କ ମୁହଁକୁ ସମ୍ପୂର୍ଣ୍ଣ ଛେଚି ଦେଇଛନ୍ତି ଦୁର୍ବୃତ୍ତମାନେ । ଯାହା ଫଳରେ ମୁହଁରୁ ଯୁବକଙ୍କୁ ଚିହ୍ନି ହେଉନାହିଁ । ପୋଲିସ କହିବାନୁଯାୟୀ ତଦନ୍ତ ଆଗକୁ ବଢିଲେ ଯୁବକଙ୍କ ପରିଚୟ ମିଳିବ । ପରିଚୟ ମିଳିଲେ ହୁଏତ ମୃତ୍ୟୁର ରହସ୍ୟ ସ୍ପଷ୍ଟ ହେବ । କେଉଁମାନେ କାହିଁକି କିପରି ହତ୍ୟା କରିଛନ୍ତି ତାହା ଜଣାପଡ଼ିବ । ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ଯୁବକଙ୍କ ମୃତ୍ୟୁ କିପରି ହୋଇଛି ସ୍ପଷ୍ଟ ଜଣାପଡିବ ।

## ପୂର୍ଣ୍ଣଗ୍ରାସ

ହୋଇ ପଡେ । ମାତ୍ର ଲାଲ ଏବଂ ନାରଙ୍ଗୀ ରଶ୍ମୀ ଚନ୍ଦ୍ର ଯାଏଁ ଅତିକ୍ରମ କରି ପହଞ୍ଚିଯାଏ । ଏହି କାରଣରୁ ଆକାଶରେ ଚନ୍ଦ୍ର ଲାଲ୍ ଦିଶେ । ତେବେ ନାସାର ସୂଚନାନୁଯାୟୀ ଚନ୍ଦ୍ର କେତେ ପରିମାଣରେ ଲାଲ୍ ଦେଖାଯିବ ତାହା ସେହି ସମୟର ବାୟୁମଣ୍ଡଳ ଉପରେ ନିର୍ଭର କରିଥାଏ । ଯଦି ସେହି ସମୟରେ ବାୟୁମଣ୍ଡଳ ଧୂଳି, ଧୂଆଁ ଏବଂ ଜ୍ୱାଳାମୁଖୀ ଅଧିକ ଦେଖାଦିଏ ତେବେ ଚନ୍ଦ୍ରର ରଙ୍ଗ ଆହୁରି ଲାଲ୍ ଗାଢ ଦିଶିବ । ଚନ୍ଦ୍ରଗ୍ରହଣ ଭାରତୀୟ ସମୟ ଅନୁସାରେ ରାତି ୯ଟା ୫୮ ରେ ଆରମ୍ଭ ହେବାକୁ ଥିବା ବେଳେ ଏହା ରାତି ୧ଟା ୨୬ ମିନିଟରେ ଶେଷ ହେବ । ଚନ୍ଦ୍ରଗ୍ରହଣର ଅବଧି ପ୍ରାୟ ୩ ଘଣ୍ଟା ୨୮ ମିନିଟ ବୋଲି କୁହାଯାଉଛି । ତେବେ ଚନ୍ଦ୍ର ଗ୍ରହଣର ସର୍ବାଧିକ ପ୍ରଭାବ ରାତି ୧୧ଟା ୧ରୁ ରାତି ୧୨ଟା ୨୨ ମିନିଟ ଯାଏଁ ରହିବ । ଆଉ ଚନ୍ଦ୍ର ଗ୍ରହଣର ପିକ୍ ସମୟ ୧୧ଟା ୪୨ରେ ହେବ । ଏହି ସମୟରେ ବିଶ୍ୱବାସୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିପାରିବେ । ଦିଲ୍ଲୀ, ମୁମ୍ବାଇ, କୋଲକାତା, ପୁଣେ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦରେ ଦିଶିବ ଏହି ବିରଳ ମହାଜାଗତିକ ଦୃଶ୍ୟ । ଏସବୁ ସହରର ଲୋକେ ବ୍ଲଡ୍ ମୁନକୁ ସ୍ପଷ୍ଟ ଭାବେ ଦେଖିପାରିବେ ।

# ହାତୀ ଆକ୍ରମଣରେ ମହିଳା ମୃତ, ୩ ଆହତ

ବେତନଟୀ ,(ସବ୍ୟୁ): ହାତୀଙ୍କ ଆକ୍ରମଣରେ ଶନିବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ (୪୫) । ହାତୀ ଆକ୍ରମଣରେ ରୀନାଙ୍କ ହାତ, ଛାତି ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ବେତନଟୀ ଉପଖଣ୍ଡ ପୁଲିସ ଅଧୀନ ମୋରଡା ପୁଲିସ ଓ ସ୍ଥାନୀୟ ଲୋକେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖ ନ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ରୀନାଙ୍କ ମୃତ୍ୟୁ ଘଟିଛି । ରୀନାଙ୍କ ବ୍ୟତୀତ ଆଉ ୩ ଜଣ ଆହତ ହୋଇଥିବାରୁ ସେମାନଙ୍କୁ ଚିକିତ୍ସା କରାଯାଉଛି । ଶନିବାର ରାତିରେ ଏକ ଅଟୋ ୮ ଜଣ ଯାତ୍ରୀଙ୍କୁ ନେଇ ନେଇ ଅମର୍ଦାରୁ ଅଞ୍ଚଳରୁ ବାରିପଦା ଫେରୁଥିବା ସମୟରେ ବାରମାଇଲ-ଚିତ୍ରଡା ରାସ୍ତା ସ୍ଥାର ଅସ୍ତିଆବନ୍ଧ ନିକଟରେ ହଠି ହାତୀପଲ ରାସ୍ତା ଉପରକୁ ଆସିଯିବାରୁ ଅଟୋ ଚାଳକ ପଛକୁ ଗାଡି ଫେରାଇ ନେଉଥିଲେ । କିନ୍ତୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଅଟୋ ଟାରେ ଥିବା ୮ ଜଣଙ୍କ ମଧ୍ୟରେ ୭ ଜଣ ଦୌଡ଼ି ପଳାଇ ଥିବାବେଳେ ରୀନା ନାୟକୟକ ହାତୀ ହାବୁଡ଼ରେ ପଡି ଯାଇଥିଲେ । ହାତୀ ଆକ୍ରମଣରେ ରୀନା ଗୁରୁତର ହୋଇପଡିଥିବାବେଳେ ତାଙ୍କୁ କିଶାନତାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ୪ଜଣ କଳେବଳେ କୌଶଳେ ଅଟୋରେ ଥିବା ଅନ୍ୟମାନଙ୍କ ମଧ୍ୟ ନିଜ ଜୀବନ ବଞ୍ଚାଇ ଜଙ୍ଗଲ ଭିତର ଦେଇ ଦାଡିଆମୁହାଁ ନିକଟରେ ବାହାରି ସୁରକ୍ଷିତ ଅବସ୍ଥାରେ ବାରିପଦା ପହଞ୍ଚିଥିଲେ । ବାକି ୩ଜଣ ମଧ୍ୟ ଖଣ୍ଡିଆ ଖାବରା ହୋଇ ପ୍ରାଣ ବିକଳରେ ଧାଇଁ ପଳାଇଥିଲେ । ମୋରଡା ଥାନା ଅଧିକାରୀ ସୁମିତ କୁମାର ସାରେନ ଟିମ ସହ ତଦନ୍ତ କରୁଛନ୍ତି ।

# ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜାତ୍ସୋବ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗ୍ରାମରେ ପବିତ୍ର "ଅନନ୍ତ ବ୍ରତ" ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ, ଭଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ୩ ଦିନ ବ୍ୟାପୀ ପାଳିତ ହୋଇ ଯାଇଛି। ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଉର୍ଦ୍ଧ୍ୱରୁ ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁ କ୍ରମେ ପାଳିତ ହୋଇ ଆସୁଅଛି। ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା, ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା। ମହାପ୍ରଭୁଙ୍କ "ଅନନ୍ତ ଶୟନ'ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାରେ ପଣ୍ଡିତ ତଥା ଅଧ୍ୟାପକ ମୁରଲୀଧର ଶତପଥୀ, ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, ପଣ୍ଡିତ ଭିତିକାନ୍ତ ପାଢ଼ୀ ପୂଜାପାଠ କରିଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରେ ଗ୍ରାମାଂଚଳ ଥାନା ଜଳଙ୍ଗା କୁଆପଦାର ମା ବାଲ୍ୟମଙ୍ଗଳା ଭଜନ ମଣ୍ଡଳୀର ଗାୟକ ସୁବାସ ମଣ୍ଡଳ, ଦୀପ୍ତିମୟୀ ମଣ୍ଡଳ, ଅକ୍ଷୟ ଜେନା, କୃଷ୍ଣଚନ୍ଦ୍ର ରାଉତ, ଲକ୍ଷ୍ମୀଧର ରାଉତ, ଗଙ୍ଗାଧର ଜେନା ପ୍ରମୁଖ ଭଜନ ପରିବେଷଣ କରିଥିଲେ । ପୂଜା ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଡେପୁଟି କଲେକଟର କାର୍ତ୍ତିକନାଥ ମଣ୍ଡଳ, ଅତିରିକ୍ତ ଏସ୍‌ପି ସମ୍ବିତ କୁମାର ମାଝୀ, ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ସିଡିଏମ୍‌ଓ ଡାକ୍ତର ସୁଧି ରଞ୍ଜନ ନାୟକ, ବରିଷ୍ଠ ଡାକ୍ତର ଆର.କେ.ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ପ୍ରତିନିଧି ଶେଖର ମହାପାତ୍ର, ଜନ ପ୍ରତିନିଧିଗଣ, ଜିଲ୍ଲା ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର, ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ପୋଲିସ ପ୍ରଶାସନ ଅଧିକାରୀ, ଗ୍ରାମବାସୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ଚରିତ ମହିମା, କିମ୍ବଦନ୍ତୀ ଉପରେ ଆଲୋଚନା କରି ପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ ।

# ଦୀର୍ଘତମ ଫ୍ଲାଏ ଓଭରର ରାସ୍ତା ଦୁଇବର୍ଷରେ ଫାଟି ଆଁ : ଚାଲିଛି ମରାମତି କାର୍ଯ୍ୟ

କେନ୍ଦୁଝର, (ସବ୍ୟୁ): ଯାଡାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରର ନିର୍ମାଣ ହୋଇଛି । ଡିଷ୍ଟ୍ରିକଟ ମିନେରାଲ ଫାଉଣ୍ଡେସନ ଅର୍ଥରେ ନିର୍ମିତ ଫ୍ଲାଏ ଓଭର ଦୁଇବର୍ଷ ନ ପୁରୁଣୁ ରାସ୍ତା ଫାଟି ଆଁ କଲାଣି । ପ୍ରାୟ ୨୫୦କୋଟି ବ୍ୟୟ ଅଟକଳରେ ୨.୯ କିମି ଏହି ଦୀର୍ଘତମ ଫ୍ଲାଏ ଓଭରକୁ ଓଡ଼ିଶା ବ୍ରିଜ କନ୍ସଟ୍ରକସନ କର୍ପୋରେସନ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗୁଜୁରାଟ ରାଜ୍ୟର ଚେଭରନ୍ସ ନାମକ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଶେଷ କରିଥିଲା । ୨.୯ କିମି ଲମ୍ବ ବିଶିଷ୍ଟ ଏହି ଫ୍ଲାଏ ଓଭରର ଚଉଡ଼ା ୧୨ମିଟର ଥିବା ବେଳେ ଭୂମି ଠାରୁ ଏହାର ସର୍ବାଧିକ ୬୦ଉଚ୍ଚତା ୬୦ଫୁଟ ରହିଛି । ଏହି ୨.୯୮୦ କିମି ଦୀର୍ଘତମ ଫ୍ଲାଏ ଓଭରଟି ୨୦୨୪ ମାର୍ଚ୍ଚ ୧୧ ତାରିଖରେ ଭର୍ଚୁଆଲ ମାଧ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ଏହି ଫ୍ଲାଏ ଓଭରରେ ଲୁହା ବିୟରିଂ ପରିବର୍ତ୍ତେ ସତନ୍ତ୍ର ବିୟରିଂ ଲଗାଯାଇଛି ଓ ଉନ୍ନତ ଜ୍ଞାନ କୌଶଳରେ ଏହା ନିର୍ମାଣ କରାଯାଇଛି । ଏହାର ସ୍ଥାୟୀତ୍ୱ ଶହେ ବର୍ଷ ବୋଲି କୁହାଯାଇଥିଲା । ବର୍ତ୍ତମାନର ସ୍ଥିତି ଫ୍ଲାଏ ଓଭରର ଅତ୍ୟନ୍ତ ଉଦବେଗ ଜନକ । ଫ୍ଲାଏ ଓଭରର ରାସ୍ତା ଫାଟି ଲୁହା ରଡ ବାହାରକୁ ବାହାରି ଯାଇଛି । ଦୁଇରୁ ତିନି ଜାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇଛି । ଜଳ ନିଷ୍କାସନ ପାଇପ ଖସି ଲୋକେ ଆହତ ହେଲେଣି । ପ୍ରତିଦିନ ଫ୍ଲାଏ ଓଭରରେ କିଛି ଅଞ୍ଚଳକୁ ଆବଦ୍ଧ ରଖି ମରାମତି କାର୍ଯ୍ୟ କରାଯାଉଛି । ଶୁକ୍ରବାର ଏହି ମରାମତି କାର୍ଯ୍ୟ କରୁଥିବା ଜଣେ ଶ୍ରମିକ ନାମକୁ ଗୋପନରେ ରଖି କହିଛନ୍ତି ଯେ,ଅନେକ ପୋଲ କାମ ସେ ଶ୍ରମିକ ଭାବେ କରିଛନ୍ତି ହେଲେ ଏହି ଯୋଡା ଫ୍ଲାଏ ଓଭରରେ ଏକ ଭରିଯାନ ଚାଲି ଗଲେ କମ୍ପନ ସହିତ ଏକ ଅଲଗା ଅନୁଭୂତି ହେଉଛି । ତେଣେ ବୈଷୟିକ ବିଶେଷଜ୍ଞ କହିଛନ୍ତି ଯେ, ସମାନ ଭାବେ ଫ୍ଲାଏ ଓଭରର ଛାତ ନିର୍ମାଣ ହୋଇ ନ ଥିବା ହେତୁ ଓ୍ୱେରିଂ କୋଟ ସମାନ ଭାବେ ପଡ଼ିନାହିଁ । ଯେଉଁଠାରେ ଭାଗ ପତଳା ରହିଛି,ସେହି ଠାରେ ଛାତ ଫାଟି ରଡ ଦିଶୁଛି । ଏ ସମ୍ପର୍କରେ କେନ୍ଦୁଝର ସାଂସଦ ପ୍ରତିନିଧି ବି.ଏନ ଦାସ କହିଛନ୍ତି ଯେ, ଉଦଘାଟନ ପାଇଁ ତତ୍ପରତା ତତ୍କାଳୀନ ସରକାର କାମକୁ ଅସମ୍ପୂର୍ଣ୍ଣ କରି ତରବରିଆ ଭାବେ ଶେଷ କଲେ । ଯାହାଦାରା କାମ ନିମ୍ନମାନର କରାଗଲା । ଏଥିପାଇଁ ଫ୍ଲାଏ ଓଭର ଫାଟିବା ଏବଂ ପିଲର ନିକଟରେ ଫାଟ ସୃଷ୍ଟି ହେବା,ବର୍ଷା ହେଲେ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଜଳ ପ୍ରପାତ ଭଳି ଫ୍ଲାଏ ଓଭରରୁ ପାଣି ପଡ଼ିବା ପ୍ରଭୃତି ବ୍ୟତିକ୍ରମ ଦେଖା ଦେଉଛି । ଯାହାକି ଯୋଡା ଜନସାଧାରଣଙ୍କୁ ଭୟାତୁର କରୁଛି । ରାଜ୍ୟ ସରକାର ଏ ଦିଗରେ ଏକ ବୈଷୟିକ ବିଶେଷଜ୍ଞ ଦଳ ପଠାଇ ଏହାର ଯାଞ୍ଚ ଏବଂ ତଦାରଖ କରିବା ପାଇଁ ସେ ସରକାରଙ୍କ ନିକଟରେ ଖୁବ ଶୀଘ୍ର ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି ।

# ୭ ପଞ୍ଚାୟତରେ ହେବ ସ୍ୱତନ୍ତ୍ର ସମୀକ୍ଷା

ନୀଳଗିର,(ସବ୍ୟୁ): ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାମରେ ରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ପୂର୍ବତନ ବିଧାୟକ ଙ୍କ ସୁକାନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଗତ ଏପ୍ରିଲ ୧୯ ରେ ଚିଠି ଲେଖୁଥିଲେ । ଏହି ଚିଠି ମୂଳେ ଉପରୋକ୍ତ ବିଭାଗର ଗତ ଅଗଷ୍ଟ ୨୨ ପତ୍ରସଂଖ୍ୟା ୨୩୨୯୮ ମୂଳେ ଔପଦା ବ୍ଲକର ଗଡ଼ସାହି ଓ ନୀଳଗିରି ବ୍ଲକର ବେଗୁନିଆ, ବରହମପୁର, ସଜନାଗଡ଼, କେପିଲାଖରାଜ ୫ଟି ପଞ୍ଚାୟତରେ ୨୦୨୦-୨୧ ରୁ ୨୦୨୩-୨୪ ର ସ୍ୱତନ୍ତ୍ର ଅଡିଟ ହେବ ବୋଲି ନିର୍ଦ୍ଦେଶ ହୋଇଛି ।

# ହାଇଦ୍ରାବାଦରେ ଅପର୍ଣ୍ଣାୟୁନିସ୍ପେସର ମେଗା ଷ୍ଟୋର

ଭୁବନେଶ୍ୱର (ସବ୍ୟୁ) : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କୋଠା ଉପରକଣ ନିର୍ମାତା ଅପର୍ଣ୍ଣା ଏଂଟରପ୍ରାଇଜେସ୍ ଲିମିଟେଡ୍ (ଏଇଏଲ) ହାଇଦ୍ରାବାଦର ମିୟାପୁରରେୟୁନିସ୍ପେସ୍ ମେଗା ଷ୍ଟୋର ଉନ୍ମୋଚନ କରିଛି । ଏହା ଏସିଆର ବୃହତମ ଅନୁଭବଧର୍ମୀ ହୋମ୍ ଡିଜାଇନ୍ ଏବଂ ବିଲ୍ଡିଂ ସମାଧାନ । ଦୁଇ ମହଲା ବିଶିଷ୍ଟ ୧୦୫,୦୦୦ ବର୍ଗ ଫୁଟ୍ ପରିସରରେ ବ୍ୟାପ୍ତ ଏହି ପ୍ରମୁଖ ଷ୍ଟୋର୍ ଗୋଟିଏ ଛାତ ତଳେ ବ୍ୟାପକ ବର୍ଗ ଉପରେ ଅନନ୍ୟ ରିଟେଲ ଅନୁଭୂତି ପ୍ରଦାନ କରିବ ।

ହାଇଦ୍ରାବାଦର ଜୁବିଲୀ ହିଲ୍ସ, ବେଙ୍ଗଲୁରୁ, ବିଜୟୱାଡ଼ାରେ ଥିବାୟୁନିସ୍ପେସ୍ ସୋ'ରୁମ ବର୍ଦ୍ଧିତ ନେଟଓ୍ୱର୍କରେ ଏହି ଷ୍ଟୋର ସାମିଲ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଛି । ନୂତନୟୁନିସ୍ପେସ୍ ଷ୍ଟୋରରେ୨୦ରୁ ଅଧିକ ପ୍ରକାରର ଉତ୍ପାଦ ଏବଂ ସମାଧାନ ରହିଛି ଯାହା ବି୨ବି ଓ ବି୨ସି ଉଭୟଗ୍ରାହକଙ୍କ ପାଇଁ ଏକକ ଗନ୍ତବ୍ୟ ସ୍ଥଳରେ ପରିଣତ ହୋଇଛି ।

# ଟିଭିଏସ୍ ଆପାଚିର ଲିମିଟେଡ୍ ଏଡିସନ୍ ଓ ପ୍ରିମିୟମ୍ ଅପ୍‌ଗ୍ରେଡ୍‌ର ଶୁଭାର

ଭୁବନେଶ୍ୱର (ସବ୍ୟୁ) : ବିଶ୍ୱସ୍ତରୀୟ ଅଟୋମୋବାଇଲ୍ କମ୍ପାନି ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଆଇକନିକ୍‌ମୋଟରସାଇକଲ୍ ଟିଭିଏସ୍ ଆପାଚିର ୨୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଏହି ଅବସରରେ କମ୍ପାନି ପକ୍ଷରୁଆପାଚୀର ବିଭିନ୍ନ ମଡେଲ୍ ଯଥା ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦, ୧୮୦, ୨୦୦ ଏବଂ ଟିଭିଏସ୍ ଆପାଚୀଆର୍‌ଆର୍୩୧୦ ଓ ଆର୍‌ଟିଆର୍ ୩୧୦ର ଲିମିଟେଡ୍ ଏଡିସନ୍ ଉନ୍ମୋଚନ କରାଯାଇଥିଲା ବେଳେ ଆର୍‌ଟିଆର୍୧୬୦ ୪ଭି ଏବଂ ଆର୍‌ଟିଆର୍ ୨୦୦ ୪ଭିର ମାନଦଣ୍ଡକୁ ଉନ୍ନତ କରାଯାଇଛି । ଏହି ଲିମିଟେଡ୍ ଏଡିସନ୍ ଆପାଚିଗୁଡ଼ିକ ସ୍ୱତବ ବ୍ଲାକ୍ ସାମ୍ପେନ୍ ଗୋଲ୍‌ଡ ଲିଭରି ରଙ୍ଗ, ଡୁଆଲ୍ ଟୋନ୍ ଚକ,ୟୁଏସ୍‌ବିଚାର୍ଜର ଓ ଆହୁରି ଅନେକ ସୁବିଧାସୁଯୋଗ ସହ ଉନ୍ମୋଚିତ ହୋଇଛି । କମ୍ପାନିର ନୂଆ ୪ଭି ଭାରିଆଂଟ୍‌ରଆପାଚିଗୁଡ଼ିକରେ କ୍ଲାସ୍-ଡି ପ୍ରୋଜେକଟର ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ଡିଆର୍‌ଏଲ୍, ଚମତ୍କାର ଏଲ୍‌ଇଡି ଲାଇଟ୍, ୫ ଇଂଚ୍‌ରକନେକେଟଡ୍ ଟିଏଫ୍‌ଟି କ୍ଲଷ୍ଟର୍, ଟ୍ରାକ୍ସନ୍ କଂଟ୍ରୋଲ୍ ବ୍ୟବସ୍ଥା, ନୂଆ ରଙ୍ଗ, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଆକର୍ଷଣୀୟଗ୍ରାଫିକ୍ସ ବ୍ୟବହାର କରାଯାଇଛି । ଆପାଚି ବ୍ରାଣ୍ଡ ସାରା ବିଶ୍ୱର ୮୦ଟି ଦେଶରେ ୬.୫ ନିୟୁତରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି ।

**AFFIDAVIT**

By virtue of an affidavit sworn before the Executive Magistrate, Berhampur, Ganjam, I, **Ashim Chandra Patra,** S/o- Bhimaraju Patra, resident of At: Jyoti Nagar 4th Lane, PO: Berhampur, PS: B.N.Pur, Dist.: Ganjam, Odisha, PIN-760001 vide Affidavit No. A-1319 dt.06.09.2025 that now onwards I will be known as **Asim Chandra Patra,** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 04.09.2025 **I, Sanghamitra Beura,** Address Plot No.: 1459, Kapil Prasad, PO.: Bhubaneswar-2, P.S.: Airfield, Dist.: Khordha, PIN-751002, Odisha declare that I have changed my name from Sanghamitra Biswal to **Sanghamitra Beura.** Henceforth, I shall be known as **Sanghamitra Beura** for all purposes.
**Sanghamitra Beura**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated. 04/09/2025 I, SHRISESH CHANDRA PATI Address: At- Deogaon, Po- Kapilash, Ps- Gondia, Dist- Dhenkanal, Odisha, Pin- 759016. Declare that I have changed my name from SHRISESHA PATI to SHRISESH CHANDRA PATI Henceforth, I shall be known as SHRISESH CHANDRA PATI for all purposes.
**(SHRISESH CHANDRA PATI)**

B- 474

E-mail ID- eernb4bbsr@gmail.com, Tel (0674)-2390245
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଗ ନଂ-୪, ଭୁବନେଶ୍ୱର
**Office of the Superintending Engineer,**
**Bhubaneswar ( R&B ) Division No. IV, Nirman Soudha, Unit-V, Bhubaneswar**

**INVITATIONS FOR BIDS THROUGH e-Procurement**
**No- 8275 Date- 30.08.2025**
**Bid Identification No- C.C. (R&B) - 04**
**e - Procurement Notice No. 16 of 2025-26**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No of works | 1 No. Road Work |
| 3 | Estimated Cost | Rs.80,88,291.00 (As per Tender Call Notice) |
| 4 | Class of Contractor | B Class (As per lender Call Notice) |
| 5 | Period of Completion | 1 (One) Calendar Month |
| 6 | Type of lender | Double Cover System Tender |
| 7 | Date & time of availability of bid document in the portal | Dt.9.9.2025 to Dt.24.9.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt. 24.9.2025 at 17.30 Hours. |
| 9 | Opening of Bid through online | Dt. 25.9.2025 at 11.30 Hours. |
| 10 | Name & Address of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://**tendersorissa.gov.in**
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B: Subsequent corrigendum / addendum if required shall be available in the website as indicated above**

**OIPR: 34090/11/0023/2526** **Sd/- Addl. Chief Engineer, BBSR (R&B) Division, No.IV, BBSR**

A- 591

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
**No. 1719 / Dt. 04.09.2025**
**e- Procurement Notice**
**Bid Identification No.- DMID / 05 / 2025-26**
**e-mail ID: eemidkl(5)qmail.com**

The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| **Name of the work:** | Civil works in Different Block of Dhenkanal District for the year 2025-26 under MATY-3.0 Scheme. |
| **No. of Works:** | 06(Six) Only |
| **Estimated Cost:** | **Varies from 56.20 lakh to 77.33 lakh (Approximately)** |
| **Cost of Tender Paper:** | 10000/- |
| **Period of Completion:** | **06(Six) Calendar months** |
| **Availability of bid documents for sale and receipt through on-line** | From dt. 12.09.2025, 10.00 A.M, to dt. 22.09.2025, up to 5.00 P.M. |
| **Last date / time of receipt of bids in the portal** | 22.09.2025 (5.00PM) |
| **Date of Technical bid opening through online** | On dt.23.09.2025 at 11.00 A.M in the Office of the S.E, M.I. Division, Dhenkanal. |
| **Mode of payment of Bid Cost** | Online |
| **Digital Signature Certificate of Bidder:** | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site **http:/dowrorissa.gov.in** | |
| **Name & Address of the OIT:** | Superintending Engineer, Minor Irrigation Division Dhenkanal. At / P.O / District - Dhenkanal. Ph.No / Fax NO.-06762-224461, Email ID:**eemidkl@gmail com** |
| Further details can be seen from the e-Procurement. **http://tendersorissa.gov.in** | |

**OIPR: 32027/11/0020/2526** **Sd/- Superintending Engineer, M.I. Division, Dhenkanal**

# ୫ଟଙ୍କା ପାଇଁ ୨ ନାବାଳକ ଭାଇଙ୍କୁ ୨୫ କିଲୋମିଟର ବୁଲାଇଲା ଲକ୍ଷ୍ମୀ ବସ

ବେତନଟୀ ,(ସବ୍ୟୁ): ୫ଟଙ୍କା ଭଡା ନଥିଲା ବୋଲି ଦୁଇ ନାବାଳକ ଭାଇଙ୍କୁ ୨୫କିଲୋମିଟର ବୁଲାଇଲା ଲକ୍ଷ୍ମୀ ବସ । ୨ଘଣ୍ଟା ପରେ ବସକୁ ଅଟକାଇ ଦୁଇ ଭାଇଙ୍କୁ ଉଦ୍ଧାର କଲେ ପରିବାର ବଗ । କଣ୍ଡକଟରକୁ ବଜାର ଭିତରେ କରାଇଲେ ଉଠବସ । ଏହିଭଳି ଏକ ଅଭାବନୀୟ ଘଟଣା ଘଟିଛି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ବଜାରରେ ।ସୂଚନା ଅନୁଯାଇ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଳଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ପିୟୁଷ ଓ ନଡପୁର ଗ୍ରାମର ସରୋଜଙ୍କ ଭିଣୋଇ ବ୍ରଜମୋହନ ବେହେରାଙ୍କ ୭ମ ରେ ପଢୁଥିବା ପୁଅ ରୋହିତ ରବିବାର ଅପରାହ୍ନ ୨ଟା ପାଖାପାଖି ସମୟରେ ବୈଶିଙ୍ଗା ଆସିବା ପାଇଁ ନଡ଼ପୁର ଗ୍ରାମ ଛକରୁ ଓଡି୧୧ଏଇ-୩୪୧୯ ନଂ ବିଶିଷ୍ଟ ଲକ୍ଷ୍ମୀ ବସରେ ଚଢ଼ିଥିଲେ । ତେବେ ୨ଭାଇ ବସରେ ଉଠିବା ସମୟରେ କଣ୍ଡକଟର ଦାୟିତ୍ୱରେ ଥିବା ଦାରିହା ଗ୍ରାମର ପ୍ରତାପ ବଇଠାଙ୍କୁ କହିଥିଲେ କି ତାଙ୍କ ପାଖରେ ଭଡା ଦେବାପାଇଁ ୧୦ଟଙ୍କା ନାହିଁ ଓ ବୈଶିଙ୍ଗା ବସଷ୍ଟାଣ୍ଡରେ ତାଙ୍କ ବାପା ସରୋଜ ଜଗିଛନ୍ତି ଭଡା ଦେଇ ଦେବେ ।ତେବେ ବୈଶିଙ୍ଗା ପହଞ୍ଚିବା ପରେ ଷ୍ଟାଣ୍ଡରେ ସରୋଜ ନଥିବାରୁ ୨ଭାଇ ୧୦ଟଙ୍କା ଦେବାରେ ଅସମର୍ଥ ହୋଇଥିଲେ ଓ କଣ୍ଡକଟରକୁ ବସରୁ ଓହ୍ଲାଇ ଦେବାକୁ ଅନୁରୋଧ କରିଥିଲେ । ହେଲେ ମାନବିକତା ଭୁଲି ଯାଇଥିଲେ ଲକ୍ଷ୍ମୀ ବସ କଣ୍ଡକଟର ପ୍ରତାପ ଓ ୨ଭାଇଙ୍କୁ ବୈଶିଙ୍ଗରେ ନ ଓହ୍ଲାଇ ବସର ଲାଷ୍ଟ ଷ୍ଟୋପେଜ କଳମା ଅଞ୍ଚଳର କାନ୍ଥି ପର୍ଯ୍ୟନ୍ତ ନେଇଯାଇଥିଲେ । ତେବେ ରାସ୍ତାରେ ସରୋଜ ପିଲାଙ୍କୁ ବୈଶିଙ୍ଗାରେ ନଓହ୍ଲାଇବା ଦେଖି ଫୋନ କରିଥିଲେ ବି ସେ ତାଙ୍କୁ ଆମେ ପଳେଇ ଆସିଛୁ, କହି ବୈଶିଙ୍ଗା ରେ ଅପେକ୍ଷା କରିବାକୁ କହିଥିଲେ ଓ ଫେରିଲେ ପିଲାଙ୍କୁ ନେବେ ବୋଲି ପରାମର୍ଶ ଦେଇଥିଲେ ।ତେବେ ପରିବାର ବର୍ଗ ଦୀର୍ଘ ଦେଢ ଘଣ୍ଟା ପରେ ବସ ଫେରିବାରୁ ପିଲାଙ୍କୁ ପାଇଥିଲେ ଓ ୨ଭାଇଙ୍କ ମୁହଁରୁ ସବୁ କଥା ଶୁଣିଥିଲେ । ପରେ ବୈଶିଙ୍ଗା ବଜାର ମଝିରେ ବସକୁ ଅଟକେଇବା ସହିତ କଣ୍ଡକଟରକୁ ଏବାବଦରେ ପଚାରିଥିଲେ ପରିବାର ଲୋକେ । ପରେ ସ୍ଥାନୀୟ ଲୋକ ମଧ୍ୟ ଘଟଣା ସ୍ଥଳରେ ଏକଜୁଟ ହୋଇଯାଇଥିଲେ । ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ପ୍ରତାପ ଉଠବସ ହେବା ସହିତ ଅଭିଭାବକଙ୍କୁ ହାତ ଯୋଡି ଭୁଲ ମାଗିବା ପରେ ବସରେ ଅନ୍ୟ ଯାତ୍ରୀ ଥିବାରୁ ବସକୁ ଛାଡିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜ୍ୟୋତିସାଇ ଙ୍କ ପୁସ୍ତକ "ମୋମେଣ୍ଟମ" ଉନ୍ମୋଚିତ

କଟକ, (ସବ୍ୟୁ) ଏକବିଂଶ ଶତାବ୍ଦୀର ବ୍ୟସ୍ତବହୁଳ ଦୁନିଆରେ ମଣିଷ ଆଉ ଯନ୍ତ୍ରକୁ ପରିଚାଳନା କରୁନାହିଁ, ବରଂ ନିଜେ ଯନ୍ତ୍ର ପାଲଟି ଯାଉଛି। ଯନ୍ତ୍ର ତା'ର ନିୟନ୍ତ୍ରଣାଧୀନ ହେବା ପରିବର୍ତ୍ତେ, ସେ ଯନ୍ତ୍ରର ଅଧୀନ ହୋଇପଡୁଛି। ତା'ର ଚିନ୍ତନ ଠାରୁ କର୍ମ ପର୍ଯ୍ୟନ୍ତ ସବୁଥିରେ ସେ ଯନ୍ତ୍ରର ସହାୟତା ଲୋଡୁଛି । ଯାହା ତାକୁ ଦିନେ ଉପଭୋଗ୍ୟ ଲାଗୁଥିଲା ତାହା ଏବେ ବୋଝ ପାଲଟିଯାଉଛି । ତେଣୁ ଏହି ବ୍ୟସ୍ତତା ଓ ଜଞ୍ଜାଳ ଭିତରେ ମଣିଷ ଚେନାଏ ମାନସିକ ଶାନ୍ତି ଖୋଜୁଛି । ଯାହା ହାତ ପାଆନ୍ତାରେ ଥିଲା ତାହା ଦୂରେଇ ଯିବା ପରି ଅନୁଭବ କରୁଛି। ସେ ପଛକୁ ଫେରିବାକୁ ବାଟ ଖୋଜି ପାଉନାହିଁ । ଏଭଳି ଦୋଛକିରେ ଠିଆହୋଇଥିବା ଆଜିର ମଣିଷ ପାଇଁ ଲୋଡ଼ା ଜୀବନଶୈଳୀରେ ପରିବର୍ତ୍ତନ । ସେଥିପାଇଁ ସେ ଉଦବିଗ୍ନ ହୋଇପଡୁଛି। ସେହିଭଳି ମଣିଷଙ୍କ ପାଇଁ ଜ୍ୟୋତିସାଇ କରଙ୍କ ପୁସ୍ତକଟି ର 'ପ୍ରତ୍ୟେକ ପୃଷ୍ଠା ଏକ ଫୁସ୍‌ଫୁସ୍, ପ୍ରତ୍ୟେକ ଶବ୍ଦ ଏକ ଅଗ୍ନିଶିଖା, ଆଶାର ଏକ ଆଲୋକରେଖା ବୋଲି କୁହାଯାଇପାରେ। ସେ କିଛି ନୂଆ କଥା କହିନାହାନ୍ତି । ବରଂ ସଭିଏଁ ଜାଣିଥିବା କଥାକୁ ନୂଆ ଢଙ୍ଗରେ ହିଁ ପାଠକମାନଙ୍କୁ ସ୍ମରଣ କରାଇ ଦେଇଛନ୍ତି। ପ୍ରତ୍ୟେକ ପୁସ୍ତକର



ଏକ କାହାଣୀ ଅଛି, କିନ୍ତୁ ପ୍ରତ୍ୟେକ କାହାଣୀ ପଛରେ, ଜଣେ ଗଳ୍ପକାରୀ ଅଛନ୍ତି। ଜ୍ୟୋତିସାଇ କେବଳ ଜଣେ ଲେଖିକା ନୁହଁନ୍ତି ବରଂ ଜଣେ ଦୂରଦର୍ଶୀ ଯାହାଙ୍କ ଶବ୍ଦଗୁଡ଼ିକ ଗଭୀରତା, ଉଷ୍ମତା ଏବଂ ସତ୍ୟ ବହନ କରେ। ଜୀବନକୁ କିପରି ଉପଭୋଗ୍ୟ ଭାବରେ ବଞ୍ଚିହେବ, ସମୟର ଉପଯୁକ୍ତ ଉପଯୋଗ କରିହେବ, ମାନସିକ ଶାନ୍ତି ମିଳିପାରିବ ତାହାର ସୂତ୍ର ସୂଚାଇ ଦେଇଛନ୍ତି "ମୋମେଣ୍ଟମ" ପୁସ୍ତକ ମାଧ୍ୟମ ରେ । ତେଣୁ ମନ ଓ ଶରୀରକୁ ଶୃଙ୍ଖଳିତ କରିବାର ଏହି ବ୍ରହ୍ମସୂତ୍ର ଅଶାନ୍ତ ସମୁଦ୍ରରେ ଏକ ଆଶାର ଦ୍ୱୀପ ଭଳି ପାଠକଙ୍କୁ ମନେହେବ । ଇଂରାଜୀରେ ଲିଖିତ ଦୁଇଟି ପୁସ୍ତକ ସବୁ ବର୍ଗର ପାଠକମାନଙ୍କ ନିକଟରେ ଆଦୃତି ଲାଭ କରିବ ବୋଲି ଉନ୍ମୋଚନ ଉତ୍ସବରେ ଅତିଥି ମାନେ କହିଛନ୍ତି।ଏହି ବହି କେବଳ ୱାର୍ଲ୍ଡ ଆମାଜନ ଏବଂ ଇଣ୍ଡିଆ ଆମାଜନ ରେ ମିଳିପାରିବ ।ଏହି ଅବସରରେ ମେୟର ସୁବାସ ସିଂହ, ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଶିକ୍ଷାବିତ ଦିଲ୍ଲୀପ କୁମାର ମହାପାତ୍ର , ପୁସ୍ତକ ପ୍ରକାଶକ ଅଶୋକ କୁମାର ସାହୁ , ଶିକ୍ଷାବିତ ପ୍ରଫେସର ବିଜୟାନନ୍ଦ ସିଂହ , ସଂପାଦକ ବସୁନ୍ଧରା, ଶୈଳ ବେହେରା , ଶିକ୍ଷାବିତ ମିନାକ୍ଷୀ ପଣ୍ଡା,ପ୍ରମୁଖ ପ୍ରଦ୍ଵୀପପ୍ରଜ୍ଵାଳାନା କରି ଉପରକ୍ତ ଦୁଇ ଗୋଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ନିବେଦିତା ଦାସ , ବଟକୃଷ୍ଣ ଦାସ , ପ୍ରତାପ ସାହୁ , ଆର୍ଟିଷ୍ଟ ରବୀନ୍ଦ୍ର ରଥ, ସୁଧାଂଶୁ ବାଳା ଶତପଥୀ, ଜୟଶଙ୍କର କର, ଶକୁନ୍ତଳା ଓ୍ଵଣ୍ଡ , ଅକ୍ଷୟ ଆଚାର୍ଯ୍ୟ , ଦେବେନ୍ଦ୍ର ପାଣିଗ୍ରାହୀ , ସରୋଜ ସୁନ୍ଦର ବ୍ରହ୍ମା , ସତ୍ୟକାନ୍ତ ମହାପାତ୍ର , ଦେବେନ୍ଦ୍ର ନାୟକ , ସାଗର ନନ୍ଦନ ପରିଜା , ଉର୍ମି ରଥ , ଲୋକନାଥ ଶତପଥି , ଦେବବ୍ରତ ପଣ୍ଡା , ସାଇଜ୍ୟୋତି ମିଶ୍ର , ରମେଶ ଚନ୍ଦ୍ର କର , ଭବୋତୋଷ ପଣ୍ଡା , ଦେବିରଞ୍ଜନ ମହାନ୍ତି, ନିରଞ୍ଜନ ବଳ ପ୍ରମୁଖ ଯୋଗଦାନ କାରୀ ନିଜର ମତ ରଖିଥିଲେ ।

# ଉତ୍କଳ କନିକା ଗ୍ୟାଲେରିଆ ମଲରେ ଇଣ୍ଡୋ-ଏରା'ର ନୂଆ ଷ୍ଟୋର

ଭୁବନେଶ୍ୱର, (ସବ୍ୟୁ) ଭୁବନେଶ୍ୱର କଳ୍ପନା ଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲରେ ଇଣ୍ଡୋ-ଏରା'ର ନୂଆ ଷ୍ଟୋର ଉଦଘାଟିତ ହୋଇଯାଇଛି। ପୂର୍ବରୁ ଗୁଜୁରାଟରେ ୫ଟି , ପଶ୍ଚିମବଙ୍ଗରେ ଗୋଟାଏ ଷ୍ଟୋର ଥିବା ବେଳେ ଓଡିଶାର ଭୁବନେଶ୍ୱରରେ ଏହା ପ୍ରଥମ। ଆସନ୍ତା ୧୦ ତାରିଖରେ ଦିଲ୍ଲୀରେ ଆଉ ଏକ ଷ୍ଟୋର ଖୋଲାଯିବ। ଏହି ଷ୍ଟୋରରେ କେବଳ ମହିଳା ପୋଷାକ ଉପଲବ୍ଧ ହେବ। ଯେପରିକି କୂର୍ତ୍ତା, ଫ୍ୟାନ୍ସି କୂର୍ତ୍ତା, ସିଙ୍ଗଲ କୂର୍ତ୍ତା, ସାରାରା,କୋର୍ଟ ପରି ଅନେକ ଡିଜାଇନର ପୋଷାକ ରହିଛି। ଯାହାର ମୂଲ୍ୟ ୧୪୯୯ରୁ ନେଇ ୫୯୯୯ ଟଙ୍କା ରହିଛି।



ସବୁ ପ୍ରକାର ଫ୍ୟାଶନ, କଲର୍ଚର, ଲାଇଫଷ୍ଟାଇଲ ପୋଷାକ ଏଠାରେ ଉପଲବ୍ଧ ହେବ। ଆଗାମୀ ଦିନରେ ସାରା ଭାରତର ପ୍ରତ୍ୟେକ ସହରରେ ଇଣ୍ଡୋ-ଏରା'ର ଷ୍ଟୋର ଖୋଲିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ଏକ୍ସଲେଣ୍ଟ ଶିକ୍ଷା କେନ୍ଦ୍ରରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ଏକ୍ସଲେଣ୍ଟ ଶିକ୍ଷା କେନ୍ଦ୍ରରେ ପବିତ୍ର ଗୁରୁଦିବସ ଅବସରରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ର ପରିଚାଳକ ଦେବେନ୍ଦ୍ରନାଥ ଲେଙ୍କାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଉକିଳଜ୍ୟୋତି ରଘୁନାଥ ମହାନ୍ତି ଯୋଗ ଦେଇଥିଲଶ ବେଳେ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ଶିକ୍ଷାବିତ୍ ଅଶୋକ କୁମାର ସାହୁ, ହେମନ୍ତ କୁମାର ରାଉତ,ଧରଣୀଧର ଜେନା, ଆଫ୍ରିନ୍ ନିସା, ଶିବ ସାଇନାଥ ,ତୃପ୍ତିରେଖା ଲେଙ୍କା, ହରପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତେ୍ୟକ ନବାଗତ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ସବ୍ୟୁ): ବୁଦ୍ଧମନ୍ଦିର ସଭାକକ୍ଷରେ ପ୍ରାୟ ଦୁଇଶହ ଲେଖିକଙ୍କ ଉପସ୍ଥିତି ରେମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାଂସଦର ସଭାପତିଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ସମ୍ପାଦିକୀ ଡ. ସଂଘମିତ୍ରା ଭଞ୍ଜ ଉପସଭାପତି ଗୋଲାପମଞ୍ଜରୀ କର, ସଂଗଠନ ସମ୍ପାଦିକା ଡ. ସୁଚେତା ରାଉତ,ସୁଜାତା ମହାପାତ୍ର, ବାଲେଶ୍ୱରର ସିନ୍ଧୁସେନ ଓ କାନନବାଳା ପଟ୍ଟନାୟକ ପ୍ରଭୃତି ଲେଖିକାମାଙ୍କୁ ଉଦ୍ ବୋଧନ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଡ. ଶକୁନ୍ତଳା ବଳିୟାର ସିଂ. ପୁସ୍ତକ ଦେବୀ ରେବା ପଟ୍ଟନାୟକଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ହୋଇ ଉନ୍ମୋଚିତ ହୋଇଥିଲା। ଏହାର ସମୀକ୍ଷା କରିଥିଲେ ଶିକ୍ଷାବିତ୍ ନିର୍ମଳା ମହାପାତ୍ର। ଲେଖିକା ନିର୍ମଳା ମହାପାତ୍ରଙ୍କ ଦୁଇଟି ପୁସ୍ତକ ପାଣିଓହଳା ତଳେ ଓ ଅବସରାୟନ ଉନ୍ମୋଚିତ ହୋଇଥିଲା ଓ କମଳକୁମାରୀ ଦାଶ ଏହାର ସମୀକ୍ଷା କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ଆବାହିକା ମାଧୁରୀ ଅଧିକାରୀ, ମମତା ନାଗ,ଡ. ସିନ୍ଧୁ ସେନ୍,ଡ. ପ୍ରମୋଦିନୀ ହୋତାଙ୍କୁ ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ସଭା ଶେଷରେ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ରେଣୁବାଳା ଦଳାଇ, ଚମକଚାନ୍ଦିନୀ ଦାଶ ଓ ସ ନ୍ଧ୍ୟାରାଣୀ ପୃଷ୍ଟି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟବାଦୀ ବ୍ଲକରୁ ୪ ଜଣ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ସାକ୍ଷୀଗୋପାଳ ,(ସବ୍ୟୁ): ପବିତ୍ର ଗୁରୁ ଦିବସ ଅବସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦାନ କରିଥିଲେ । ଏହି ଅବସରରେ ସତ୍ୟବାଦୀ ବ୍ଲକର ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଲୋକସେବା ଭବନ ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ ହୋଇଥିଲେ । ତୃତୀୟା ଦେବ ବିଦ୍ୟା ନିକେତନ, ଶୁକଳର ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର ଓ ଦୁର୍ଲଭା ମୁଦୁଲି, ପରହାଟ୍ୟୁ ଜିୟୁ ପି ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ବୀର ଗୋବିନ୍ଦ ପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଏହି ପୁରସ୍କାର ପାଇଛନ୍ତି ।

# ସର୍ବସାଧାରଣ ସ୍ଥାନରେ ନିଶା ଖାଉଥିବା ୮ ନିଶାଡି ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ବେଆଇନ ମଦ ବିକ୍ରି ଅଭିଯୋଗରେ ଅଭିଯୁକ୍ତ ଯୁବକ ଗିରଫ କୋର୍ଟ ଚାଲାଣ ।ସତ୍ୟବାଦୀ ଥାନା ପୋଲିସ ସବଇନିସ୍ପେକଟର ଲିଲି ପଣ୍ଡା ଓ ତାଙ୍କ ଟିମ ପେଟ୍ରୋଲିଂ କରୁଥିବା ବେଳେ ପଶ୍ଚିମ ସତ୍ୟବାଦୀର ଏକ ସ୍ଥାନରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇଥିଲେ । ପରେ ସବଇନିସ୍ପେକଟର ଲିଲି ପଣ୍ଡା ଓ ତାଙ୍କ ଟିମ ଏହି ଥାନା ଅନ୍ତର୍ଗତ ଦନେଇ ବାଙ୍କ ଛକରେ ଥିବା ଏକ ଦୋକାନ ଘର ପଛପଟେ ଖଣ୍ଡାୟତ ସାହିର ସୁବାସ ବିଶ୍ୱାଳ ( କୁନା ) ବେଆଇନ ମଦ ବିକ୍ରି କରୁଥିବା ଜଣାପଡିଥିଲା । ଚଢ଼ାଉ ସମୟରେ ଅଭିଯୁକ୍ତ କୁନା ପାଖରୁ ୭୫ ଗୋଟି ଆସ୍କା ମଦବୋତଲ ଏବଂ ୧୩ କିଙ୍ଗଫିସର ବିଅର ବୋତଲ ମୋଟ ୮ ଲିଟର ୪୫୦ ଗ୍ରାମର ମଦ ଜବତ କରିଥିଲେ । ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ କେଶ ନମ୍ବର ୩୦୪/୨୫ ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି । ସେହିଭଳି ସତ୍ୟବାଦୀର ବିଭିନ୍ନ ଜନଗହଳି ସ୍ଥାନରେ ନିଶା ସେବନ କରୁଥିବା ସମୟରେ ସତ୍ୟବାଦୀ ପୋଲିସର ଦ୍ୱାରା ୮ ଜଣ ନିଶାଡୀଙ୍କୁ ଗିରଫ କରଯାଇଛି । ପୁରୀ ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ନିଶା ସେବନ , ବିକ୍ରି , ମଟର ସାଇକେଲରେ ଭୟସୃଷ୍ଟି କଲାଭଳି ହର୍ଣ୍ଣ ବଜାଇବା , ନମ୍ବର ବିହୀନ ମଟର ସାଇକେଲ ଚାଳନା. ପେଷାଦାର ଅପରାଧୀ ଓ ଓ୍ୱାରେଣ୍ଟି ମାନଙ୍କ ଉପରେ ସଓ୍ୱତନ୍ତ୍ର ଚଢ଼ାଉ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀଯୁକ୍ତ ବେହେରା ସୂଚନା ଦେଇଛନ୍ତି ।

# ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ବାରଙ୍ଗ ,(ସବ୍ୟୁ): ଶନିବାରଦିନ ବାରଙ୍ଗ ତହସିଲ ପକ୍ଷରୁ ନରାଜ ପାଖ ଆରଟିଓ ଅଫିସ ସମ୍ମୁଖ କାଠଯୋଡ଼ି ନଦୀପଠାରେ ହୋଇଥିବା ଜବରଦଖଲକୁ ବାରଙ୍ଗ ତହସିଲପକ୍ଷରୁ ଉଚ୍ଛେଦ କରାଯାଇଛି ।ବାରଙ୍ଗ ତହସିଲଦାର ଡଃ ତୃଷାର ଜ୍ୟୋତି ରଞ୍ଜନ, ରାମଦାସପୁର ରାଜସ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ଏନଫୋସମେଣ୍ଟ ଫୋର୍ସ, ଗୋଡିସାହି ବିଦ୍ୟୁ ବିଭାଗ ଯନ୍ତ୍ରୀ ସୂର୍ଯ୍ୟପ୍ରକାଶ ବେଉରାଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହି ଏହି ଜବରଦଖଲ ଉଚ୍ଛେଦ କରିଥିଲେ ।ଆରଟିଓ ଅଫିସ ସମ୍ମୁଖ କାଠଯୋଡ଼ି ନଦୀ ପଠାରେ ବେଆଇନ ଭାବେ ସରକାରୀଜାଗାରେ କେତେକ ମାଫିଆ ବେଆଇନଘର ନିର୍ମାଣ କରି ସେଠାରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ କରିଥିଲେ ।ଯାହାଫଳରେ ସନ୍ଧ୍ୟାହେବା ମାତ୍ରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିଲା ।ସାଧାରଣ ଲୋକ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ଅନୁପଯୁକ୍ତ ଭାବୁଥିଲେ । ଏ ବିଷୟରେ ସ୍ଥାନୀୟ ସଚେତନଶିଳ ନାଗରିକମାନେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।ଶନିବାର ଦିନ ତହସିଲ ପକ୍ଷରୁ କରାଯାଇଥିବା ଉଚ୍ଛେଦ ବେଳେ ବେଆଇନ ବିଦ୍ୟୁ ସଂଯୋଗ ହୋଇଥିବାର ନଜର କୁ ଆସିବା ସହ ଏକ ଜଳଖିଆ ଦୋକାନରେ ରଖାଯାଇଥିବା ଗୋଟିଏ ପାଣିକଇଁଛକୁ ଉଦ୍ଧାର କରି ଉଚ୍ଛେଦ ଟିମ ବନବିଭାଗକୁ ହସ୍ତାନ୍ତର କରାଯାଇଥିବାର ଜଣାପଡିଛି ।

## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ: ଅଭିଯୁକ୍ତ ଗିରଫ

# ୧୩ଲକ୍ଷ ୭୨ହଜାର ଟଙ୍କା ଲୁଟିଛି ସାଇବର ଠକ

କଟକ,(ସବ୍ୟୁ): ଜଗତପୁର ଥାନା ଅନ୍ତର୍ଗତ ବହୁଗ୍ରାମ ଅଞ୍ଚଳର ସୁବାଷଚନ୍ଦ୍ର ବେହେରା(୩୬)ଙ୍କୁ ସାଇବର ଠକ କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରାଇବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲା । ମୋଟ୍ ୧୩ଲକ୍ଷ ୭୨ହଜାର ଟଙ୍କା ସୁବାଷଙ୍କ ଆକାଉଣ୍ଟରୁ କଟିଯିବା ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ । ସାଇବର ଥାନା ପୁଲିସ ଏହି ଘଟଣାର ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଅନୁରାଗ ପଟ୍ଟନାୟକ(୨୧)କୁ ଗିରଫ କରିଛି । ତା'ଘର ଝାରୁସଗଡ଼ାରେ ବୋଲି ଜଣାପଡ଼ିଛି । ତା' ନିକଟରୁ ବ୍ୟାଙ୍କ ଚେକ୍, ପ୍ୟାନକାର୍ଡ, ଆଧାରକାର୍ଡ ଏବଂ ଏକାଧିକ ସିମ୍ କାର୍ଡ ଜବତ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ସୁବାଷଙ୍କୁ ଟେଲିଗ୍ରାମ୍ ଚ୍ୟାନେଲ୍‌ରେ ଏକ ଲିଙ୍କ୍ ଆସିଥିଲା । ଚ୍ୟାନେଲ୍ ପରିଚାଳନା କରୁଥିବା ବ୍ୟକ୍ତି ଜଣକ ନିଜକୁ ନିଶା ସିଂ ବୋଲି ପରିଚୟ ଦେଇଥିଲା । ଯଦି କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରନ୍ତି, ତେବେ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି କୁହାଯାଇଥିଲା । ଏଥିରେ ପ୍ରଲୋଭିତ ହୋଇ ସୁବାଷ ୧୩ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ କରି ଦେଇଥିଲେ । ଏହାପରେ ସମ୍ପୃକ୍ତ ସଂସ୍ଥା ସହିତ ଆଉ ଯୋଗାଯୋଗ ହୋଇ ପାରିନଥିଲା । ଠକାମିର ଶିକାର ହୋଇଥିବା ସ୍ପଷ୍ଟ ହୋଇ ସୁବାଷ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ତଦନ୍ତ ଚଳାଇ ଅଭିଯୁକ୍ତ ଅନୁରାଗକୁ ଗିରଫ କରିଥିବା ଜଣାପଡ଼ିଛି ।

# ୱାର୍କର୍ସ କ୍ଲବ-କଟକର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

କଟକ, (ସବ୍ୟୁ):ୱାର୍କର୍ସ କ୍ଲବ, କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହି ସ୍ଥିତ ରାମକୃଷ୍ଣ କୁଟୀର, କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ୱାର୍କର୍ସ କ୍ଲବର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ନିରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଆଣ୍ଟିବାଇଓଟିକର ଶରୀର ଉପରେ ପ୍ରଭାବ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ କ୍ଷ ଏହି ଅବସରରେ ଡାକ୍ତର ନିରଞ୍ଜନ ମହାନ୍ତି ଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଲ, ପ୍ରଶାନ୍ତ କୁମାର କାନୁନଗୋ, ,ଶଶୀ ଭୂଷଣ ସ୍ୱାଇଁ,ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ ଲାଲା,ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ,ପ୍ରଫୁଲ୍ଲ କୁମାର ସାହୁ,ପବିତ୍ର ମହାନ୍ତି,ବିଜୟଲକ୍ଷ୍ମୀ କର,ସରୋଜ ମହାନ୍ତି,କୃତିବାସ ପଣ୍ଡା, ଭୁବନାନନ୍ଦ ମହାନ୍ତି, ରାକେଶ ଶତପଥୀ ପ୍ରମୁଖ ସଦସ୍ୟମାନଙ୍କ ସହିତ କୁଟୀରର ଅନ୍ତେବାସୀ ଉପସ୍ଥିତ ଥିଲେ କ୍ଷ କ୍ଲବର ସଦସ୍ୟ ସଚଳା ସାହୁଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଆତ୍ମାର ସଦଗତି କାମନା କରାଯାଇଥିଲା ,ଶେଷରେ କୁଟୀରର ପରିଚାଳକ ସୁଭାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଇନର୍‌ହ୍ୱିଲ୍ କ୍ଲବ ପକ୍ଷରୁ ଗୁରୁ ସମ୍ମାନ ସମାରୋହ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଇନର୍‌ହ୍ୱିଲ୍ କ୍ଲବ ପକ୍ଷରୁ ରାଜରାଣୀ ପାର୍କ ନିକଟସ୍ଥ ଖଟା ମିଠା କନଭେନସନ୍ ହଲ୍‌ରେ ଶନିବାର ଅପରାହ୍ନରେ ଗରିମାମୟ ଭାବରେ ଏକ ଗୁରୁ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ୧୨ ଟି ଇନର୍‌ହ୍ୱିଲ୍ କ୍ଲବର ସଭାପତିମାନଙ୍କ ଉଦ୍ୟମରେ ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ଆଧ୍ୟାତ୍ମିକ ଗୁରୁ ବି.କେ. ଗୀତା ଦିଦି ଯୋଗ ଦେଇ, ଗୁରୁଙ୍କର ଦୈବୀ ଗୁଣ,



ଆଧ୍ୟାତ୍ମିକତା ଓ ସମାଜ ଉପରେ ତାଙ୍କର ପ୍ରଭାବ ବିଷୟରେ ଅନୁପ୍ରେରଣା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ୩୨୬ ର ଜିଲ୍ଲା ଅଧକ୍ଷା ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ ଯୋଗ ଥିଲେ। ସେ ଜୀବନରେ ଗୁରୁଙ୍କର ଭୂମିକା, ତାଙ୍କ ଦିଗଦର୍ଶନ ଓ ଶିକ୍ଷା ଦ୍ୱାରା ଜୀବନରେ ଆସୁଥିବା ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ।

## ଓଡ଼ିଶାର ବକ୍ସାଇଟ୍ ଖଣି ଖୋଲିବା ବିକଶିତ ଭାରତ ପାଇଁ

# ଏକ ଚାବିକାଠି ହେବା ସହିତ ଜାତୀୟ ଅଭିବୃଦ୍ଧି ତଥା ସ୍ଥାନୀୟ ସଶକ୍ତିକରଣ ଉପରେ ବିଧାୟକଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ଲାଞ୍ଜିଗଡ଼ର ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ପ୍ରତି କଳାହାଣ୍ଡି ସ୍ଥାନୀୟ ଲୋକମାନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଓଡ଼ିଶାର ଅବ୍ୟବହୃତ ବକ୍ସାଇଟ୍ ଖଣିଗୁଡ଼ିକୁ ତୁରନ୍ତ ଖୋଲିବା ପାଇଁ ଦାବି ଉଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। କଳାହାଣ୍ଡିର ପ୍ରାୟ ୫,୦୦୦ ଗ୍ରାମବାସୀ, ଯୁବକ ଏବଂ ସମ୍ପ୍ରଦାୟ ନେତା ବକ୍ସାଇଟ୍ ଆମଦାନୀ ବିରୋଧରେ ପ୍ରତିବାଦ କରିବା ଏବଂ ଘରୋଇ ସଂରକ୍ଷଣର ବ୍ୟବହାର ଦାବି କରିବା ପରେ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପାଖରୁ ଏହି ପ୍ରତିଶ୍ରୁତି ଆସିଥିଲା। ଶ୍ରୀ ଦିଶାରୀ ସ୍ଥାନୀୟ ସଶକ୍ତିକରଣ ଏବଂ ବୀକଶିତ ଭାରତର ଜାତୀୟ ଦୃଷ୍ଟିକୋଣ ମଧ୍ୟରେ ସମ୍ପର୍କକୁ ରେଖାଙ୍କିତ କରିଥିଲେ। ସେ ଆଲୋକପାତ କରିଥିଲେ ଯେ କଳାହାଣ୍ଡି ଭଳି ଖଣିଜ ସମୃଦ୍ଧ ଗ୍ରାମୀଣ ଜିଲ୍ଲାଗୁଡ଼ିକୁ ସଶକ୍ତ ନକରି ଏକ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରାଯାଇପାରିବ ନାହିଁ, ଯେଉଁଠାରେ ପ୍ରାକୃତିକ ସମ୍ପଦ ଆଂଚଳିକ ଉନ୍ନତି ଏବଂ ଜାତୀୟ ପ୍ରଗତିକୁ ଇନ୍ଧନ ଦେଇପାରେ। ଓଡ଼ିଶାର ବକ୍ସାଇଟ୍ ସଂରକ୍ଷଣକୁ ବ୍ୟବହାର କରି, ଭାରତ ଏହାର ଆଲୁମିନିୟମ ଶିଳ୍ପକୁ ସୁଦୃଢ଼ କରିପାରିବ - ଯାହାକି ଭିତିଭୂମି, ନବୀକରଣୀୟ ଶକ୍ତି, ବିଦ୍ୟୁତ୍ ଗତିଶୀଳତା ଏବଂ ପ୍ରତିରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ - ଏବଂ ଏହା ନିଶ୍ଚିତ କରିପାରିବ ଯେ ଶିଳ୍ପ ଅଭିବୃଦ୍ଧିର




ଲାଭ ସିଧାସଳଖ ସ୍ଥାନୀୟ ସମ୍ପ୍ରଦାୟ ପାଖରେ ଚାକିରି, ସ୍କୁଲ ଏବଂ ସ୍ୱାସ୍ଥ୍ୟସେବା ମାଧ୍ୟମରେ ପହଂଚିବ। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ତୁରନ୍ତ ପଦକ୍ଷେପ ନ ନେଲେ କଳାହାଣ୍ଡିର ତିନି ଲକ୍ଷରୁ ଅଧିକ ସ୍ଥାନୀୟ ଲୋକଙ୍କ ବଂଚିବା ଏବେ ବିପଦରେ ପଡ଼ିଛି।

ଲାଞ୍ଜିଗଡ଼ର ବିଧାୟକ ପ୍ରଦୀପ କୁମାର ଦିଶାରୀ କହିଛନ୍ତି, "ଓଡ଼ିଶା ବିଶ୍ୱର କିଛି ସବୁଠାରୁ ଧନୀ ବକ୍ସାଇଟ୍ ସଂରକ୍ଷଣର ଘର, ତଥାପି ଭାରତ ଆମଦାନୀ ଉପରେ ଅତ୍ୟଧିକ ନିର୍ଭର କରୁଛି। ଏହା ଆମ ଲୋକଙ୍କୁ ଏବଂ ଆମର ଅପାର ସମ୍ଭାବନାକୁ ଦୁର୍ବଳ କରେ। ଆଜି ଆମେ ଯେଉଁ ସଂଘର୍ଷର ନେତୃତ୍ୱ ନେଉଛୁ ତାହା ହେଉଛି ଆମର ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ପ୍ରତିବର୍ଷ, ହଜାର ହଜାର ଯୁବକ ଏବଂ ଯୁବତୀ ଜୀବିକା ଖୋଜିବା ପାଇଁ କଳାହାଣ୍ଡିରୁ ବାହାରକୁ ଯିବାକୁ ବାଧ ହୁଅନ୍ତି। ଖଣି ଖୋଲିବା ଦ୍ୱାରା, ଆମେ ଏଠାରେ ନିଜେ ସୁଯୋଗ ସୃଷ୍ଟି କରିପାରିବା - ଆମ ଲୋକମାନଙ୍କୁ ନିଜ ଭୂମିରେ ରହିବା, କାମ କରିବା ଏବଂ ସମୃଦ୍ଧ ହେବା ପାଇଁ ଅନୁମତି ଦେବା। ଜଷ୍ଟିସ୍ ଏସ.ଏଚ. ଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟଙ୍କ ୨୦୦୮ ର ରାୟ। କପାଡିଆ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିସାରିଛନ୍ତି। ରାୟ ଦୃଢ଼ ପରିବେଶଗତ ସୁରକ୍ଷାକୁ ବାଧ୍ୟତାମୂଳକ କରିଥାଏ ଏବଂ ଖଣି ଲାଭର ଅତି କମରେ ୫% ସିଧାସଳଖ ସ୍ଥାନୀୟ ସମ୍ପ୍ରଦାୟ ବିକାଶରେ ପ୍ରବାହିତ ହେବା ନିଶ୍ଚିତ କରିଥାଏ। ଏହା କଠୋର ସୁରକ୍ଷା ସହିତ ସ୍ଥାୟୀ ଖଣି ପାଇଁ ଆହ୍ୱାନ କରିଥାଏ, ଯେଉଁଥିରେ ସମ୍ପ୍ରଦାୟ ବିକାଶ, ବନୀକରଣ, ପରିବେଶଗତ ପୁନରୁଦ୍ଧାର, ଭୂତଳ ଜଳ ସୁରକ୍ଷା ଏବଂ ଏକ ଆଦିବାସୀ ବିକାଶ ଯୋଜନା ପାଇଁ ଲାଭର ଅଂଶ ଅନ୍ତର୍ଭୁକ୍ତ। ଏହା ନିଶ୍ଚିତ କରେ ଯେ ଖଣି ଶୋଷଣ ନୁହେଁ, ବରଂ ଆମ ଲୋକଙ୍କୁ ସ୍କୁଲ, ହସ୍ପିଟାଲ, ରାସ୍ତା, ଚାକିରି ଏବଂ ସମ୍ମାନ ପ୍ରଦାନ କରିବା ପାଇଁ ଏକ ଉପକରଣ ହୋଇଯାଏ।

"ଭାରତର ୫ ବିଲିୟନ ଟନ୍ ରୁ ଅଧିକ ବକ୍ସାଇଟ୍ ସଂରକ୍ଷଣର ବିପୁଳ ସଂରକ୍ଷଣ ସତ୍ୱେ, ଦେଶ ବାର୍ଷିକ ୪.୫ ନିୟୁତ ଟନ୍ ରୁ ଅଧିକ ଆମଦାନୀ କରୁଛି, ଯାହାର ମୂଲ୍ୟ ୪୦୦୦-୫୦୦୦ କୋଟି ଟଙ୍କାରୁ ଅଧିକ। ଏପରି ନିର୍ଭରଶୀଳତା କେବଳ ଆର୍ôଥକ ଭାବରେ ଅବ୍ୟବହୃତ ନୁହେଁ ବରଂ କଳାହାଣ୍ଡି ଭଳି ଖଣିଜ ସମୃଦ୍ଧ ଅଂଚଳ ପ୍ରତି ଏକ ଘୋର ଅନ୍ୟାୟ ବୋଲି ସେ ଆହୁରି କହିଛନ୍ତି। ବିଧାୟକ ଦିଶାରୀ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କର ଚିନ୍ତା ଉଠାଇବେ ଏବଂ ତୁରନ୍ତ ସରକାରୀ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇବେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବକ୍ସାଇଟ୍ ଖଣି ଖୋଲିବା ଦାବି କେବଳ ଏକ ଆର୍ôଥକ ଆବଶ୍ୟକତା ନୁହେଁ ବରଂ ଏକ ସାମାଜିକ ବାଧ୍ୟବାଧକତା ମଧ୍ୟ ଏବଂ କଳାହାଣ୍ଡିର ଲୋକଙ୍କ ସପକ୍ଷରେ ନିଷ୍ପତି ନନିଆଯିବା ପର୍ଯ୍ୟନ୍ତ ସେମାନଙ୍କ ସହିତ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୟୁକ୍ରେନ୍ ଉପରେ ପ୍ରଚଣ୍ଡ ଆକ୍ରମଣ

## ୮୦୫ କ୍ଷେପଣାସ୍ତ୍ର ଓ ୧୩ ଡ୍ରୋନ୍ ନିକ୍ଷେପ

କିବ୍ : ଯୁଦ୍ଧ ସମାପ୍ତି ପାଇଁ ସମଗ୍ର ବିଶ୍ୱରୁ ନିବେଦନ କରାଯାଉଥିଲେ ବି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାହାକୁ କର୍ଣ୍ଣପାତ କରୁନାହାନ୍ତି । ଗତକାଲି ରାତିରେୟୁକ୍ରେନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ରୁଷ । ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବର୍ଷା ଅନେକ ଅଞ୍ଚଳକୁ ଧ୍ୱଂସ କରିଦେଇଛି । ଏକ ରିପୋର୍ଟ ଅନୁସାରେ ଗୋଟିଏ ରାତିରେ ରୁଷ ପକ୍ଷରୁ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛି । ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବର୍ଷା ଅନେକ ଅଞ୍ଚଳକୁ ଧ୍ୱଂସ କରିଦେଇଛି । ଏକ ରିପୋର୍ଟ ଅନୁସାରେ ଗୋଟିଏ ରାତିରେ ରୁଷ ପକ୍ଷରୁ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛି । ଏହି ଆକ୍ରମଣ ଯୋଗୁଁ



ୟୁକ୍ରେନର କ୍ୟାବିନେଟ୍ ମୁଖ୍ୟାଳୟରେ ମଧ୍ୟ ନିଆଁ ଲାଗିଥିଲା । ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ ଏକ ସରକାରୀ ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଛି । ସରକାରଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ କୋଠାର ଉପର ମହଲା ଏବଂ ଛାତ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି । ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି ଯେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି ।

# ପୁଟିନଙ୍କ ଆମନ୍ତ୍ରଣକୁ ଜେଲେନସ୍କିଙ୍କ ଅସ୍ୱୀକାର

କିବ୍ : ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମସ୍କୋରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାକୁ ମନା କରିଦେଇଛନ୍ତି । ଜେଲେନସ୍କି ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ଆତଙ୍କବାଦୀଙ୍କ ରାଜଧାନୀ ଯାଇପାରିବି ନାହିଁ, କାରଣୟୁକ୍ରେନ ପ୍ରତିଦିନ କ୍ଷେପଣାସ୍ତ୍ର ଆକ୍ରମଣର ସମ୍ମୁଖୀନ ହେଉଛି । ପୁଟିନ ବୈଠକ ପାଇଁ କିବ୍ ଆସିପାରିବେ । ଜେଲେନସ୍କି କହିଛନ୍ତି ଯେ ମସ୍କୋରେ ଆଲୋଚନା ପ୍ରସ୍ତାବ ଦେବା ରୁଷ ଶାନ୍ତି ଆଲୋଚନାରେ ଆଗ୍ରହୀ ନୁହେଁ ବୋଲି ସୂଚିତ କରୁଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା ପାଇଁ ଚାପ ପକାଉଛନ୍ତି । ଏଥିପାଇଁ ପୁଟିନ ଏବଂ ଟ୍ରମ୍ପ ଗତ ମାସରେ ଆଲାସ୍କାରେ ସାକ୍ଷାତ କରିଥିଲେ । ସେହିପରି ଭାରତ ମଧ୍ୟ ଆଲୋଚନାକୁ ସମର୍ଥନ କରୁଛି ଓ ବିବାଦର କୂଟନୈତିକ ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଉଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା ପାଇଁ ଚାପ ପକାଉଛନ୍ତି । ଏଥିପାଇଁ ପୁଟିନ ଏବଂ ଟ୍ରମ୍ପ ଗତ ମାସରେ ଆଲାସ୍କାରେ ସାକ୍ଷାତ କରିଥିଲେ । ସେହିପରି ଭାରତ ମଧ୍ୟ ଆଲୋଚନାକୁ ସମର୍ଥନ କରୁଛି ଓ ବିବାଦର କୂଟନୈତିକ ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଉଛି ।

ସୂଚନାଯୋଗ୍ୟ ଯେ ଗତ ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛିଛ ଏହା ଫଳରେ ସ୍ଥିତି ଆହୁରି ଜଟିଳ ହୋଇଛି ।

# କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳିରେ ମିଳିବ ଉପହାର

ନୂଆଦିଲ୍ଲୀ : ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି । ଜିଏସଟି ହାର ହ୍ରାସ ପରେ, ଏବେ ସରକାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର) ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧.୨ କୋଟିରୁ ଅଧିକ କର୍ମଚାରୀ ଏବଂ ପେନସନଭୋଗୀ ଉପକୃତ ହେବେ । ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯାଇପାରେ । ବିଜନେସ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ର ଭାବରେ ଦୀପାବଳିର ସମୟକୁ ବାଛିଛନ୍ତି ଯାହା ଦ୍ୱାରା କର୍ମଚାରୀ ଏବଂ ପେନସନଭୋଗୀମାନେ ଏହି ଘୋଷଣା ମାଧ୍ୟମରେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ । ଡିଏ ବୃଦ୍ଧି ଘୋଷଣା ପରେ, କର୍ମଚାରୀଙ୍କ ଡିଏ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇବ । ଏହି ବୃଦ୍ଧି ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି । ଅର୍ଥାତ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନି ମାସର ବକେୟା ମଧ୍ୟ ମିଳିବ । ଯାହା ଅକ୍ଟୋବର ମାସର ଦରମା ସହିତ ଦିଆଯିବାର ସମ୍ଭାବନା ଅଛି ।

# ୨୭ରେ ଜାତିସଂଘ ଅଧିବେଶନ : ଯୋଗ ଦେବେ ଜୟଶଙ୍କର

ନୂଆଦିଲ୍ଲୀ : ମିଳିତ ଜାତିସଂଘ ସାଧାରଣ ପରିଷଦର ଉଚ୍ଚସ୍ତରୀୟ ୮୦ତମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ବିତର୍କକୁ ସମ୍ବୋଧିତ କରିବେ ନାହିଁ । ଏହା ବଦଳରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସେପ୍ଟେମ୍ବର ୨୭ରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଶୁକ୍ରବାର ଜାରି ସଂଶୋଧିତ ବକ୍ତା ତାଲିକାରେ କୁହାଯାଇଛି । ଇସ୍ରାଏଲ, ଚୀନ୍, ପାକିସ୍ତାନ ଓ ବାଂଲାଦେଶ ସରକାରର ମୁଖ୍ୟମାନେ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ଥିବାବେଳେ ଜୁଲାଇରେ ପ୍ରକାଶିତ ଏକ ତାଲିକାରେ



ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୨୬ରେ ଭାଷଣ ଦେବାର ଥିଲା । ସେପ୍ଟେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ସାଧାରଣ ବିତର୍କ ଚାଲିବ, ଯେଉଁଥିରେ ବ୍ରାଜିଲ ପ୍ରଥମେ ଭାଷଣ ଦେବ ଏବଂ ତା'ପରେ ଆମେରିକା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍କୁ ଫେରିବା ପରେ ପ୍ରଥମ ଥର ପାଇଁୟୁଏନଜିଏରେ ଯୋଗ ଦେବା ଅବସରରେ ସେପ୍ଟେମ୍ବର ୨୩ରେ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରିବେ । ୟୁକ୍ରେନ ଯୁଦ୍ଧ ସମୟରେ ରୁଷ୍ଟ୍ର ଭାରତର ତୈଳ ଆମଦାନିକୁ ସର୍ବସାଧାରଣରେ ସମାଲୋଚନା କରିବା ପରେ ଆଗାମୀ ଦିନରେ ଟ୍ରମ୍ପଙ୍କ ଭାଷଣ ଉପରେ ନଜର ରହିବ । ସମାଲୋଚନା ସେ‰ ଆଜି ଟ୍ରମ୍ପ ମୋଦୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମୀକରଣ ଉପରେ ଗୁରୁତ୍ୱାରୋପ କରି ତାଙ୍କୁ ଜଣେ ମହାନ ପ୍ରଧାନମନ୍ତ୍ରୀ ବୋଲି କହିବା ସହ ଦୁଇ ନେତା ସର୍ବଦା ବନ୍ଧୁ ରହିବେ ବୋଲି କହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

# ହିମାଚଳରେ ପୁଣି ଭୂସ୍ଖଳନ

ନୂଆଦିଲ୍ଲୀ: ହିମାଚଳପ୍ରଦେଶରେ ପୁଣି ଭୂସ୍ଖଳନ ଆତଙ୍କ ଖେଳାଇ ଦେଇଛି । ସିରମୌର ନେହରାଧାର ଅଞ୍ଚଳ ଅଧୀନସ୍ଥ ଚେକର ଗ୍ରାମରେ ଆଜି ବଡ଼ ଧରଣର ଭୂସ୍ଖଳନ ହୋଇ ଏକ ପର୍ବତର ବିଶାଳ ଅଂଶ ଭୁଶୁଡ଼ି ଯାଇଛି । ଏହି ଭୂସ୍ଖଳନ ଏବଂ ପାହାଡ଼ ଧସିବା ଯୋଗୁଁ ନିକଟରେ ଅନେକ ଘର ଏବଂ ଲୋକମାନେ ବିପଦରେ ଅଛନ୍ତି । କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ଦୁର୍ଘଟଣା ସମୟରେ ସେଠାରେ ୫ ଜଣ ଉପସ୍ଥିତ ଥିଲେ । ସୌଭାଗ୍ୟବଶତଃ ସମସ୍ତେ ସୁରକ୍ଷିତ ଅଛନ୍ତି । ଭୂସ୍ଖଳନର ଭିଡିଓ ଏବେ ଭାଇରାଲ୍ ହେଉଛି । ଏଥିରେ ଦେଖିବାକୁ ମିଳିଛି ଯେ ହଠାତ ଭୂମିତଳୁ ପାଣିର ପ୍ରଖର ସ୍ରୋତରେ ଭୂମି ଫାଟିଯିବା ସହ କିଛି ସେକେଣ୍ଡ ମଧ୍ୟରେ ଗଛ ଏବଂ ସବୁକିଛି ଭାସି ଯାଉଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ ଚଳିତ ମୌସୁମୀ ଋତୁରେ ହିମାଚଳରେ ୩୫୫ ଲୋକଙ୍କ ମୃତ୍ୟୁ ହୋଇଛି । ଏଥି ମଧ୍ୟରୁ ୧୯୪ ଜଣଙ୍କର ଭୂସ୍ଖଳନ, ଅଚାନକ ବନ୍ୟା, ପାଣିରେ ବୁଡ଼ିଯାଇ ଏବଂ ବଜ୍ରାଘାତରେ ମୃତ୍ୟୁ ହୋଇଛି । ହିମାଚଳରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩୭୯ ଜଣ ଆହତ ହୋଇଥିବା ବେଳେ ୪୯ ଜଣ ନିଖୋଜ ଅଛନ୍ତି । ୧୨୮୦ରୁ ଅଧିକ ଘର ଧ୍ୱଂସ ହୋଇଯାଇଛି । ରାଜ୍ୟରେ ବର୍ଷା ବିପର୍ଯ୍ୟୟ ପାଇଁ ପ୍ରାୟ ୩୮୦୦ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଛି ।



ନୂଆଦିଲ୍ଲୀଠାରେ ବିଜେପି ସାଂସଦମାନଙ୍କ ସଂସଦୀୟ କାର୍ଯ୍ୟଶାଳା ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାବେଶକୁ ସମ୍ବୋଧିତ କରୁଛନ୍ତି । ଏହି ବୈଠକରେ ଅନେକ କ୍ୟାବିନେଟ ମନ୍ତ୍ରୀ ଯୋଗ ଦେଇଥିଲେ ।

# ଇସ୍ରାଏଲ ଉପରେ ୟେମେନର ଡ୍ରୋନ ଆଟାକ

ଜେରୁଜେଲମ : ୟେମେନର ଡ୍ରୋନ ଆଟାକ ଯୋଗୁ ଇସ୍ରାଏଲର ଦକ୍ଷିଣ ପ୍ରାନ୍ତରେ ଯୁଦ୍ଧ ସାଇରନକୁ ଆକ୍ଟିଭେଟ କରାଯାଇଛି । ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଯିବାକୁ ପରାମର୍ଶ ଦିଆଯାଇଛି । ଆଇଡିଏଫ କହିଛନ୍ତି, "ୟେମେନ ପକ୍ଷରୁ ମାଡ଼ କରାଯାଇଥିବା ୩ଟି ୟୁଏଭିକୁ ଇସ୍ରାଏଲ ଏୟାର ଫୋର୍ସ ଚିହ୍ନଟ କରିଥିଲେ । ଏହା ମଧ୍ୟରୁ ୨ଟିକୁ ଇସ୍ରାଏଲ ସୀମାରେ ପ୍ରବେଶ କରିବା ପୂର୍ବରୁ ହିଁ ଆକାଶ ପଥରେ ଧ୍ୱଂସ କରି ଦିଆଯାଇଥିଲା । ଦକ୍ଷିଣ ଇସ୍ରାଏଲରେ ଯୁଦ୍ଧ ସାଇରନକୁ ଆକ୍ଟିଭେଟ କରାଯାଇଛି । ୨ଟି ଡ୍ରୋନକୁ ଇସ୍ରାଏଲ ଧ୍ୱଂସ କରିଥିବା ବେଳେ ଆଉ ଗୋଟିଏ ଟାର୍ଗେଟକୁ ହିଟ କରିଛି କି ନାହିଁ, ସେକଥା ୟେମେନ କିମ୍ବା ଆଇଡିଏଫ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ । ଗୋଟିଏ ସପ୍ତାହ ତଳେ ହୁତି ବିଦ୍ରୋହୀଙ୍କ ଦଖଲରେ ଥିବା ସାନା ପ୍ରଧାନମନ୍ତ୍ରୀ ଅହମଦ ଅଲ ରାହାୱିଙ୍କୁ ଇସ୍ରାଏଲ ଏୟାର ଷ୍ଟ୍ରାଇକ ଦ୍ୱାରା ହତ୍ୟା କରିଥିଲା । ଇରାନ ସମର୍ଥିତ ହୁତି ପକ୍ଷରୁ ଗୋଟିଏ ବିବୃତିରେ କୁହାଯାଇଥିଲା ଯେ ଅଲ ରାହାୱିଙ୍କ ସହ ଏକାଧିକ ମନ୍ତ୍ରୀ ଗୋଟିଏ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ଟୋକିଓ : ଜାପାନର ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଜାପାନରେ ଶାସକ ଦଳ ଲିବରଲ୍ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ ବିଭାଜନକୁ ଏଡାଇବା ପାଇଁ ସେ ଏପରି କରିଛନ୍ତି । ଉଲ୍ଲେଖନୀୟ ଯେ ଜୁଲାଇରେ ହୋଇଥିବା ନିର୍ବାଚନରେ ଇଶିବାଙ୍କ ଏଲଡ଼ିପି ନେତୃତ୍ୱାଧୀନ ମେଣ୍ଟ ଉଚ୍ଚ ସଦନରେ ବହୁମତ ହରାଇଥିଲା । ୬୮ ବର୍ଷୀୟ ଇଶିବା ଗତ ବର୍ଷ ଅକ୍ଟୋବରରେ ହିଁ ପଦ ଗ୍ରହଣ କରିଥିଲେ । ଅର୍ଥା ଇସ୍ତଫା ଦେବାର ଅର୍ଥ ହେବ ଯେ ସେ ଏହି ପଦବୀରେ ଗୋଟିଏ ବର୍ଷ ପାଇଁ ମଧ୍ୟ ରହିପାରିବେ ନାହିଁ । ଗୋଟିଏ ବର୍ଷ ମଧ୍ୟରେ, ସେ ଦେଶର ଉଭୟ ସଦନରେ ବହୁମତ ହରାଇଛନ୍ତି । ଗୋଟିଏ ମାସରୁ ଅଧିକ ସମୟ ଧରି, ସେ ନିଜ ଦଳ ଭିତରେ ବିରୋଧର ସମ୍ମୁଖୀନ ହେଉଥିଲେ । ପ୍ରକୃତରେ, ଜୁଲାଇରେ, ଇଶିବାଙ୍କ ଶାସକ ମେଣ୍ଟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏହି ମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ବହୁମତ ହାସଲ କରିବାରେ ବିଫଳ ହୋଇଥିଲା, ଯାହା ତାଙ୍କ ସରକାରଙ୍କ ସ୍ଥିରତାକୁ ଆହୁରି ଆଘାତ ଦେଇଥିଲା । ଏହି ନିର୍ବାଚନ ପରେ, ଦଳର ଖରାପ ପ୍ରଦର୍ଶନ ପାଇଁ ଇଶିବାଙ୍କ ଉପରେ ଚାପ ବଢ଼ିବାକୁ ଲାଗିଲା । ଇଶିବାଙ୍କ ଏହି ପଦକ୍ଷେପ ନେବା ପଛରେ କୁହାଯାଉଛି ଯେ ମାତ୍ର ଗୋଟିଏ ଦିନ ପରେ, ସୋମବାର, ତାଙ୍କ ଲିବରଲ୍ ଡେମୋକ୍ରାଟିକ୍ ପାର୍ଟି ନିଷ୍ପତ୍ତି



ନେଇଥାନ୍ତା ଯେ ଶୀଘ୍ର ନୂତନ ନେତୃତ୍ୱ ପାଇଁ ନିର୍ବାଚନ କରାଯିବ କି ନାହିଁ । ଯଦି ଦଳର ଏହି ଆଭ୍ୟନ୍ତରୀଣ ନିର୍ବାଚନରେ ନୂତନ ନେତୃତ୍ୱ ପାଇଁ ଦାବି ମଞ୍ଜୁର ହୋଇଥାନ୍ତା, ତେବେ ଏହା ଇଶିବାଙ୍କ ବିରୁଦ୍ଧରେ ଏକ ପ୍ରକାର ଅନାସ୍ଥା ପ୍ରସ୍ତାବ ହୋଇଥାନ୍ତା । ଏହି ପରିସ୍ଥିତିରେ ପହଞ୍ଚିବା ପୂର୍ବରୁ ମଧ୍ୟ, ଇଶିବା ନିଜ ଆଡୁ ଇସ୍ତଫା ଦେଉଥିବାର ଜଣାପଡ଼ିଛି । ଜାପାନର କୃଷି ମନ୍ତ୍ରୀ ଏବଂ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଶନିବାର ରାତିରେ ଇଶିବାଙ୍କୁ ଭେଟି ନିଜେ ଇସ୍ତଫା ଦେବାକୁ ଅନୁରୋଧ କରିଥିଲେ । ଗତ ସପ୍ତାହରେ, ଦଳର ଦୁଇ ନମ୍ବର ନେତା ହିରୋଶି ମୋରିୟାମାଙ୍କ ସମେତ ଏଲଡ଼ିପିର ଚାରି ଜଣ ବରିଷ୍ଠ ଅଧିକାରୀ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ ।

# ବୋମା ଧମକ : ମୁମ୍ବାଇରେ ସୁରକ୍ଷା କଡ଼ାକଡ଼ି

ମୁମ୍ବାଇ : ମୁମ୍ବାଇରେ ବୋମା ବିସ୍ଫୋରଣ ଧମକର ଧାରା ଥମିବାର ନାମ ନେଉନାହିଁ । ନିକଟରେ ବୋମା ବିସ୍ଫୋରଣର ଧମକ ଦେଇଥିବା ନେଇ ନୋଏଡାରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା ବେଳେ ପୁଣି ଥରେ ସମାନ ଧମକ ମିଳିଛି । ଏଥର ନାୟର ହସ୍ପିଟାଲ ଏବଂ ମୁମ୍ବାଇ ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବାର ଧମକ ମିଳିଛି । ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ତାରିଖ ବିଳମ୍ବିତ ରାତିରେ ନାୟାର ହସ୍ପିଟାଲ ଏବଂ ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବାର ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ଆତଙ୍କ ସୃଷ୍ଟି ହୋଇଯାଇଥିଲା । ନାୟାର ହସ୍ପିଟାଲର ଡିନ୍ ରାତି ପ୍ରାୟ ୧୧ଟା ସମୟରେ




ଏକ ଧମକପୂର୍ଣ୍ଣ ମେଲ୍ ପାଇଥିଲେ, ଯାହା ପରେ କ୍ୟାମ୍ପସରେ ଆତଙ୍କ ଖେଳିଯାଇଥିଲା । ସେହି ସମୟରେ, ବିମାନବନ୍ଦରର ଶୌଚାଳୟରେ ବୋମା ଥିବା ଦାବି କରାଯାଇଥିଲା । ମେଲ୍ ପାଇବା ମାତ୍ରେ, ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା ଏବଂ ପୁଲିସକୁ ସୂଚନା ଦିଆଯାଇଥିଲା । ପୁଲିସ ସଙ୍ଗେସଙ୍ଗେ ତଦନ୍ତ ଆରମ୍ଭ କରିଥିବା ସତ୍ତ୍ୱେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନଥିଲା । କେବଳ ଏତିକି ନୁହେଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିଲା । ମେଲରେ ଦାବି କରାଯାଇଥିଲା ଯେ ବିମାନବନ୍ଦର ଶୌଚାଳୟରେ ବୋମା ରଖାଯାଇଛି । ପୁଲିସ ଏବଂ ବମ୍ ସ୍କ୍ୱାଡ୍ ତୁରନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କିଛି ମିଳି ନଥିଲା । ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା ଯେ ଧମକ ମିଥ୍ୟା ଥିଲା, କିନ୍ତୁ ସତର୍କତା ସ୍ୱରୂପ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

# ମିରଟରେ 'ନଗ୍ନ ଗ୍ୟାଙ୍ଗ' ଆତଙ୍କ

ମିରଟ : ଦୁର୍ବୃତ୍ତଙ୍କ ଏକ ଗ୍ୟାଙ୍ଗ୍ ଉଲଗ୍ନ ଅବସ୍ଥାରେ ପହଞ୍ଚି ମହିଳାମାନଙ୍କୁ ନିର୍ଜନ ଅଞ୍ଚଳକୁ ଟାଣି ନେଉଛନ୍ତି । ଉତ୍ତରପ୍ରଦେଶର ମିରଟରେ ଏଭଳି ଏକ ଚତୁର୍ଥ ପ୍ରୟାସ ଦେଖିବାକୁ ମିଳିଛି, ଯାହାକୁ 'ନଗ୍ନ ଗ୍ୟାଙ୍ଗ'ର କାମ ବୋଲି କୁହାଯାଉଛି, ଯାହା ଦୌରାଲାର ମହିଳାମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି । ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ଧରା ପଡ଼ିନଥିବା ବେଳେ ଅଧିକାରୀମାନେ ଡ୍ରୋନ୍ ବ୍ୟବହାର କରି ଅଞ୍ଚଳ ଉପରେ ନଜର ରଖିଛନ୍ତି । ନିକଟରେ ଘଟିଥିବା ଏହି ଘଟଣାରେ ଭରାଲା ଗ୍ରାମରେ ଜଣେ ମହିଳା ଏକାକୀ ନିଜ କର୍ମକ୍ଷେତ୍ରକୁ ଯାଉଥିବା ବେଳେ ଦୁଇ ଜଣ ବ୍ୟକ୍ତି ତାଙ୍କୁ କ୍ଷେତକୁ ଟାଣି ନେବାକୁ ଚେଷ୍ଟା କରିଥିଲେ । ମହିଳା ଜଣକ ଚିତ୍କାର କରି ନିଜକୁ ସେମାନଙ୍କ କବଳରୁ ମୁକ୍ତ କରିବାରେ ସଫଳ ହୋଇଥିଲେ । ତୁରନ୍ତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଚାଷଜମିକୁ ଚାରିଆଡୁ ଘେରାଉ କରିଥିଲେ । କିନ୍ତୁ କେହିଁ ମିଳି ନ ଥିଲେ । ସେମାନେ କେମିତି ଦେଖାଯାଉଛନ୍ତି ବୋଲି ପଚାରିବାରୁ ମହିଳା ଜଣକ କହିଥିଲେ ଯେ ଅଭିଯୁକ୍ତମାନେ କୌଣସି ପୋଷାକ ପିନ୍ଧି ନ ଥିଲେ । ଏହି ଘଟଣାକୁ ନେଇ ଭୟଭୀତ ହୋଇ ସେ ଏବେ ଚାକିରି ବଦଳାଇ କାମ କରିବା ପାଇଁ ଏକ ଭିନ୍ନ ରାସ୍ତା ଦେଇ ଯାଉଛନ୍ତି ବୋଲି ତାଙ୍କ ସ୍ୱାମୀ କହିଛନ୍ତି । ଏହା ଚତୁର୍ଥ ଘଟଣା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଲୋକଲଜ୍ଜା ଭୟରେ ପୂର୍ବ ଘଟଣାଗୁଡିକ ରିପୋର୍ଟ କରାଯାଇ ନଥିଲା । ପୁଲିସ ମଧ୍ୟ କ୍ଷେତରେ ଅନୁସନ୍ଧାନ କରିଛି । ଗତ ଶନିବାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନେକ ଘଣ୍ଟା ଧରି ଡ୍ରୋନ୍ ସାହାଯ୍ୟରେ ସର୍ଚ୍ଚ ଅପରେସନ କରାଯାଇଥିଲା । ତଦାରଖ ପାଇଁ ଆଖପାଖ ଅଞ୍ଚଳରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯାଇଛି । 'ନଗ୍ନ ଗ୍ୟାଙ୍ଗ' ଆତଙ୍କ କିଛି ପରିବାରକୁ ନିଜ ଘରେ ସୀମିତ ରଖିଥିବା ଦେଖିବାକୁ ମିଳିଛି ।

# ହେଲିକେପ୍ଟର ଦୁର୍ଘଟଣାରେ ଜଳିଗଲେ ଯାତ୍ରୀ

ୱାଶିଂଟନ : ଆଜି ଆମେରିକାର ମିନେସୋଟାର ଟ୍ୱିନ୍ ସିଟିଜ୍ ଅଞ୍ଚଳରେ ବିମାନବନ୍ଦର ନିକଟରେ ଏକ ହେଲିକେପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି । ଦୁର୍ଘଟଣା ପରେ ଏଥିରେ ନିଆଁ ଲାଗିଯାଇଥିବାବେଳେ ଏଥିରେ ସମସ୍ତ ଲୋକ ପ୍ରାଣ ହରାଇଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ରବିନସନ୍ ଆର୬୬ ଭାବରେ ଚିହ୍ନଟ ହୋଇଛି । ଏୟାରଲେକ୍ ବିମାନବନ୍ଦରର ପଶ୍ଚିମରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ପହଞ୍ଚିଥିବା ଜରୁରୀକାଳୀନ କର୍ମଚାରୀମାନେ ଦେଖିଲେ ଯେ ହେଲିକେପ୍ଟରଟି



ସମ୍ପୂର୍ଣ୍ଣ ଜଳିଯାଇଛି । ଦୁର୍ଘଟଣାରୁ କୌଣସି ଯାତ୍ରୀ ବଞ୍ଚି ପାରି ନାହାଁନ୍ତି । ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଅଧିକାରୀମାନେ ହେଲିକପ୍ଟର ଦୁର୍ଘଟଣାର କାରଣ ଖୋଜିବାରେ ସମ୍ପୂର୍ଣ୍ଣ ନିୟୋଜିତ ଅଛନ୍ତି । ହେଲିକପ୍ଟରରେ କେତେ ଲୋକ ଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଉଲ୍ଲେଖ ଥାଉ କି ରବିନସନ୍ ଆର୬୬ ହେଉଛି ରବିନସନ୍ ହେଲିକପ୍ଟର କମ୍ପାନୀ ଦ୍ୱାରା ନିର୍ମିତ ଏକ ହାଲୁକା, ଏକକ ଇଞ୍ଜିନ୍ ଟର୍ବାଇନ୍ ହେଲିକେପ୍ଟର । ଏଥିରେ ଏକ ଗ୍ଲାସ୍ କକପିଟ୍ ଏବଂ ଆଧୁନିକ ଏଭିଓନିକ୍ସ ସିଷ୍ଟମ୍ ଅଛି, ଯାହା ବିମାନ ଉଡ଼ାଣ ସମୟରେ ପାଇଲଟ୍‌ଙ୍କୁ ଉତ୍ତମ ଦୃଶ୍ୟ ଏବଂ ନାଭିଗେସନ୍ ସୁବିଧା ପ୍ରଦାନ କରେ । ଏହାର ଡିଜାଇନ୍ ବ୍ୟକ୍ତିଗତ ଉଡ଼ାଣ ଏବଂ ତାଲିମ ଉଦ୍ଦେଶ୍ୟରେ ଉପଯୁକ୍ତ । ଏହା ୨୪୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଉଡ଼ିପାରିବ । ଆର୬୬ ରେ ଜଣେ ପାଇଲଟ୍ ଏବଂ ଚାରି ଜଣ ଯାତ୍ରୀଙ୍କ ବସିବା କ୍ଷମତା ଅଛି । ଏହାର ଗଠନ ଏବଂ ଡିଜାଇନ୍ ହେଲିକପ୍ଟରକୁ ଉଚ୍ଚ ଗତି, ସ୍ଥିରତା ଏବଂ ଉତ୍ତମ ଇନ୍ଧନ ଦକ୍ଷତା ପ୍ରଦାନ କରେ ।

# ବନ୍ୟାରେ ବେହାଲ ପଞ୍ଜାବ, ୯ରେ ସ୍ଥିତି ପରଖିବେ ପ୍ରଧାନମନ୍ତ୍ରୀ

ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ୨୩ ଜିଲ୍ଲାର ୧୯୦୦ରୁ ଅଧିକ ଗାଁ ବୁଡ଼ି ଯାଇଛି । ୪୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧.୭୧ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।ଲଗାଣ ବର୍ଷା ପରେ ପଞ୍ଜାବରେ ଭୟଙ୍କର ବନ୍ୟା ଦେଖାଯାଇଛି । ରାଜ୍ୟର ସମସ୍ତ ୨୩ ଜିଲ୍ଲାରେ ବନ୍ୟା ବ୍ୟାପକ କ୍ଷୟକ୍ଷତି କରିଛି । ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ରହିଥିବା ବେଳେ ଫସଲ ଉଜୁଡ଼ି ଯାଇଛି । ଅନେକ ଲୋକ ବନ୍ୟା ଯୋଗୁ ବାସହରା ହୋଇ ଯାଇଛନ୍ତି । ୫୦ରୁ ଅଧିକ ଲୋକ ମଧ୍ୟ ପ୍ରାଣ ହରାଇ ସାରିଲେଣି । ବିଗତ ବର୍ଷଗୁଡ଼ିକରେ କେବେ ହେଲେ ବି ପଞ୍ଜାବରେ ଏପରି ସ୍ଥିତି ଦେଖିବାକୁ ମିଳି ନଥିଲା । ସ୍ଥିତି ଜଟିଳ ଥିବାରୁ ସ୍ଥିତି ପରଖିବାକୁ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଛ ଆସନ୍ତା ୯ ତାରିଖରେ ମୋଦି ପଞ୍ଜାବ ଗସ୍ତ କରି ବନ୍ୟା ପୀଡ଼ିତ ସାଧାରଣ ଲୋକ ଓ ଚାଷୀମାନଙ୍କୁ ଭେଟିବେ । ସେହିପରି ରିଲିଫ ଓ ଥଇଥାନର ସ୍ଥିତି ଯାଞ୍ଚ କରିବେ । ଗସ୍ତ ବେଳେ ସେ ବନ୍ୟାରେ ବୁଡ଼ିଥିବା ଗାଁ ଓ ନଷ୍ଟ ହୋଇଯାଇଥିବା ଫସଲ ସ୍ଥିତର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ବିଜେପିର ପଞ୍ଜାବୟୁନିଟ ପକ୍ଷରୁ ଏକ୍ସରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯ ସେପ୍ଟେମ୍ବରରେ ପଞ୍ଜାବର ଗୁରୁଦାସପୁର ଆସୁଛନ୍ତି । ସେ ସିଧାସଳଖ ବନ୍ୟା କ୍ଷତିଗ୍ରସ୍ତ ଭାଇ-ଭଉଣୀ ଓ ଚାଷୀଙ୍କୁ ଭେଟିବେ । ଏଥିସହ ସେ ପୀଡ଼ିତଙ୍କୁ ସହଯୋଗ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେବେ । ବିଜେପିର ପଞ୍ଜାବ ସଭାପତି ସୁନୀଲ ଝାଖର



ମଧ୍ୟ ବନ୍ୟା ସଙ୍କଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେ ଏକ୍ସରେ କହିଛନ୍ତି ଯେ ପଞ୍ଜାବର ବନ୍ୟା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗଭୀର ଭାବେ ଚିନ୍ତିତ । ସେ ସ୍ଥିତି ଉପରେ ନଜର ରଖିଛନ୍ତି । ଶ୍ରୀ ଝାଖରଙ୍କ କହିବା କଥା ଯେ ପ୍ରଧାନମନ୍ତ୍ରୀ ମୋଦି ସେପ୍ଟେମ୍ବର ୯ ରେ ପଞ୍ଜାବ ଆସି ବ୍ୟକ୍ତିଗତ ଭାବେ ସ୍ଥିତିର ଯାଞ୍ଚ କରିବେ । ଏହାଦ୍ୱାରା ପ୍ରଭାବିତ ଲୋକମାନେ ସର୍ବାଧିକ ସହାୟତା ପାଇପାରିବେ ।ଝାଖର ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ତୃଣମୂଳର ସ୍ଥିତିକୁ ଏବେ ଠାରୁ ହିଁ ମୂଲ୍ୟାଙ୍କନ କରି ସାରିଲେଣି । ପୂର୍ବରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ବନ୍ୟା ସ୍ଥିତିର ଆକଳନ ପାଇଁ ପଠାଯାଇଥିଲା । ଅତିରିକ୍ତ ଭାବେ ରାଜ୍ୟକୁ ଆସି ୨ଟି କେନ୍ଦ୍ରୀୟ ଟିମ ସ୍ଥିତିର ସୀମକ୍ଷା କରିଛନ୍ତି । ସେମାନେ ରିପୋର୍ଟ ଦାଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ୨୩ ଜିଲ୍ଲାର ୧୯୦୦ରୁ ଅଧିକ ଗାଁ ବୁଡ଼ି ଯାଇଛି । ୪୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧.୭୧ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଅଧିକାଂଶ ସମୟରେ ଚାଷୀଙ୍କ କ୍ଷେତ ପାଣିରେ ବୁଡ଼ି ରହିଛି । ନଦୀଗୁଡ଼ିକର ଜଳସ୍ତର ଏବେ ବି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଭୂସ୍ଖଳନ ଓ ବନ୍ୟା ଜଳ ଯୋଗୁ ଏକାଧିକ ଜାତୀୟ ରାଜପଥରେ ଯାତାୟାତ ବନ୍ଦ ହୋଇ ଯାଇଛି ।

# ଏସିଆ କପ୍ ହକିରେ ବିଶ୍ୱ କପ୍ ଯୋଗ୍ୟତା

## ସଞ୍ଜୁଙ୍କ ବଦଳରେ ଜିତେଶଙ୍କୁ ମିଳିପାରେ ସୁଯୋଗ



ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଆଉ ଗୋଟିଏ ଦିନର ବ୍ୟବଧାନ ପରେ ଏସିଆ କପ୍ ଟି -୨୦ ବିଗୁଲ ବାଜିବ। ପ୍ରଥମ ମ୍ୟାଚରେ ସଞ୍ଜୁ ସାମସନଙ୍କ ବଦଳରେ ଜିତେଶ ଶର୍ମାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବାର ରହିଛି। ଅଭିଶେକ ଶର୍ମାଙ୍କ ସହ ଶୁଭମନ୍ ଗିଲ୍ ଇନିଂ ଓପନ୍ କରିପାରନ୍ତି। ସଞ୍ଜୁଙ୍କୁ ମଧ୍ୟମ କ୍ରମରେ ଖେଳାଇବା ବଦଳରେ



ଦଳ ଜିତେଶ ଶର୍ମାଙ୍କୁ ଖେଳାଇବାକୁ ଚାହୁଁଛି ବୋଲି ସୂଚନା ମିଳିଛି। ଗିଲ୍ ଉପଅଧିନାୟକ ହୋଇଥିବାରୁ ତାଙ୍କ ଖେଳିବା ନିଶ୍ଚିତ। ଅଭ୍ୟାସ ସେସନ୍‌ରେ ଗୌତମ ଗମ୍ଭୀର ବିଶେଷ ଭାବେ ପ୍ରଶିକ୍ଷଣ ଦେଉଥିବା ଦେଖିବାକୁ ମିଳିଛି। ଆଇପିଏଲରେ ଜିତେଶ ଭଲ ପ୍ରଦର୍ଶନ କରିଥିଲେ। ବେଙ୍ଗାଲୁରୁକୁ ଟାଇଟଲ ହାସଲ କରାଇବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୧୧ ଇନିଂରେ ୨୬୧ ରନ୍ କରିଥିଲେ। ଜିତେଶ ୨୦୨୪ରେ ଶେଷ ଥର ପାଇଁ ଭାରତ ପକ୍ଷରୁ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ ଖେଳିଥିଲେ। ୭ ଟି ଟି -୨୦ରେ ୧୦୦ ରନ୍ କରିଥିଲେ। ତେବେ ସଞ୍ଜୁ ମଧ୍ୟ ଜବରଦସ୍ତ ଫର୍ମରେ ଅଛନ୍ତି। ନିକଟରେ କେରଳ କ୍ରିକେଟ୍ ଲିଗରେ ସେ ୫ ଟି ଇନିଂରେ ୩୬୮ ରନ୍ କରିଥିଲେ।

## ଭାରତ ଚାମ୍ପିଅନ




ରାଜଗିରି, ୭।୯ (ଏଜେନ୍ସି) : ବିହାରର ରାଜଗିରିରେ ଅନୁଷ୍ଠିତ ପୁରୁଷ ଏସିଆ କପ୍ ହକିରେ ଭାରତ ପୁଣି ବାଜି ମାରିଛି। ଚତୁର୍ଥ ଥର ପାଇଁ ଏସିଆ କପ୍ ଟାଇଟଲ୍ ହାତେଇଛି ଭାରତ। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଶକ୍ତିଶାଳୀ କୋରିଆକୁ ଧରାଶାୟୀ କରି ଏହି ସଫଳତା ହାସଲ କରିଛି। ଭାରତୀୟ ଖେଳାଳି ଦିଲ୍ଲପ୍ରୀତଙ୍କ ଜମାଣିଆ ଗୋଲ ଯୋଗୁଁ ଭାରତ ଟାଇଟଲ ସହ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱ କପ୍ ଯୋଗ୍ୟତା ଅର୍ଜନ କରିଛି। ସୁଖଜିତ ସିଂ ମ୍ୟାଚର ପ୍ରଥମ ମିନିଟରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପୁଣି ଦିଲ୍ଲପ୍ରୀତ ସିଂ ୨୮ ଓ ୪୫ ମିନିଟ୍‌ରେ ଦୁଇଟି ତଥା ଅମିତ ରୋହିତଦାସ ୫୦ ମିନିଟ୍‌ରେ ଚମକପଦ ଗୋଲି କରି ଦଳକୁ ନିଶ୍ଚିତ ବିଜୟ ଆଡେ ବାଟ କଢାଇଥିଲେ। କୋରିଆ ପକ୍ଷରୁ ୧୧ ତମ ମିନିଟରେ ସନ୍ ଡାଏନ୍ ସାନ୍ତ୍ୱନା ମୂଳକ ଗୋଲ ଦେବା ସହ ମ୍ୟାଚ ଶେଷ ହୋଇଥିଲା। ତେଣୁ ଭାରତ ୪-୧ ବ୍ୟବଧାନରେ ବାଜି ମାତ କରି ସବୁ ଆଶା ଆକାଂକ୍ଷାକୁ ସାକାର କରିଛି। ଚତୁର୍ଥ ଥର ପାଇଁ ଏସିଆ କପ୍ ଟାଇଟଲ୍ ଜିତିଛି ଭାରତ। ୨୦୦୩ କ୍ୱାଲାଲମ୍ପୁର, ୨୦୦୭ରେ ଚେନ୍ନାଇ, ୨୦୧୭ରେ ଢାକା ଏବଂ ଚଳିତ ରାଜଗିରି ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। ଏତଦ୍‌ବ୍ୟତୀତ ୨୦୧୩, ୧୯୯୪, ୧୯୮୯, ୧୯୮୫, ୧୯୮୨ ସଂସ୍କରଣରେ ଭାରତ ଉପବିଜେତା ହୋଇଥିଲା। ୧୯୯୯ ଓ ୨୦୨୨ରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଥିଲା।

## ମାଲେସିଆ ତୃତୀୟ

ଏସିଆ କପ୍ ହକିରେ ମାଲେସିଆ ତୃତୀୟ ସ୍ଥାନ ଅଧିକାର କରିଛି। ତୃତୀୟ/ଚତୁର୍ଥ ସ୍ଥାନ ଲଢେଇରେ ଚୀନକୁ ଭେଟିଥିଲା ମାଲେସିଆ। ଏହି ମ୍ୟାଚରେ ମାଲେସିଆ ୪-୧ ଗୋଲରେ ଚୀନକୁ ପରାଜିତ କରିଛି। ମାଲେସିଆ ପକ୍ଷରୁ ଅଷ୍ଟମ ମିନିଟ୍‌ରେ ସୁମନ୍ତ୍ରୀ, ୩୬ ଓ ୫୦ ତମ ମିନିଟରେ ଅନୁୱର୍ ଅଖିମୁଲା ଦୁଇଟି ଏବଂ ୫୯ ତମ ମିନିଟ୍‌ରେ ଚୋଲନ ସଇଦ ଗୋଲ କରିଥିଲେ। ଚୀନ ପକ୍ଷରୁ ଗାଓ ଜିସେଙ୍ଗ ଗୋଲ କରିଥିଲେ।

## ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍

## ଭାରତକୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ପ୍ରଥମ ଥର ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍‌ରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛି। ଅମନ ସୈନୀ, ଋଷଭ ଯାଦବ ଓ ପ୍ରଥମେଷ ବାଲଚନ୍ଦ୍ରଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ଫାଇନାଲରେ ଭାରତୀୟ ଦଳ ଫ୍ରାନ୍ସର ନିକୋଲ୍ସ ଗେରାଡ, ଜେନ୍ ଫିଲିପ୍ ଓ ଫ୍ରାଙ୍କୋସ ଡୁବୋଇସ୍‌ଙ୍କୁ ପରାସ୍ତ କରିଛନ୍ତି। ଫ୍ରାନ୍ସ ପୂର୍ବରୁ ୧୯୯୫ ଜାକାର୍ତ୍ତା ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ପ୍ରଥମ ଥର କମ୍ପାଉଣ୍ଡ ଦଳ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା ବେଳେ ଫ୍ରାନ୍ସ ବାଜି ମାରିଥିଲା।

୨୦୨୫ରେ ଭାରତୀୟ ଦଳ ଫ୍ରାନ୍ସକୁ ହରାଇ ଇତିହାସ ରଚିଛି। ଭାରତର ବିଜୟ ଯାତ୍ରା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରୁ ଆରମ୍ଭ ହୋଇଥିଲା। ୨୩୨ ପଏଣ୍ଟରେ ଟାଇ ରହିବାରୁ ସୁଟ୍‌ଆଉଟ୍ ସ୍ଥିତି ଉପୁଜିଥିଲା। ଏହାକୁ ୩୦-୨୮ରେ ଭାରତ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ଏହାପରେ ଆମେରିକାକୁ କ୍ୱାର୍ଟର ଫାଇନାଲକୁ ଦଳ ୨୩୪- ୨୩୩ ପଏଣ୍ଟରେ ହରାଇଥିଲା। ସେମିଫାଇନାଲରେ ଭାରତୀୟ ଦଳକୁ କଡା ଟକ୍କର ଦେଇଥିଲା ତୁର୍କୀ। ଭାରତର ୩ ତିରନ୍ଦାଜୀ ଚମତ୍କାର ଢଙ୍ଗରେ ୨୩୪-୨୩୨ ପଏଣ୍ଟ ବ୍ୟବଧାନରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଦଳର ମୁକାବିଲା ପୂର୍ବତନ ଚାମ୍ପିଅନ ଫ୍ରାନ୍ସ ସହ ହୋଇଥିଲା। ଦୁଇ ଦଳ ପରସ୍ପରକୁ କଡା ଟକ୍କର ଦେଇଥିଲେ। ଶେଷରେ ଭାରତୀୟ ଦଳ ୨୩୫-୨୩୩ ବ୍ୟବଧାନରେ ଫ୍ରାନ୍ସକୁ ପରାଜିତ ସ୍ୱର୍ଣ୍ଣ ପଦକ ହାସଲ କରିଛି।

୨୩ ବର୍ଷୀୟ ରିଷଭ ଯାଦବଙ୍କ ପାଇଁ ଏହି ବିଜୟ ଓ ଦିନ ବେଶ୍ ସ୍ମରଣୀୟ ହୋଇ ରହିବ। କାରଣ ସେ ରବିବାର ବ୍ୟକ୍ତିଗତ ଭାବେ ନିଜର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୁରୁଷ ବର୍ଗର ଫାଇନାଲ ପୂର୍ବରୁ ସେ ମିକ୍ସଡ ଟିମ୍ ଫାଇନାଲରେ ମଧ୍ୟ ନଜର ଆସିଥିଲେ। ସେ ଜ୍ୟୋତି ସୁରକ୍ଷା ବର୍ମାଙ୍କୁ ସାଥି କରି ଫାଇନାଲରେ ପ୍ରବେଶ କରିଥିଲେ। ନେଦରଲାଣ୍ଡସ୍ ଠାରୁ ଭାରତୀୟ ଯୋଡି ୧୫୫-୧୫୭ ପଏଣ୍ଟ ବ୍ୟବଧାନରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ମିକ୍ସଡ ଇଭେଣ୍ଟରେ ହାରିଥିବା ରିଷଭ ପୁରୁଷ ବର୍ଗରେ କମାଲ କରି ଦେଶ ପାଇଁ ଓ ବ୍ୟକ୍ତିଗତ ନିଜ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ରାଜ୍ୟ ପୋଲିସ ହ୍ୟାଣ୍ଡବଲ, କବାଡି ପ୍ରତିଯୋଗିତା ଆରମ୍ଭ

କେନ୍ଦୁଝର, ୭।୯ (ସବ୍ୟୁ) : ରବିବାର କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଦଶମ ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଏବଂ ଇଣ୍ଡୋର ଷ୍ଟାଡିୟମ ଠାରେ ୭୮ତମ ରାଜ୍ୟ ପୋଲିସ କବାଡି ଚମ୍ପିୟାନସିପ ଉଦଘାଟିତ ହୋଇଯାଇଛି । ଏହା କେନ୍ଦୁଝର ପୋଲିସ ତରଫରୁ ଆୟୋଜନ କରାଯାଇଛି । ପ୍ରଥମ ଥର ପାଇଁ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଶ୍ଚିମା ଅଞ୍ଚଳ ଡ଼ିଆଇଜି ବ୍ରିଜେଶ ରାୟ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର, ରାଉରକେଲା ଏସପି ନୀତିଶ ୱାଦୱାନି, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, କେନ୍ଦୁଝର ଏସପି ନୀତିନ କୁଶଳକର , କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି, କେନ୍ଦୁଝର ରାଜା ଧନୁର୍ଜୟ ଭଞ୍ଜଦେଓ, କେନ୍ଦୁଝର ପ୍ରଶାସନିକ ଅଧିକାରୀ



ଲେଫଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଯୋଗ ଦେଇଥିଲେ । ବହୁଦିନ ବ୍ୟବଧାନ ପରେ କେନ୍ଦୁଝର ଠାରେ ଦ୍ୱିତୀୟ ଥର ପାଇଁ ଏହି କବାଡି ଏବଂ ହ୍ୟାଣ୍ଡବଲ ଚମ୍ପିୟାନସିପ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବାପାଇଁ କେନ୍ଦୁଝର ରିଜର୍ଭ ଗ୍ରାଉଣ୍ଡ ଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ଆଲୋକ ମାଳାରେ ସୁସଜ୍ଜିତ କରିବା ସହ ପ୍ରଥମ ଥର ପାଇଁ ହ୍ୟାଣ୍ଡବଲ ଖେଳାଳିମାନେ ସିନ୍ଥେଟିକ ଗ୍ରାଉଣ୍ଡ ସହ ଫ୍ଲଡ଼ ଲାଇଟରେ ଖେଳିବାର ସୁଯୋଗ ପାଉଥିବା ବେଳେ କବାଡି ପ୍ରତିଯୋଗିତା ପ୍ରଥମଥର ପାଇଁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ଏବଂ ଉନ୍ମାଦନା ପରିଲକ୍ଷିତ ହୋଇଥିଲା ଏଠାରେ ଉଲ୍ଲେଖଯୋଗ୍ୟଯେ ଗତଥର ହ୍ୟାଣ୍ଡବଲରେ ପ୍ରଥମ ବାଟାଲିୟନ, ଢେଙ୍କାନାଳ ଚମ୍ପିୟାନ ହୋଇଥିବା ବେଳେ ଷଷ୍ଠ ବାଟାଲିୟନ କଟକ ରନର୍ସଅପ ଏବଂ କେନ୍ଦୁଝର ପୋଲିସ ତୃତୀୟ ସ୍ଥାନ ଅଧିକାର କରିଥିଲା । ସେହିପରି କବାଡିରେ ଷଷ୍ଠ ବାଟାଲିୟନ, କଟକ ଚମ୍ପିୟାନ ହୋଇଥିବା ବେଳେ ଦେବଗଡ଼ ପୋଲିସ ରନର୍ସଅପ ହୋଇଥିଲା ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଉ'ଟନୀ ଖେଳରେ ହ୍ୟାଣ୍ଡବଲରେ ଆୟୋଜକ କେନ୍ଦୁଝର ଦଳ ଖୋର୍ଦ୍ଧା ବିପକ୍ଷରେ ୧୪-୬ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ସେହିପରି କବାଡିରେ ଗତଥରର ରନର୍ସଅପ ଷଷ୍ଠ ବାଟାଲିୟନ,କଟକ ୩୭ ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଆଇଆର ବାଟାଲିୟନ ରାଏଗଡା ୮ ପଏଣ୍ଟ ହାସଲ କରି ୨୯ ପଏଣ୍ଟରେ ପରାଜିତ ହୋଇଛି ଏବଂ ଷଷ୍ଠ ବାଟାଲିୟନ କଟକ ଏହି ବିଜୟରୁ ପୁରା ପଏଣ୍ଟ ହାସଲ କରିଛି ।

### ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## କେରଙ୍ଗ ଅହମଦିଆ କ୍ଲବ ଚାମ୍ପିଅନ



ଖୋର୍ଦ୍ଧା, ୭।୯ (ସବ୍ୟୁ) : ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଠାରେ ଦୁଇ ଦିବସୀୟ ପ୍ରଥମ ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନା ମ୍ୟାଚ ପାଇକତିଗିରିଆ ଏବଂ କେରଙ୍ଗ ଅହମଦିଆ(ଏ) ମଧ୍ୟରେ ହୋଇଥିଲା । ଖେଳ ଉଭୟ ପକ୍ଷରୁ ବହୁତ ସଂଘର୍ଷ ହୋଇଥିଲା । ଖେଳର ଅନ୍ତିମ ସମୟ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ମାରିପାରିନଥିଲେ । ଫଳରେଟ୍ରାଇବେକର ସହାୟତା ନିଆଯାଇଥିଲା । ଟ୍ରାଇବେକର ମାଧ୍ୟମରେ କେରଙ୍ଗ ଅହମଦିଆ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟାନ ହୋଇଥିଲା । ଏହି ଫାଇନାଲ ଖେଳକୁ ମୁଖ୍ୟ ରେଫେରି ଭାବେ ସଖାଓତ ଅଲ୍ଲୀ ଖାଁ ପରିଚାଳନା କରିଥିବା ବେଳେ ଲାଇନରେ ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା ଓ ସଗିର ଅହମଦ ସାହାଯ୍ୟ କରିଥିଲେ । ମ୍ୟାଚ କମିଶନର ଭାବେ ପ୍ରଶାନ୍ତ କୁମାର ବରାଳ ଦାୟିତ୍ୱ ତୁଲାଇଥିଲେ ।ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦିଆ ମୁସଲିମ ସଂଗଠନର ସଭାପତି ଓସିମ ଅହମଦ ଓ କେରଙ୍ଗ ସରପଞ୍ଚ ମବରୁର ହୁସେନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମଣ୍ଟୁ ନାୟକ, ରହିମ ଖାଁ, ପ୍ରଶାନ୍ତ କୁମାର ବାରିକ, ବାବୁଲା ବେହେରା, ହୃସିକେଶ ବେହେରା ଏବଂ ଇଦ୍ରିସ ଖାଁ ଯୋଗଦେଇଥିଲେ ।ବିଜୟୀ ଦଳକୁ ନଗଦ ରାଶି ୮ ହଜାର ଏବଂ ପରାଜୟ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି ଟୁର୍ଣ୍ଣାମେଣ୍ଟକୁ ଟୁନାବାବୁ ଆଣ୍ଡ ପାର୍ଟି ପରିଚାଳନା କରିଥିବା ବେଳେ ଅମଜାଦ ଖାଁ, ନାସର ଖାଁ, ଦାଉଦ ଖାଁ, ହଜରତ ଅଲ୍ଲି ଖାଁ, ବେଶାରତ ଖାଁ, ଇମ୍ରାନ ଖାଁ, ମୋତାଲିବ ଖାଁ, ୟୁସୁଫ ଖାଁ, ମହମ୍ମଦ ନଇମ, ସେକ ହୁସେନ, ମୋଜିବୁର ଅଲ୍ଲି ଖାଁ ଏବଂ ଅମିର ଅହମଦ ସାହାଯ୍ୟ ଓ ସହଯୋଗ କରିଥିଲେ ।

## ରେକର୍ଡ ଅପେକ୍ଷାରେ ହାର୍ଦ୍ଦିକ



ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଲମ୍ବା ବିଶ୍ରାମ ପରେ ଭାରତୀୟ ଦଳର ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏସିଆ କପ୍ କ୍ରିକେଟ୍ ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଛନ୍ତି ।ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଦୁବାଇରେ କଡା ଅଭ୍ୟାସ ଆରମ୍ଭ କରିଛି । ଗତ ସଂସ୍କରଣରେ ଭାରତ ଏସିଆ କପ୍ ଟାଇଟଲ ହାସଲ କରିଥିଲା । ଏହି ତାରକା ଅଲରାଉଣ୍ଡର ଟି -୨୦ ଇତିହାସରେ ତୃତୀୟ ଖେଳାଳି ଭାବେ ବଡ ଉପଲବ୍ଧି ହାସଲ କରିବାର ନିକଟତର ହୋଇଛନ୍ତି । ୩୨ ବର୍ଷୀୟ ହାର୍ଦ୍ଦିକ ୧୧୪ ଟି ଟି -୨୦ ମ୍ୟାଚରେ ୧୮୨୨ ରନ୍ କରିଛନ୍ତି । ତାଙ୍କ ଷ୍ଟ୍ରାଇକରେଟ୍ ୧୪୧ ରୁ ଉର୍ଦ୍ଧ୍ୱ । ୨୦୦୦ ରନ୍ ପୂରଣ କରିବା ପାଇଁ ତାଙ୍କୁ ଆଉ ୧୭୮ ରନ୍‌ର ଆବଶ୍ୟକତା ରହିଛି । ଏସିଆ କପରେ ସେ ଏହି ରନ୍ ହାସଲ କରିନେବେ ବୋଲି ଆଶା କରାଯାଉଛି । ୧୦୦ ୱିକେଟ୍ ପୂରଣ କରିବା ପାଇଁ ସେ ଆଉ ୬ ଟି ସଫଳତା ପଛରେ ଅଛନ୍ତି । ଟି -୨୦ କ୍ରିକେଟ୍‌ର ଦୁଇଜଣ ଖେଳାଳି ୨୦୦୦ ରନ୍ ୧୦୦ ୱିକେଟ୍ ନେଇଛନ୍ତି । ବାଂଲାଦେଶର ସାକିବ୍ ଅଲ୍ ହାସଲ ୨୫୫୧ ରନ୍ ସହ ୧୪୯ ୱିକେଟ୍ ନେଇ ତାଲିକାର ଶୀର୍ଷରେ ରହିଛନ୍ତି । ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ୨୨୪୬ ରନ୍ ଓ ୧୦୧ ୱିକେଟ୍ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ହାର୍ଦ୍ଦିକ ତୃତୀୟ ଖେଳାଳି ଭାବେ ଏହି କୀର୍ତ୍ତିମାନର ଅଧିକାରୀ ହେବାକୁ ଯାଉଛନ୍ତି ।

### ବିଶ୍ୱ ପାରା ଫେନସିଙ୍ଗ୍ ଚାମ୍ପିଅନସିପ୍

## ଖାଲି ହାତରେ ଫେରିଲା ଭାରତ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଦ. କୋରିଆର ଇକ୍‌ସାନ୍‌ରେ ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଫୋଲି ଓ ମହିଳା ସାବ୍ରେ ଦଳ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ପଦକ ଜିତିପାରିନାହାଁନ୍ତି । ପୁରୁଷ ଦଳ ଖେଳିଥିବା ୪ ଟି ମ୍ୟାଚରେ ଭଲ କରିଥିଲା । କିନ୍ତୁ ଅଳ୍ପ ପଏଣ୍ଟ ବ୍ୟବଧାନରେ ଦଳ ପରାଜିତ ହୋଇଥିଲା । ପ୍ରଥମ ମ୍ୟାଚରେ ଇରାକ ନିକଟରୁ ୪୦-୪୫ , ବ୍ରାଜିଲଠାରୁ ୪୪-୪୫, ହଙ୍ଗକଙ୍ଗଠାରୁ ୪୫-୪୧ ପରାଜିତ ହୋଇଥିଲା । ସେହିଭଳି ମହିଳା ସାବ୍ରେ ଦଳ ହଙ୍ଗକଙ୍ଗଠାରୁ ୨୬ -୪୫ , ହଙ୍ଗେରିଠାରୁ ୩୫-୪୫ ଏବଂ ଫ୍ରାନ୍ସ ଠାରୁ ୩୯-୪୫ ବ୍ୟବଧାନରେ ପରାଜିତ ହୋଇଥିଲା ।



## ଦ୍ୱିତୀୟ ରାଜ୍ୟ ଓପନ୍ ସ୍କୁଲ ଚେସ୍ : ସତ୍ୟମ ବିଜେତା




ଭୁବନେଶ୍ୱର : ପୋଖରୀପୁଟ ଡିଏଭି ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟ ରାଜ୍ୟ ସ୍କୁଲ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଚାମ୍ପିଅନ ହୋଇଛନ୍ତି। ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟ, ଆୟଭ ନାଥ ମହାନ୍ତି ତୃତୀୟ, ପ୍ରାଂଶୁ ଦାସ ଚତୁର୍ଥ, ଆକର୍ଷ ପ୍ରକାଶ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ତଥା ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଡିଏଭି ପୋଖରୀପୁଟର ସୀତାକାନ୍ତ ପତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମେହେରା, ସ୍କୁଲର କ୍ରିଡା ଶିକ୍ଷକ, ପୂର୍ଣ୍ଣିମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସେରନାଙ୍କ ରେକର୍ଡର ସମକକ୍ଷ ହେଲେ ସାବାଲେଙ୍କା




ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଆୟାନା ସାବାଲେଙ୍କା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି । ଶନିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ସାବାଲେଙ୍କା ବେଶ୍ ଚମତ୍କାର ଭାବେ ଆମନ୍ଦା ଆନିଶିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରିଥିଲେ । ଫାଇନାଲ ଜିତିବାକୁ ସାବାଲେଙ୍କାଙ୍କୁ ୧ ଘଣ୍ଟା ୩୪ ମିନିଟ୍ ସମୟ ଲାଗିଥିଲା । ଏହା ତାଙ୍କ ଟେନିଂ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ । ସେ ଦୁଇଥର ୟୁଏସ୍ ଓପନ୍ ଓ ଦୁଇଥର ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ । ୨୦୨୩ ଓ ୨୦୨୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ । ୨୦୨୪ ରେ ୟୁଏସ୍ ଓପନ୍ । ୨୦୨୫ରେ ମଧ୍ୟ ୟୁଏସ୍ ଓପନ୍ ଟାଇଟଲ୍ ନିଜ ପାଖରେ ରଖିବାକୁ ସାବାଲେଙ୍କା ସକ୍ଷମ ହୋଇଛନ୍ତି ।ଏହି ବିଜୟ ସହ ସାବାଲେଙ୍କା ୧୧ ବର୍ଷ ପୁରୁଣା ସେରେନା ୱିଲିୟମସ୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ୨୦୧୪ରେ ସେରେନା ନିଜର ୟୁଏସ୍ ଓପନ୍ କ୍ରାଉନକୁ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଥିଲେ । ସାବାଲେଙ୍କା ସମାନ ସଫଳତା ନିଜ ନାଁରେ କରିଛନ୍ତି । ଉଭୟ ୱିମ୍ବଲଡନ୍ ଓ ଫ୍ରେଞ୍ଚ ଓପନ୍‌ରେ ସାବାଲେଙ୍କାଙ୍କୁ ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ଏଥର ସେ ଫାଇନାଲରେ ଜମାଣିଆ ପ୍ରଦର୍ଶନ ସହ ଟାଇଟଲ ଜିତିପାରିଛନ୍ତି । ଏଥିସହ ବେଲାରୁଷର ଏହି ଟେନିଂ ସୁନ୍ଦରୀ ଜଣକ ୱିମ୍ବଲଡନ ସେମିଫାଇନାଲ ପରାଜୟର ମଧୁର ପ୍ରତିଶୋଧ ଆନିସିମୋଭାଙ୍କ ଠାରୁ ନେଇଛନ୍ତି ।୨୪ ବର୍ଷୀୟ ଆମେରିକାର ଆନିସିମୋଭା ଦ୍ୱିତୀୟ ଥର ପାଇଁ ଚଳିତ ବର୍ଷ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜିତ ହୋଇଛନ୍ତି । ଏହା ପୂର୍ବରୁ ସେ ୱିମ୍ବଲଡନରେ ଫାଇନାଲରେ ଇଗା ସ୍ୱିଟେକ୍‌ଙ୍କ ଠାରୁ ପରାଜିତ ହୋଇଥିଲେ । ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୪ ନଂ ସ୍ଥାନକୁ ଉଠିଥିଲେ । ଏବେ ତାଙ୍କୁ ୟୁଏସ୍ ଫାଇନାଲରେ ସାବାଲେଙ୍କାଙ୍କୁ ପରାସ୍ତ ହେବାକୁ ପଡିଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି